R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୭
ତିଥି : ଷଷ୍ଠୀ
୨୨ ଅକ୍ଟୋବର ୨୦୨୪, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

# ଭଦ୍ରକ-କେନ୍ଦ୍ରାପଡ଼ାରେ ମାଡ଼ ହେବ 'ଦାନା'!

ଭୁବନେଶ୍ୱର, ୨୧।୧୦ (ସବ୍ୟୁ) : ସମୁଦ୍ରରେ ବଳ ଗୋଟାଉଛି ସମ୍ଭାବ୍ୟ ବାତ୍ୟା 'ଦାନା'। ଏବେ ସୁଦୃଶ୍ୟ ଲଘୁଚାପ ରୂପ ନେଇଛି। ୨୨ରେ ଅବପାତରେ ପରିଣତ ହେବା ପରେ ୨୩ରେ ବାତ୍ୟା ରୂପ ନେବ। ଉତ୍ତର ଓଡ଼ିଶାରେ ବେଶୀ ପ୍ରଭାବ ପକାଇବ। ୨୪ ସନ୍ଧ୍ୟାରୁ ୨୫ ତାରିଖ ସକାଳ ସୁଦ୍ଧା ଭୀଷଣ ବାତ୍ୟାରେ ଭଦ୍ରକରୁ କେନ୍ଦ୍ରାପଡ଼ାରେ ସିଧା ମାଡ଼ ହେବ। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୧୨୦ ରହିବ। ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବଡ଼ ବଡ଼ ଜୁଆର ମାଡ଼ି ଆସିବ।



ପାଣିପାଗ ବିଭାଗର କହିବା ଅନୁଯାୟୀ, ସମ୍ଭାବ୍ୟ ବାତ୍ୟା ଦାନା ଏବେ ଏକ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ଭାବେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବସ୍ଥିତ ଅଛି। ଏହା ଆସନ୍ତାକାଲି(ମଙ୍ଗଳବାର) ସକାଳ ସୁଦ୍ଧା ଅବପାତ ଓ ୨୩ ତାରିଖରେ ସାଇକ୍ଲୋନିକ ଷ୍ଟର୍ମ(ବାତ୍ୟା)ରେ ପରିଣତ ହେବ। ଏହା ଏକ ସିଭିୟର ସାଇକ୍ଲୋନିକ ଷ୍ଟର୍ମ (ଭୀଷଣ ବାତ୍ୟା) ଭାବେ ଏହା ୨୪ ତାରିଖ ସକାଳେ ଉତ୍ତର ବଙ୍ଗୋପସାଗରରେ ପହଞ୍ଚିବ। ତା'ପରେ ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ୨୪ ତାରିଖ ରାତିରୁ ୨୫ ତାରିଖ ସକାଳ ମଧ୍ୟରେ ଓଡ଼ିଶାର ଭଦ୍ରକରୁ କେନ୍ଦ୍ରାପଡ଼ା ମଧ୍ୟରେ ଉପକୂଳକୁ ଅତିକ୍ରମ କରିବ। ଯେତେବେଳେ ଏହା ଉପକୂଳ ଅତିକ୍ରମ କରିବ, ସେତେବେଳେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୨୦ କିଲୋମିଟର ରହିବାର ସମ୍ଭାବନା ରହିଛି।

୨୫ ତାରିଖ ଯାଏ ସମୁଦ୍ର ଅଶାନ୍ତ ରହିବ। ୨୬ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଓଡ଼ିଶା ଉପକୂଳରେ ୨୩ ତାରିଖରୁ ବର୍ଷା ଆରମ୍ଭ ହୋଇପାରେ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହେବା ସହିତ ପ୍ରବଳ ବର୍ଷା ହୋଇପାରେ। କିନ୍ତୁ ୨୪ ଓ ୨୫ ତାରିଖରେ ସବୁଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଉତ୍ତର ଓଡ଼ିଶାର ଉପକୂଳବର୍ତ୍ତୀ (୯ ପୃଷ୍ଠାରେ)

- ଉତ୍ତର ଓଡ଼ିଶାରେ ବେଶୀ ପ୍ରଭାବ ପକାଇବ
- ୨୩ରୁ ପବନ ବଢ଼ିବ, ୨୪ରେ ଭାରି ବର୍ଷା
- ୨୪ ସନ୍ଧ୍ୟାରୁ ୨୫ ସକାଳ ସୁଦ୍ଧା ଭୀଷଣ ବାତ୍ୟାର ଲ୍ୟାଣ୍ଡଫଲ
- ୧୦୦ରୁ ୧୨୦ କିମି ବେଗରେ ସ୍ଥଳଭାଗ ଛୁଇଁବ
- ଉପକୂଳରେ ସମୁଦ୍ର ଜୁଆର ମାଡ଼ି ଆସିବା ଆଶଙ୍କା

## ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ସ୍ଥଗିତ

ଭୁବନେଶ୍ୱର, ୨୧।୧୦ (ସବ୍ୟୁ) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆସନ୍ତା ୨୩ ଓ ୨୫ ତାରିଖ ଓଡ଼ିଶା ଗସ୍ତ ସ୍ଥଗିତ ରଖାଯାଇଛି। ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଆଖି ଆଗରେ ରଖି ଏପରି ନିଷ୍ପତ୍ତି ନିଆଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ଦୁଇ ଦିନିଆ ଗସ୍ତ ସମୟରେ ମୟୁରଭଞ୍ଜର ବାଙ୍ଗିରିପୋଷି, ଉପରବେଡ଼ା, ରାଇରଙ୍ଗପୁର, ପୁରୀ ଓ ଭୁବନେଶ୍ୱରରେ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମରେ ଯୋଗଦାନ କରିଥାନ୍ତେ।

## ଜିରୋ କାଜୁଆଲ୍‌ଟି ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୨୧।୧୦ (ସବ୍ୟୁ) : ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି 'ଜିରୋ କାଜୁଆଲ୍ଟି' ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଛନ୍ତି। ଏହା ସହିତ ସମସ୍ତ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳକୁ ଚିହ୍ନଟ କରି ବିପଦଶଙ୍କୁଳ ଅଞ୍ଚଳରୁ ଲୋକଙ୍କୁ ଶତପ୍ରତିଶତ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଜି ପୂର୍ବାହ୍ନ ୧୧ଟା ୩୦ ମିନିଟ୍ରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହା ଅକ୍ଟୋବର ୨୪ ତାରିଖ ସକାଳ ସୁଦ୍ଧା ପୁରୀ ଓ ସାଗରଦ୍ୱୀପ ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ଅଛି। ୧୦୦ରୁ ୧୧୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ଅଛି।

ବୈଠକ ପରେ ଗଣମାଧ୍ୟମକୁ ମନ୍ତବ୍ୟ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବାତ୍ୟା ପାଇଁ କେହି ଭୟଭୀତ ହେବାର ଆବଶ୍ୟକତା ନାହିଁ। ବାତ୍ୟାପାଇଁ ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି। ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ୍ ଓ ଏନଡିଆରଏଫ ଟିମ୍ ସମସ୍ତେ ପ୍ରସ୍ତୁତ ଅଛନ୍ତି।

ବୈଠକରେ ମୁଖ୍ୟମନ୍ତ୍ରୀ, ବାତ୍ୟା ଯେପରି ବିଦ୍ୟୁତ, ପାଣି ଓ ଟେଲି ଯୋଗାଯୋଗ ପରି ମୌଳିକ ସେବା ତୁରନ୍ତ କାର୍ଯ୍ୟକ୍ଷମ ହେବ, ସେଥିପାଇଁ ଆଗୁଆ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଥିଲେ। ଡାକ୍ତରଖାନା ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଗୁଡିକରେ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। କଳାବଜାରୀଙ୍କ ଉପରେ ନଜର ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ବିଭିନ୍ନ ଜିଲ୍ଲା ମଧ୍ୟରେ ସମନ୍ୱୟ ରଖି ପ୍ରଭାବିତ ନ ହୋଇଥିବା ଅଞ୍ଚଳରୁ ଯେପରି ପନିପରିବା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଆସିପାରିବ, ସେଥିପ୍ରତି ଧ୍ୟାନ ଦେବାକୁ ସେ



ଆଶ୍ରୟସ୍ଥଳୀ ଗୁଡିକରେ ଆବଶ୍ୟକୀୟ ଖାଦ୍ୟ ପଦାର୍ଥ, ପିଇବା ପାଣି, ଆବଶ୍ୟକୀୟ ଔଷଧ, ଶିଶୁ ଖାଦ୍ୟ ତୁରନ୍ତ ମହଜୁଦ ରଖିବା ସହିତ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ବାତ୍ୟାର ତୁରନ୍ତ ପରେ ବିଭିନ୍ନ ରାସ୍ତା ଘାଟରେ ଅବରୋଧ ଦୂର କରି

- ଦର ନିୟନ୍ତ୍ରଣ, କଳାବଜାରୀ ଉପରେ ନଜର ରଖିବାକୁ ନିର୍ଦ୍ଦେଶ
- ନିରାପଦ ସ୍ଥାନକୁ ଶତ ପ୍ରତିଶତ ସ୍ଥାନାନ୍ତର, ପ୍ରଶାସନକୁ ପ୍ରସ୍ତୁତ ରଖାଯାଇଛି

ବାତ୍ୟା ସମୟରେ ଏବଂ ପରେ ଅତ୍ୟାବଶ୍ୟକ ସାମଗ୍ରୀର ଯେପରି ଦର ବୃଦ୍ଧି ନହୁଏ, ସେଥିପାଇଁ ପରାମର୍ଶ ଦେଇଥିଲେ।

କୃଷି ବିଭାଗକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ (୯ ପୃଷ୍ଠାରେ)

## ବାତ୍ୟା ମୁକାବିଲା ଲାଗି ପ୍ରଶାସନିକ ପ୍ରସ୍ତୁତି ଜୋରଦାର

ଭୁବନେଶ୍ୱର, ୨୧।୧୦ (ସବ୍ୟୁ) : ସମ୍ଭାବ୍ୟ ବାତ୍ୟା 'ଦାନା'କୁ ନେଇ ବିଭିନ୍ନ ବିଭାଗ ପକ୍ଷରୁ ସମୀକ୍ଷା ଜୋରଦାର କରାଯାଇଛି। ବାତ୍ୟାର ପୂର୍ବ ପ୍ରସ୍ତୁତି ନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କୃଷି ଓ ଶକ୍ତି ବିଭାଗର ପ୍ରାକ୍ ପ୍ରସ୍ତୁତି ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଓଡ଼ିଶାର ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଆମର ଉତ୍ତରଦାୟିତ୍ୱ ଓ ଆମର ସର୍ବୋଚ୍ଚ ପ୍ରାଥମିକତା। ସମସ୍ତେ ସଜାଗ ରୁହନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ ବୋଲି ଶ୍ରୀ ସିଂହଦେଓ କହିଛନ୍ତି।



ସେହିଭଳି କୃଷି ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀମାନେ ଆଭାଷୀ ମାଧ୍ୟମରେ ବୈଠକରେ ଯୋଗ ଦେଇଛନ୍ତି। ଆତଙ୍କିତ ନହୋଇ ସତର୍କ ତଥା ପ୍ରସ୍ତୁତ ରହିବା ଓ ବାତ୍ୟା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ପରାମର୍ଶ ଦିଆଯାଇଛି। ଯେ କୌଣସି ପ୍ରକାର ସମସ୍ୟା ଆସିଲେ ମଧ୍ୟ ତାହାର ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସହାୟତା ଯୋଗାଇବା ପାଇଁ କୃଷିଭବନ ତଥା ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍ କାର୍ଯ୍ୟ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସବୁ ଅଧିକାରୀଙ୍କ ଛୁଟିକୁ ବାତିଲ୍ କରାଯାଇଛି। ୨୫ ତାରିଖ ପର୍ଯ୍ୟନ୍ତ ଅଧିକାରୀ ଛୁଟି ନନେବାକୁ ପରାମର୍ଶ ଦିଆଯାଇଥିବାବେଳେ ଫସଲ ସମ୍ବନ୍ଧୀୟ ଯେ କୌଣସି ପରାମର୍ଶ ପାଇଁ ଚାଷୀମାନେ କୃଷକ ସମୃଦ୍ଧ ହେଲ୍ପଲାଇନ୍ ଓ ସୋସିଆଲ ମିଡିଆ ସହାୟତା ନେବାକୁ କୁହାଯାଇଛି। ବିଶେଷକରି ଅମଳ କ୍ଷମ ଧାନ, ମକା, କପା, ମାଣ୍ଡିଆ, ରବିଜାତୀୟ ପନିପରିବା ଚାଷର ସ୍ଥିତି ଓ ଏହାର ସୁରକ୍ଷା ନେଇ କୃଷି ନିର୍ଦ୍ଦେଶକ ଅଧିକାରୀଙ୍କୁ ଅବଗତ କରାଇଥିଲେ।

- ପ୍ରତ୍ୟେକ ନାଗରିକଙ୍କର ସୁରକ୍ଷା ସୁନିଶ୍ଚିତ : କେଭି ସିଂହଦେଓ
- ୨୩ ସୁଦ୍ଧା ଆସିବ ହେଲିକପ୍ଟର : ରାଜସ୍ୱମନ୍ତ୍ରୀ
- ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଗଲା
- ୨୩ ରୁ ୨୫ ଯାଏ ୧୪ ଜିଲ୍ଲାରେ ସ୍କୁଲ ବନ୍ଦ

ସେହିଭଳି ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କ ସହ ସମୀକ୍ଷା କରିଛନ୍ତି। ୨୩ ତାରିଖ ସୁଦ୍ଧା ବାତ୍ୟା ମୁକାବିଲା ଲାଗି ହେଲିକେପ୍ଟର ଆସିବ ବୋଲି ସେ କହିଛନ୍ତି। ଏହାଛଡା ଜିଲ୍ଲାପାଳମାନେ ସେମାନଙ୍କ ଅଞ୍ଚଳର ସ୍ଥିତିକୁ ଦେଖି ସ୍କୁଲ ଛୁଟି କରିପାରିବେ ବୋଲି କୁହାଯାଇଛି। ଆଦୌ ବିଚଳିତ ନହେବାକୁ ରାଜସ୍ୱ ମନ୍ତ୍ରୀ ନିବେଦନ କରିଛନ୍ତି। ବାତ୍ୟା ସମ୍ପର୍କିତ ସୂଚନା ପାଇଁ ରାଜ୍ୟ ସରକାର ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍ ଖୋଲିଛନ୍ତି। ଆଶ୍ରୟସ୍ଥଳୀକୁ ଯଦି ଲୋକ ଆଗୁଆ ଆସିବେ, ସେମାନେ ଭାବନ୍ତି ଯେ ଘରେ ଚୋରି ହୋଇଯିବ। ଏହାକୁ ନଜର ରଖିବା ପାଇଁ ପୋଲିସ ପାଟ୍ରୋଲିଂ କରିବେ ଓ ଜଗିବାକୁ କୁହାଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ବିଦ୍ୟୁତ୍ ବିଭ୍ରାଟ ଆଶଙ୍କା ଥିବାରୁ କିଭଳି ଭାବରେ ନୀରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇ ଦିଆଯାଇପାରିବ ସେନେଇ ଚିନ୍ତ କରାଯାଇଛି। ପୁରୀରେ ଥିବା ଶ୍ରଦ୍ଧାଳୁମାନଙ୍କୁ ମଧ୍ୟ ପରାମର୍ଶ (୯ ପୃଷ୍ଠାରେ)

### ଭାରତ-ଚୀନ୍ ମଧ୍ୟରେ ସହମତି

## ଏଲ୍ଏସିରେ ପୁଣି ହେବ ପାଟ୍ରୋଲିଂ

ନୂଆଦିଲ୍ଲୀ, ୨୧।୧୦ : ଭାରତ ଓ ଚୀନ୍ ମଧ୍ୟରେ ଦୀର୍ଘଦିନରୁ ଚାଲିଥିବା ସୀମା ବିବାଦ ନେଇ ହେଉଥିବା କୂଟନୈତିକ ଆଲୋଚନାରେ ସକରାତ୍ମକ ଫଳ ଦେଖିବାକୁ ମିଳିଛି। ପୂର୍ବ ଲଦାଖର ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ ବନ୍ଦ ରହିଥିବା ପାଟ୍ରୋଲିଂ ଆରମ୍ଭ କରିବାକୁ ଦୁଇ ଦେଶ ମଧ୍ୟରେ ସହମତି ହୋଇଛି। ଭାରତୀୟ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ଏହି ଘୋଷଣା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଋଷ୍‌ରେ ୧୬ତମ ବ୍ରିକ୍ ସମ୍ମିଳନୀରେ ଯୋଗଦେବାକୁ ଆଜି ଗସ୍ତ କରିଛନ୍ତି। ଆସନ୍ତାକାଲି ଠାରୁ ଏହି ସମ୍ମିଳନୀ ହେବ। ଏହା ପୂର୍ବରୁ ଦୁଇ ଦେଶ ମଧ୍ୟରେ ବିବାଦ ଶେଷ କରିବାକୁ ସହମତି ପ୍ରକାଶ ପାଇଥିବା ଖବର ଆସିଛି। ବ୍ରିକ୍ ସମିଟ୍‌ରେ ପ୍ରଧାନମନ୍ତ୍ରୀ ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ ସହ ଆଲୋଚନା କରିପାରନ୍ତି ବୋଲି



କୁହାଯାଉଛି। ଶ୍ରୀ ମିଶ୍ରି କହିଛନ୍ତି ଯେ ଗତ କିଛି ସପ୍ତାହ ହେବ କୂଟନୈତିକ ସ୍ତରରେ ଆଲୋଚନା ହୋଇଥିଲା। ଉଭୟେ କୂଟନୈତିକ ଓ ସାମରିକ ସ୍ତରରେ ବୁଝାମଣା କରାଯାଇ ପାଟ୍ରୋଲିଂ ବ୍ୟବସ୍ଥା ଲାଗି ପ୍ରକାଶ ପାଇଛି। ୨୦୨୦ରୁ ସୀମାନ୍ତ ଅଞ୍ଚଳରେ ସୃଷ୍ଟି ହୋଇଥିବା ସ୍ଥିତିର ସମାଧାନ ଲାଗି ଗୋଟେ ସଂକଳ୍ପ ମଧ୍ୟ ଆସୁଛି। ଦ୍ୱିପାକ୍ଷିକ ଆଲୋଚନାର ସମୟ ଓ ବିଷୟବସ୍ତୁଗୁଡିକ ଉପରେ ପରସ୍ପର କଥା ହୋଇଛୁ। ତେବେ ଦ୍ୱିପାକ୍ଷିକ ଆଲୋଚନା ହେବ କି ନାହିଁ ସେ ସମ୍ପର୍କରେ ଶ୍ରୀ ମିଶ୍ର କିଛି କହିନାହାନ୍ତି। ଜୁନ୍ ୨୦୨୦ରେ ପୂର୍ବ ଲଦାଖର ଗଲୱାନ ଭାଲିରେ ଭାରତ ଓ ଚୀନ୍ ସେନା ମଧ୍ୟରେ ସଂଘର୍ଷ ହୋଇଥିଲା। ଏହାପରଠାରୁ ସୀମାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗତମାସରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର କହିଥିଲେ ଯେ ଚୀନ୍ ସହ ଥିବା ସୀମା ବିବାଦର ୭୫% ପ୍ରାୟ ସମାଧାନ ହୋଇଯାଇଛି। ଉଭୟ ଦେଶ ସ୍ଥିତିର ସମାଧାନ ହେବା ଜରୁରୀ ବୋଲି ମତ ଦେଇଥିଲେ।

## ବିଦେଶରେ ଚାକିରି ନାଁରେ ୩ କୋଟି ଠକେଇ

ବାଲେଶ୍ୱର, ୨୧।୧୦ (ସବ୍ୟୁ) : ବିଦେଶରେ ଚାକିରି କରିଦେବେ କହି ଭିସା ତଥା ଫ୍ଲାଇଟ ଭଡ଼ା ନାମରେ ଏକ ଠକ୍ ସଂସ୍ଥା ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରି ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରୁ ରାତାରାତି ଉଭାନ ହୋଇଯାଇଛି।ଘଟଣାଟି ଜଳେଶ୍ୱର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଠକେଇର ଶିକାର ହୋଇଥିବା ଯୁବକମାନେ ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳର ବୋଲି ଜଣାପଡ଼ିଛି। ଏନେଇ ୩୦ରୁ ଊର୍ଦ୍ଧ୍ୱ ଯୁବକ ସୋମବାର ଦିନ ଜଳେଶ୍ୱର ଥାନାରେ ଦ୍ୱାରସ୍ଥ ହୋଇଛନ୍ତି।

ବିବରଣୀରୁ ପ୍ରକାଶ ଯେ ଜଳେଶ୍ୱର ହସ୍ପିଟାଲ ରୋଡ଼ରେ ବର୍ଷା ମ୍ୟାନ ପାୱାର କନଷ୍ଟଲନ୍ସି ନାମରେ ଏକ ଅଫିସ ଖୋଲା ଯାଇଥିଲା। ଏହି ଅଫିସ ବିଦେଶରେ ଆତ୍ମ ନିଯୁକ୍ତି ପାଇବାକୁ ଚାହୁଁଥିବା ଯୁବକଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସାମାଜିକ ଗଣମାଧ୍ୟମ ରେ ଲୋଭନୀୟ ପ୍ରଚାର ଚଳାଇଥିଲା।ଏହି ପ୍ରଚାରକୁ ବିଶ୍ୱାସ କରି ଓଡିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଅଞ୍ଚଳର ବହୁ ଯୁବକ ଗତ ଅଗଷ୍ଟ ମାସରେ ଜଳେଶ୍ୱର ସ୍ଥିତ ଅଫିସକୁ ଆସିଥିଲେଛ ଏଠାରେ ଏଚଆର ମ୍ୟାନେଜର ସେଖ ରହେମାନ,ଅଭୟ ସିଂ, ପତରୁ ଯାଦବ ନାମକ ତିନି ଜଣ ଅଫିସ ବିଅରରଙ୍କୁ ସାକ୍ଷାତ କରିଥିଲେ। ପାସପୋର୍ଟ ଦେଲେ ଆଗ୍ରହୀ ଯୁବକ ମାନଙ୍କୁ ଇରାକ, ତୁର୍କୀ ଓ ଯୋଡେନ ପ୍ରଭୃତି ଦେଶରେ ମୋଟା ଅଙ୍କର ଦରମାରେ ଆତ୍ମନିଯୁକ୍ତି ମିଳିବ ବୋଲି କୁହା ଯାଇଥିଲା।ଭିସା ଓ ଯାତାୟାତ ଖର୍ଚ୍ଚ ପାଇଁ ଜଣେ ଜଣେ ଆଗ୍ରହୀ ପ୍ରାର୍ଥୀଙ୍କୁ ୭୫ ହଜାର ରୁ ୧ ଲକ୍ଷ ଟଙ୍କା ଯାଏଁ ଦେବାକୁ ପଡ଼ିବ ବୋଲି ଅଫିସ ବିଅରରମାନେ ସୂଚନା ଦେଇଥିଲେ। ଯୁବକମାନେ ସେମାନଙ୍କ କଥାକୁ ବିଶ୍ୱାସ କରି ଅଫିସରେ ପାସପୋର୍ଟ ଦେବା ସହ (୯ ପୃଷ୍ଠାରେ)

### ସରକାରୀ କର୍ମଚାରୀଙ୍କ

## ଡିଏ ୩% ବୃଦ୍ଧି

ଭୁବନେଶ୍ୱର, ୨୧।୧୦ (ସବ୍ୟୁ) : ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା (ଡିଏ)ରେ ତିନି ପ୍ରତିଶତ ବୃଦ୍ଧି ବିଷୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୦ ପ୍ରତିଶତରୁ ୫୩ ପ୍ରତିଶତକୁ ବୃଦ୍ଧି ପାଇଲା। ଏହା ଜୁଲାଇ ପହିଲା ୨୦୨୪ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ମାସ ଦରମାରେ ନଗଦ ଆକାରରେ ମିଳିବ।

ଏହା ସହିତ ପେନ୍ସନଭୋଗୀ ମାନଙ୍କ ଟି.ଆଇ ରେ ମଧ୍ୟ ତିନି ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଅକ୍ଟୋବର ମାସ ପେନ୍ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢେ ସାତ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

### ଆବେଦନକାରୀଙ୍କୁ ସୁପ୍ରିମ୍‌କୋର୍ଟଙ୍କ ପ୍ରଶ୍ନ

## ଭାରତ ଧର୍ମନିରପେକ୍ଷ ରହୁ, କ'ଣ ଚାହୁଁନ

ନୂଆଦିଲ୍ଲୀ, ୨୧।୧୦ : ଧର୍ମନୀରପେକ୍ଷତା, ସମାଜବାଦ ସମ୍ବିଧାନର ମୂଳ ଢ଼ାଞ୍ଚାର ଏକ ଅଂଶ ବିଶେଷ। ଏହା ମଧ୍ୟ ସମ୍ବିଧାନର ମୁଖବନ୍ଧରେ ଲିପିବଦ୍ଧ ହୋଇ ରହିଛି। ଭାରତ ଧର୍ମନିରପେକ୍ଷ ରାଷ୍ଟ୍ର ହେଉ, ଏହା କ'ଣ ଆପଣ ଚାହୁଁନାହାନ୍ତି ବୋଲି ଆଜି ସୁପ୍ରିମ୍‌କୋର୍ଟ ପ୍ରଶ୍ନ କରିଛନ୍ତି। ବିଜେପି ନେତା ସୁବ୍ରମଣ୍ୟମ୍ ସ୍ୱାମୀ, ବଳରାମ ସିଂ ନାମକ ଜଣେ ବ୍ୟକ୍ତି ଭାରତୀୟ ସମ୍ବିଧାନର ୪୨ତମ ସଂଶୋଧନକୁ ବିରୋଧ କରିଥିଲେ। ଏହି ସଂଶୋଧନ ଜରୁରୀକାଳିନ ପରିସ୍ଥିତିରେ ପୂର୍ବ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ନେତୃତ୍ୱାଧୀନ ସରକାର ଏହା କରିଥିଲେ। ଏହାକୁ ଉଭୟେ ଚ୍ୟାଲେଞ୍ଜ କରିଥିଲେ। ଏନେଇ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ସମ୍ବଳିତ ମାମଲାର ଶୁଣାଣି କରି ସୁପ୍ରିମ୍‌କୋର୍ଟ ଏଭଳି କହିଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ୍ ପିବି ସଞ୍ଜୀବ କୁମାର ଏହି ମାମଲାରେ କହିଛନ୍ତି ଯେ ୧୯୭୬ରେ ସମ୍ବିଧାନର



୪୨ତମ ସଂଶୋଧନରେ ଯେଉଁ ପରିବର୍ତ୍ତନ କରାଗଲା ତାହା ସଂସଦରେ ବିତର୍କ ହୋଇନାହିଁ।

ଜଷ୍ଟିସ୍ ଖାନ୍ନା କହିଛନ୍ତି ଯେ ଯେଉଁ ଶବ୍ଦଗୁଡିକ ଉପରେ ଆପତ୍ତି ଉଠାଉଛନ୍ତି ଏହି ଉଭୟ ଶବ୍ଦ ବିପରିତ ମତ ରଖୁଛି। ଯଦି କୋର୍ଟ ଏହାକୁ ପୁନର୍ବାର ଘୋଷଣା କରିବ ଏହା ସମ୍ବିଧାନର ମୌଳିକ ଢ଼ାଞ୍ଚା ଉପରେ ପ୍ରଭାବ ପକାଇବ। କୋର୍ଟରେ ଏମିତି ଅନେକ ରାୟ ରହିଛି ଯାହା ଦର୍ଶାଉଛି ଧର୍ମ ନୀରପେକ୍ଷତା ସବୁବେଳେ ସମ୍ବିଧାନର ମୌଳିକ ଢ଼ାଞ୍ଚାର ଅଂଶବିଶେଷ ହୋଇ ରହିଥିଲା। ଯଦି ଜଣେ ସମାନତା ଅଧିକାର, ସମ୍ବିଧାନରେ ଉଲ୍ଲେଖ ଭାଇଚାରା, ସମ୍ବିଧାନର ତୃତୀୟ ଭାଗରେ ରହିଥିବା ସବୁ ମୌଳିକ ଅଧିକାରକୁ ତର୍ଜମା କରିବ ସେଥିରୁ ସ୍ପଷ୍ଟ ସଙ୍କେତ ମିଳିବ ଯେ ଧର୍ମ ନିରପେକ୍ଷ ସମ୍ବିଧାନ ମୌଳିକ ଢ଼ାଞ୍ଚାରେ ରହିଛି। ଭାରତ ଫ୍ରେଞ୍ଚ ମଡେଲ ଧର୍ମ ନୀରପେକ୍ଷତାକୁ ଆପଣାଇ ନାହିଁ। ଭାରତର ଧର୍ମ ନୀରପେକ୍ଷତା ନୂଆ ମଡେଲ ଗ୍ରହଣ କରିଛି। ଜଷ୍ଟିସ୍ ଖାନ୍ନା କହିଛନ୍ତି ଯେ ସମାଜବାଦର ଅର୍ଥ ସମସ୍ତଙ୍କୁ ସମାନ ସୁଯୋଗ ଓ ଦେଶର ସମ୍ପତ୍ତି ସମସ୍ତଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିବାକୁ ସୂଚାଉଛି। ଏହାର ପଶ୍ଚିମାଭିମୁଖ୍ୟ ଅର୍ଥକୁ ବିଚାର କରାନଯାଉ। ଆଇନଜୀବୀ ଅଶ୍ୱନୀ ଉପାଧ୍ୟାୟ ଜରୁରୀକାଳିନ (୯ ପୃଷ୍ଠାରେ)



# କମାନ୍ତୁ ଚର୍ବି

**ସୁସ୍ଥ ରହିବାର ସବୁଠାରୁ ଭଲ ଉପାୟ ହେଲା ବ୍ୟାୟାମ । ତେବେ ପ୍ରତ୍ୟେକ ଅଙ୍ଗ ପାଇଁ ଭିନ୍ନଭିନ୍ନ ବ୍ୟାୟାମ ରହିଛି । ସବୁଦିନ ସେହି ବ୍ୟାୟାମ କରିବା ଫଳରେ ଆମର ବିଭିନ୍ନ ଅଙ୍ଗରେ ଆଉ ମାଂସ ଲାଗି ନଥାଏ । ସେହିଭଳି କିଛି ସରଳ ବ୍ୟାୟାମ ରହିଛି ଯାହାକୁ କରିବା ଦ୍ୱାରା ଆମର ବାହୁ ବା ହାତରେ ଯମୁଥିବା ଚର୍ବିରୁ ମୁକ୍ତି ମିଳିବ ।**

**ୱାର୍ମ ଅପ୍ –** ଯେ କୌଣସି ବି ବ୍ୟାୟାମ ହେଉ ଏହା ପୂର୍ବରୁ ୱାର୍ମ ଅପ କରିବାର ଆବଶ୍ୟକତା ରହିଛି । ପ୍ରଥମେ ଆପଣଙ୍କୁ ନିଜ ଶରୀରକୁ ଏଥିପାଇଁ ପ୍ରସ୍ତୁତ କରିବାକୁ ହୋଇଥାଏ । ତେଣୁ ବ୍ୟାୟାମ ଆରମ୍ଭ କରିବା ଆଗରୁ ପ୍ରଥମେ ଦୁଇ ମିନିଟ୍ ପାଇଁ ହେଉ ପଛେ ନିଜକୁ ୱାର୍ମ ଅପ୍ କରନ୍ତୁ ।



**ପୁସ୍ ଅପ୍ –** ବାହୁରେ ଯମୁଥିବା ଚର୍ବିକୁ ହଟାଇବା ପାଇଁ ପୁସ୍ ଅପ୍ ସବୁଠାରୁ ଭଲ ଉପାୟ । ଏହା ଆମ ଶରୀର ପାଇଁ ଖୁବ ଭଲ ହୋଇଥାଏ । ଏହା କେବଳ ଯେ ଚର୍ବି କମାଇଥାଏ ତାହା ନୁହେଁ ଏହା ଆମର ଶକ୍ତି ମଧ୍ୟ ବଢ଼ାଇଥାଏ । ପ୍ରତିଦିନ କିଛି ସମୟ ପାଇଁ ପୁସ୍ ଅପ୍ କରନ୍ତୁ ଚର୍ବି କମିବା ସହିତ ସୁସ୍ଥ ରହିବେ । ତେବେ ଏହାକୁ କରିବା ସମୟରେ ଟ୍ରେନରଙ୍କ ସହାୟତା ନେଇ ପାରିବେ ।

**ଟ୍ରିସ୍‌ପି ଡିପ୍ସ –** ଏହି ବ୍ୟାୟାମ ବିଶେଷଭାବେ ବାହୁର ପଛ ଭାଗରେ ପ୍ରଭାବ ପକାଇଥାଏ । ଏହି ଡିପ୍ସ ମାରିବା ଫଳରେ ଆମର ବାହୁରୁ ଚର୍ବି କମିବା ସହିତ ଏହା ଶକ୍ତ ହୋଇଥାଏ । ଏହାକୁ ମଧ୍ୟ ଟ୍ରେନରଙ୍କ ସହାୟତାରେ କରନ୍ତୁ ।

# ପୁଅ ହୋଇଥାଏ ବିଦା

ଭାରତୀୟ ପରମ୍ପରା ଅନୁସାରେ ବିବାହ ପରେ କନ୍ୟାକୁ ଶାଶୁଘର ଯିବାକୁ ହୋଇଥାଏ । ଝିଅଟିକୁ ନିଜର ଆଗ ଜୀବନ ଶାଶୁଘରେ ହିଁ ବିତାଇବାକୁ ହୋଇଥାଏ । ହେଲେ ଭାରତରେ ଏଭଳି ପରମ୍ପରା ମଧ୍ୟ ଅଛି ଯେଉଁଥିରେ ଝିଅ ନୁହେଁ ବରଂ ଜ୍ୱାଇଁ ଶାଶୁଘରେ ରହିଥାଏ । ବିବାହ ପରେ ଝିଅ ବିଦା ନ ହୋଇ ପୁଅ ବିଦା ହୋଇଥାଏ । ଉତ୍ତରପ୍ରଦେଶର କୌଶମ୍ବୀ ହିଙ୍ଗୁଲପୁର ଗ୍ରାମରେ ରହିଛି ଏଭଳି ନିଆରା ପରମ୍ପରା । ଯେଉଁ ପରମ୍ପରା ଅନୁଯାୟୀ ବିବାହ ପରେ ଜ୍ୱାଇଁକୁ ଶ୍ୱଶୁର ଘରେ ଘରଜ୍ୱାଇଁ ହୋଇ ରହିବାକୁ ହୋଇଥାଏ । ଶ୍ୱଶୁରଘର ପଟୁ ଜ୍ୱାଇଁକୁ ରୋଜଗାର କରିବାର ସାଧନ ଯୋଗାଇଦେବାର ପରମ୍ପରା ମଧ ରହିଛି । ଝିଅମାନଙ୍କ ଉପରେ ହେଉଥିବା ବିଭିନ୍ନ ନିର୍ଯ୍ୟାତନାରୁ ରକ୍ଷା କରିବା ପାଇଁ ଏହି ଗ୍ରାମରେ ଏଭଳି ପଦକ୍ଷେପ ନିଆଯାଇଛି । ସେହିଭଳି ଏହି ଗ୍ରାମରେ ଝିଅଙ୍କୁ ସର୍ବଦା ଶିକ୍ଷା ଦିଆଯିବା ସହିତ ସ୍ୱାବଲମ୍ବୀ ମଧ କରାଯାଇଥାଏ ।



## ସୋସିଆଲ କୋଟ୍ସ



ରକି ଓ ରାନିକୀ ପ୍ରେମ କାହାଣୀରେ ରଣବୀରଙ୍କ ସହ କାମ କରି ମୋତେ ଖୁବ ଖୁସି ଲାଗିଲା । ତାଙ୍କ ସହ ମୁଁ ବହୁତ କାଜୁଆଲ ଭାବେ ମିଶୁଥିଲି । ସେ ଖୁବ ଜଲଦି ଦିଲ୍ଲୀର କଥା କହିବାର ଶୈଳୀ ଶିଖିଯାଇଥିଲେ ।

**ଯୁବରାଜ ଦୁଆ, ୟୁଟ୍ୟୁବର**



କୋରିଓଗ୍ରାଫର ମୋତେ ପୂର୍ବରୁ ଡ୍ୟାନ୍ସର ରିହଲସଲ୍ କରାଇନଥିଲେ । ମୋତେ ଖାଲି ତାଳିମାରିବର ଅଛି ବୋଲି କହିଥିଲେ । ହେଲେ ସେଟରେ ଜାଣିଲି ନାଚିବାର ଅଛି, ଯାହା ମୋତେ ନର୍ଭସ କରିଥିଲା ।

**ସବାନା ଆଜମୀ, ଅଭିନେତ୍ରୀ**



ପ୍ରଥମେ ମୁଁ ମାଟରନିଟି ଲିଭ୍‌ରେ ଥିଲି । ହେଲେ ପରେ ମୋ ସ୍ୱାମୀ ତାରକ ମେହେତା କା ଉଲଟା ଚଷମାରୁ ରିଜାଇନ୍ କରିଥିଲେ । ଏହାପରେ ମୋତେ ମଧ ସେଥିରୁ ବିନା ନୋଟିସରେ ବାହାର କରିଦିଆଗଲା ।

**ପ୍ରିୟା ଅହୁଜା, ଅଭିନେତ୍ରୀ**

## ଇତିହାସ ପୃଷ୍ଠାରୁ

୧୭୯୬– ପେଶୱା ମାଧବ ରାଓ ଦ୍ୱିତୀୟଙ୍କ ଆତ୍ମହତ୍ୟା ।

୧୮୭୫– ଆର୍ଜେଣ୍ଟିନାରେ ପ୍ରଥମ ଟେଲିଗ୍ରାଫିକ୍ କନେକ୍ସନ୍‌ର ଶୁଭାରମ୍ଭ ।

୧୮୮୩– ନ୍ୟୁୟର୍କରେ ଅପେରା ହାଉସ୍‌ର ଉଦ୍‌ଘାଟନ ।

୧୯୩୧– ମହାବୀର ଚକ୍ରରେ ସମ୍ମାନିତ ଜୟପୁରର ମହାରାଜା ବ୍ରିଗେଡିଅର୍ ଭବାନୀ ସିଂହଙ୍କ ଜନ୍ମ ।

୧୯୩୩– ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ବଡ଼ଭାଇ ତଥା ପ୍ରସିଦ୍ଧ ସ୍ୱତନ୍ତ୍ରତା ସେନାନୀ ବିଠଲଭାଇ ପଟେଲଙ୍କ ଦେହାନ୍ତ ।

୧୯୬୨– ଭାରତର ସର୍ବବୃହତ୍ ନଦୀ ଘାଟି ପ୍ରକଳ୍ପ ହିମାଚଳ ପ୍ରଦେଶର ଭାକ୍ରା ନଙ୍ଗଲ ଡ୍ୟାମ୍‌କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରାଗଲା ।

୨୦୦୮– ଇସ୍ରୋ ପକ୍ଷରୁ ଏହାର ପ୍ରଥମ ଚନ୍ଦ୍ରଯାନ ମିଶନ୍ ଚନ୍ଦ୍ରଯାନ ୧ର ପ୍ରକ୍ଷେପଣ କରାଗଲା । ଏହି ମିଶନ୍ ଅନ୍ତର୍ଗତ ଚନ୍ଦ୍ରପୃଷ୍ଠରେ ପାଣିର ସନ୍ଧାନ କରାଯାଇଥିଲା ।

୨୦୧୨– କବାଡି ପ୍ରତିଯୋଗିତାରେ ଭାରତକୁ ବିଶ୍ୱକପ୍ ।

# ଟେକ୍ନୋଲୋଜି କହିବ ନଦୀର ବେଗ



ପୃଥିବୀ ଛଡା ଦୁଇଟି ଅନ୍ୟ ଗ୍ରହ ରହିଛି, ଯେଉଁଥିରେ ନଦୀ ଥିବାର ପ୍ରମାଣ ବୈଜ୍ଞାନିକଙ୍କୁ ମିଳିଛି । ଏହି ଦୁଇଟି ଗ୍ରହ ହେଲେ ମଙ୍ଗଳ ଓ ଶନି ଗ୍ରହର ଚନ୍ଦ୍ର ଟିଟାନ । ସଦ୍ୟତମ ସୂଚନା ଅନୁସାରେ କେମ୍ବ୍ରିଜର ଏମ୍‌ଆଇଟି ଇନଷ୍ଟିଚ୍ୟୁଟ୍‌ର ଜିଓଲୋଜିଷ୍ଟ କିଛି ଏଭଳି ଟେକ୍ନୋଲୋଜିରର ଉଦ୍ଭାବନ କରିଛନ୍ତି ଯାହା ସାହାଯ୍ୟରେ ମଙ୍ଗଳ ଓ ଟିଟାନ୍‌ରେ ଥିବା ନଦୀରେ କେତେ ପରିମାଣ ବା ଫୋର୍ସରେ ଜଳ ପ୍ରବାହିତ ହେଉଛି ସେ ନେଇ ତଥ୍ୟ ଜାଣିହେବ । ଏହି ମେଥଡ୍ ସାଟେଲାଇଟ୍ ଅବଜରଭେସନ ଉପରେ ନିର୍ଭର କରିଥାଏ ବୋଲି ଏହାକୁ ଉଦ୍ଭାବନ କରିଥିବା ବୈଜ୍ଞାନିକ ପ୍ରକାଶ କରିଛନ୍ତି । ଏହି ଟେକ୍ନୋଲୋଜିକୁ ବ୍ୟବହାର କରି ଏମ୍‌ଆଇଟିର ବୈଜ୍ଞାନିକମାନେ ମଙ୍ଗଳରେ ପାଖାପାଖି ୧ ବିଲିଅନ୍ ବର୍ଷ ପୂର୍ବେ ପ୍ରବାହିତ ହେଉଥିବା ନଦୀର ବେଗ ଓ ଗଭୀରତା ମାପିପାରିବେ ବୋଲି ଦାବି କରିଛନ୍ତି । ସେହିଭଳି ଏହି ଟେକ୍ନୋଲୋଜିର ବ୍ୟବହାର କରି ସେମାନେ ବର୍ତ୍ତମାନ ଟିଟାନରେ ପ୍ରବାହିତ ହେଉଥିବା ନଦୀର ବିଭିନ୍ନ ତଥ୍ୟକୁ ଲୋକଲୋଚନକୁ ଆଣିପାରିବେ । ନଦୀର ଓସାର ଓ ଲମ୍ବା ଆଦି ତଥ୍ୟକୁ ବ୍ୟବହାର କରି କାଲ୍‌କୁଲେସନ୍ କରି ସେମାନେ ପ୍ରବାହ ଏବଂ ଫୋର୍ସକୁ ନେଇ ବିଭିନ୍ନ ସୂଚନା ପ୍ରଦାନ କରିବେ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ସେମାନେ ଏହି ଗବେଷଣାରେ ବିଭିନ୍ନ ପୁରାତନ ନଦୀ ସହ ବର୍ତ୍ତମାନ ପ୍ରବାହିତ ନଦୀକୁ ମଧ ସାମିଲ କରିଥିବା ପ୍ରକାଶ କରିଛନ୍ତି । ଏହାଦ୍ୱାରା ନଦୀଙ୍କୁ ନେଇ ଅନେକ ତଥ୍ୟ ପ୍ରକାଶ ପାଇବ ବୋଲି ବୈଜ୍ଞାନିକମାନେ ଆଶା ରଖିଛନ୍ତି ।

## ହାଃହାଃ

ରାମବାବୁ ଘରେ ବସି ବହି ପଢୁଥାନ୍ତି । ସ୍ତ୍ରୀ ରୁପା ଦେଖିଲା, ସ୍ୱାମୀ ଆଜି ଅଫିସ ନଯାଇ ଘରର ସମସ୍ତ ପତ୍ରିକା ଓ ଅନ୍ୟାନ୍ୟ ବହି ବାହାର କରି ପଢୁଛନ୍ତି । କାରଣ ଜାଣିବାକୁ ରୁପା ପଚାରିଲେ– ଆରେ ଏ ସବୁ ବହି କାହିଁକି ଘାଣ୍ଟୁଛ ? ମୋତେ କୁହ, ତୁମ ଦରକାରୀ ବହି ଖୋଜିଦେବି ।

ରାମବାବୁ–ନା ମ... ଡାକ୍ତର କହିଛନ୍ତି ମୋର କାଲି ବ୍ଲଡ୍ ଟେଷ୍ଟ ଅଛି । ସେଥିପାଇଁ ପଢୁଛି ପରା ।



# ଡରୁଥିଲେ ସୁନିଧି

ନିକଟରେ ଅଭିନେତା ବିଜୟ ବର୍ମା ଏକ ସାକ୍ଷାତକାରରେ ସୁନିଧି ଚୌହାନଙ୍କୁ ନେଇ ଏକ ମନ୍ତବ୍ୟ ଦେଇଛନ୍ତି, ଯାହା ଭାଇରାଲ ହେବାରେ ଲାଗିଛି । ବିଜୟ ବର୍ମା ନିକଟରେ ଏକ ଇଭେଣ୍ଟରେ ନିଜ ଚରିତ୍ରକୁ ନେଇ କଥା ହେଉଥିଲେ । ବିଜୟ ପିଙ୍କ ଫିଲ୍ମରେ ନେଗେଟିଭ ରୋଲରେ ନଜର ଆସିଛନ୍ତି । ତେବେ ତାଙ୍କର ଏଭଳି ଚରିତ୍ରରେ ଅଭିନୟ ପାଇଁ ତାଙ୍କୁ ଅନେକ ଝିଅ ଡରିଥାଆନ୍ତି, ଯେଉଁଥିରେ ବଲିଉଡ ସିଙ୍ଗର ସୁନିଧି ଚୌହାନ ସାମଲ ଅଛନ୍ତି । ପିଙ୍କ୍ ଫିଲ୍ମରେ ତାଙ୍କୁ ଚରିତ୍ର ଖୁବ ଛୋଟ ଥିଲା ହେଲେ ତାହା ଦର୍ଶକଙ୍କ ଉପରେ ଖୁବ ପ୍ରଭାବ ପକାଇଥିଲା, ଯେଉଁକାରଣରୁ ସମସ୍ତେ ତାଙ୍କୁ ଡରୁଥିଲେ ବୋଲି ବିଜୟ ପ୍ରକାଶ କରିଛନ୍ତି । ପିଙ୍କର ସ୍କ୍ରିନିଂ ସମୟରେ ସୁନିଧି ସେଟ୍‌ରେ ଥିଲେ, ତେଣୁ ସେ ବିଜୟଙ୍କର ଚରିତ୍ରକୁ ଅତି ପାଖରୁ ଦେଖିଥିଲେ । ସ୍କ୍ରିନିଂ ପରେ ତାଙ୍କୁ ଡର ଲାଗୁଥିବା ନେଇ ସେ ବିଜୟଙ୍କ ଆଗରେ ପ୍ରକାଶ କରିଥିଲେ । ତେବେ ଏହା କେବଳ ତାଙ୍କ ଚରିତ୍ର ପାଇଁ ଥିଲା, ବିଜୟ ନିଜ ଚରିତ୍ରରେ ଏତେ ଜୀବନ୍ତ ଭାବେ ଅଭିନୟ କରିପାରିଥିଲେ କି ସୁନିଧି ମଧ ତାଙ୍କୁ ଡରିଥିଲେ ।



# ପିଲାଙ୍କ ସହିତ ବଢାନ୍ତୁ ବନ୍ଧୁତା

**ଆଜିକାଲି ବ୍ୟସ୍ତତା ପାଇଁ ଛୁଆଙ୍କୁ ପାଳିବାରେ ଅଭିଭାବକ ମାନେ ବିଭିନ୍ନ ସମସ୍ୟା ସାମନା କରୁଛନ୍ତି । ଏହି ସମସ୍ୟା କାରଣରୁ ବେଳେବେଳେ ପିଲା ଓ ବାପାମା'ଙ୍କ ମଧରେ ସମ୍ପର୍କ ଖରାପ ହେଉଛି । ତେବେ ଏଭଳି କେତୋଟି ଛୋଟଛୋଟ ଉପାୟ ରହିଛି ଯାହାକୁ ଅନୁକରଣ କରିବା ଦ୍ୱାରା ଆପଣ ପିଲାଙ୍କୁ ଉଚିତ୍ ସଂସ୍କାର ଦେବା ସହିତ ସେମାନଙ୍କ ସହିତ ବନ୍ଧୁତା ବଢାଇପାରିବେ।**

**ତାଙ୍କ ସହ ପିଲା ହୁଅନ୍ତୁ–** ଗୋଟିଏ ଛୋଟ ପିଲାକୁ ବନ୍ଧୁ କରିବାର ପ୍ରଥମ ଉପାୟ ହେଲା ତାଙ୍କ ବୟସର ହେବାକୁ ପଡିବ । ଏଭଳି କରିବା ଦ୍ୱାରା ହିଁ ଆପଣ ତାଙ୍କ ସହିତ କନେକ୍ଟ କରିପାରିବେ । ତେଣୁ ଆପଣଙ୍କ ପିଲା ଯାହା ଚାହୁଁଛି ସେହି ହିସାବରେ ଆପଣ କାମ କରନ୍ତୁ । ଯେତେବେଳେ ବି ତାଙ୍କ ସହ ସମୟ ବିତାଉଛନ୍ତି, ସେତେବେଳେ ଭୁଲିଯାଆନ୍ତୁ କି ଆପଣ ଏକ ବଡ ଲୋକ । ଏଭଳି ବ୍ୟବହାର ପିଲାଙ୍କ ନିକଟତର ହେବାରେ ଆପଣଙ୍କୁ ସହାୟତା କରିବ ।

**ଗପରେ କିଣନ୍ତୁ ମନ–** ଛୋଟ ପିଲାଙ୍କର ସବୁଠାରୁ ମନପସନ୍ଦର କାମ ହେଲା ଗପ ଶୁଣିବା । ତେଣୁ ସେମାନଙ୍କୁ ଗପ ମାଧ୍ୟମରେ ନିଜର କରିବାକୁ ଚେଷ୍ଟା କରନ୍ତୁ । ଗପରେ ଆପଣ ସେମାନଙ୍କୁ ଶିକ୍ଷଣୀୟ ବିଷୟମଧ କହିପାରିବେ। ଯାହା ଦ୍ୱାରା ସେମାନେ ମଜାରେ ମଜାରେ ଭଲ କଥା ଶିଖିମଧ ପାରିବେ ।



# ଲାଉ ନଡିଆ ଲଡୁ

**ସାମଗ୍ରୀ–** ୧ କିଲୋ ଲାଉ, ୧/୪ କପ୍ ସିଝା ପାଳଙ୍ଗ ଶାଗ, ଅଧାକପ୍ ଘିଅ, ୨୫୦ଗ୍ରାମ ଚିନି, ୨୫୦ଗ୍ରାମ ଖୁଆ,୧/୪ ଚାମଚ ଅଳେଇଚ ପାଉଡର,ଅଧା କପ୍ ଡ୍ରାଏଫ୍ରୁଟ୍‌ସ୍ ପାଉଡର, ଏକ କପ୍ ନଡିଆ ପାଉଡର ।

**ପ୍ରଣାଳୀ–** ପ୍ରଥମେ ଲାଉ ଚୋପା ଛଡାଇ ମଞ୍ଜି କାଢି ଗ୍ରେଟ୍ କରିନିଅନ୍ତୁ । ମିଡିଅମ୍ ଆଞ୍ଚରେ ପ୍ୟାନ୍‌ରେ ଘିଅ ପକାଇ ଗରମ କରନ୍ତୁ । ଏହାପରେ ଏଥିରେ ଗ୍ରେଟ୍ ହୋଇଥିବା ଲାଉ ଓ ପାଳଙ୍ଗ ଶାଗ ପକାଇ କିଛି ସମୟ ପାଇଁ ଭାଜନ୍ତୁ । ଏହାପରେ ଏଥିରେ ଖୁଆ ଓ ଡ୍ରାଏଫ୍ରୁଟସ୍ ପାଉଡର ମିଶାନ୍ତୁ । ମିଶ୍ରଣ ଅଳ୍ପ ଥଣ୍ଡା ହେବା ପରେ ଏହାକୁ ଲଡୁ ଆକାର ଦିଅନ୍ତୁ । ଏହାପରେ ଲଡୁକୁ ନଡିଆ ପାଉଡରରେ ଗଡାଇ ପ୍ରସ୍ତୁତ କରନ୍ତୁ ଲାଉ ନଡିଆ ଲଡୁ ।



# ଲଗ୍‌ଜୁରୀ ସ୍ପେସ୍ ସୁଟ୍

ଲଗ୍‌ଜୁରୀ ଫ୍ୟାଶନ ହାଉସ୍ ପ୍ରାଡା ବର୍ତ୍ତମାନ ଆକ୍ସିଅମ ସ୍ପେସ୍ ସହିତ ମିଶି ନାସାର ଅପକମିଂ ପ୍ରୋଜେକ୍ଟ ପାଇଁ ଡ୍ରେସ ପ୍ରସ୍ତୁତ କରିବାକୁ ଯାଉଛି । ସୂଚନା ଅନୁସାରେ ନାସାର ଆର୍ଟମିସ୍ ଥ୍ରୀ ୨୦୨୬ରେ ଲଞ୍ଚ ହେବାକୁ ଯାଉଛି । ଏହା ୧୯୭୨ପରେ ପ୍ରଥମ ମୁନ୍ ଲାଣ୍ଡିଂ ସ୍ପେସ ସୁଟ ହେବ, ଯାହାକୁ ପ୍ରଥମ କଳାରଙ୍ଗର ମହିଳା ଭାବେ ସେ ପିନ୍ଧିବେ । ଏହାକୁ ବିଶେଷଭାବେ ମହାକାଶଚାରୀଙ୍କ ପାଇଁ ନିର୍ମାଣ କରାଯାଇଛି, ଯାହା ସେମାନଙ୍କୁ ଅତ୍ୟଧିକ ତାପମାତ୍ରା, ଚନ୍ଦ୍ର ପୃଷ୍ଠରେ ଥିବା ଧୂଳି ଓ ଖରାପ ପାଣିପାଗରୁ ରକ୍ଷା କରିବ । ଏହି ସୁଟ୍‌ଟି ଜେଣ୍ଡର୍ ନ୍ୟୁଟ୍ରାଲ ଅଟେ । ଏହା ମହାକାଶ ଚାରୀଙ୍କୁ ପାଖାପାଖି ୮ ଘଣ୍ଟା ସ୍ପେସ୍ ୱାକ କରିବାକୁ ସମର୍ଥ କରାଇବ, ଯେଉଁଥିରେ କମ୍ୟୁନିକେସନ, ଆଲୋକୀକରଣ ଓ ବିଭିନ୍ନ ସାଇଣ୍ଟିଫିକ୍ ଟାସ୍କ ପାଇଁ ନୂତନ ଜ୍ଞାନକୌଶଳକୁ ବ୍ୟବହାର କରାଯାଇଛି । ସୋସିଆଲ ମିଡିଆରେ ସୁଟ୍‌ଟି ବେଶ୍ ଭାଇରାଲ ହେବାରେ ଲାଗିଛି । ଲୋକମାନେ ଏହାକୁ ଖୁବ ପସନ୍ଦ କରୁଛନ୍ତି ।





ପାର୍ଲାମେଣ୍ଟାରୀ କମିଟି (ଏସ୍‌ସିଏସ୍‌ଟି)ର ସଦସ୍ୟମାନେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟୁଛନ୍ତି ।





ଦିବ୍ୟାଙ୍ଗମାନଙ୍କ ଅଭିଯୋଗ ଶୁଣୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ମୁଖ୍ୟମନ୍ତ୍ରୀ ଶୁଣିଲେ ଲୋକଙ୍କ ଅଭିଯୋଗ

# ଲୋକଙ୍କୁ ଭରସା ଦେଇ କହିଲେ, ଧୈର୍ଯ୍ୟ ରଖନ୍ତୁ, ସବୁ ସମସ୍ୟାର ସମାଧାନ ହେବ

ଭୁବନେଶ୍ୱର (ସବ୍ୟୁ): ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ପଞ୍ଚମ ପାଳି । ଏହି କାର୍ଯ୍ୟକ୍ରମରେ ଏକ ନିଆରା ମାନବିକତା ପଣ ଦେଖାଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଗାଡିରୁ ଓହ୍ଲାଇ ପ୍ରଥମେ ଯାଇଥିଲେ ଅପେକ୍ଷାରତ ଦିବ୍ୟାଙ୍ଗ ବ୍ୟକ୍ତି ମାନଂକ ପାଖକୁ । ପ୍ରାୟ ୫୦ ଜଣ ଦିବ୍ୟାଙ୍ଗ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଅପେକ୍ଷାରେ ବସିଥିଲେ । ମୁଖ୍ୟମନ୍ତ୍ରୀ ସମସ୍ତଂକ ପାଖକୁ ଯାଇ ବସିବା ପାଇଁ କହି ନିଜେ ଠିଆ ହୋଇ ସେମାନଙ୍କର ଅଭିଯୋଗ ଶୁଣିଥିଲେ ଏବଂ ଦରଖାସ୍ତ ଗ୍ରହଣ କରିଥିଲେ । କେତେକ ଅଭିଯୋଗକାରୀଙ୍କ ଗୁହାରୀ ଶୁଣି ତତକ୍ଷଣାତ୍ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ । ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ଦିବ୍ୟାଙ୍ଗ ଲୋକମାନେ ମୁଖ୍ୟମନ୍ତ୍ରୀଙ୍କର ଏଭଳି ମାନବିକତା ପୂର୍ଣ୍ଣ



ବ୍ୟବହାରରେ ଆନନ୍ଦିତ ହୋଇଥିଲେ । ଅଭିଯୋଗ ନେଇ ଆସିଥିବା ଲୋକଙ୍କୁ ପାଖରେ ବସାଇ ଲୋକଙ୍କ ଦୁଃଖ ଶୁଣୁଛନ୍ତି । ସମାଧାନର ବ୍ୟବସ୍ଥା କରୁଛନ୍ତି । ଧୈର୍ଯ୍ୟ ଧରିବାକୁ ଆଶ୍ୱାସନା ଦେଉଛନ୍ତି । ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ସମସ୍ୟାର ସମାଧାନ କିପରି ହେବ ସେଥିପାଇଁ ନିର୍ଦ୍ଦେଶ ଦେଇ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ନିଜକୁ ପ୍ରତିପାଦିତ କରିପାରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଜୁଲାଇ ୧ ତାରିଖରୁ ଆରମ୍ଭ ହୋଇଥିବା ଅଭିଯୋଗ ଶୁଣାଣି ପ୍ରକ୍ରିୟା ଆଜି ପଞ୍ଚମ ପାଳିରେ ପହଞ୍ଚିଲା । ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ବର୍ତ୍ତମାନ ଅଭିଯୋଗ ପଞ୍ଜୀକରଣ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବରେ ଅନଲାଇନ୍ କରାଯାଇଅଛି । ଏହା ଦ୍ୱାରା ଅଭିଯୋଗକାରୀ ମାନଙ୍କୁ ଅଯଥାରେ ଅଧିକ ସମୟ ଅପେକ୍ଷା କରିବାକୁ ପଡୁନାହିଁ । ପ୍ରତି ପାଳିରେ ସମସ୍ତଙ୍କୁ ଉପଯୁକ୍ତ ସମୟ ଦେବାପାଇଁ ସର୍ବାଧିକ ୧୦୦୦ ଅଭିଯୋଗକାରୀଙ୍କୁ ଭେଟିବାର ବ୍ୟବସ୍ଥା କରାଯାଉଛି । ଆଜି ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କ ସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ସମବାୟ, ହସ୍ତ ତନ୍ତ ଓ ବୟନ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ସେମାନଙ୍କ ସହିତ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଥିଲେ ।

ଆଜି ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଅଭିଯୋଗକାରୀମାନଙ୍କ ମଧ୍ୟରୁ ଜଣେ ଥିଲେ ନୟାଗଡ଼ ଜିଲ୍ଲାର ବୟସ୍କ ମହିଳା କେତକୀ ନନ୍ଦ । ପୁଅ ତାଙ୍କୁ ଘରୁ ବାହାରକୁ ବାହାର କରିଦେଇଛି । ତାଙ୍କ ଦୁଃଖ କାହାଣୀ ଶୁଣି ମୁଖ୍ୟମନ୍ତ୍ରୀ ବ୍ୟଥିତ ହୋଇଥିଲେ । ତୁରନ୍ତ ମା' ଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ଜିଲ୍ଲା ଏସପି ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି କଟକ ଜିଲ୍ଲା ବଡମ୍ବା ଅଞ୍ଚଳର ବନିତା ପ୍ରଧାନ ଓ ଅମିତା ପ୍ରଧାନ ଦୁଇ ଭଉଣୀ ଆସିଥିଲେ ନିଜ ଅସହାୟତା ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ସାହାଯ୍ୟ ପାଇଁ । ବାପା ମରିଯାଇଛନ୍ତି, ଦଶାହ କାର୍ଯ୍ୟ କରିବା ପାଇଁ ଦୁଇ ଛୋଟ ଝିଅଙ୍କ ପାଖେ ପଇସା ନାହିଁ । ଦଶାହ କାର୍ଯ୍ୟ କିପରି କରିବେ । ମୁଖ୍ୟମନ୍ତ୍ରୀ ତାଙ୍କ ଦୁଃଖ ଶୁଣି ଜିଲ୍ଲାପାଳଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପୁରୀ ନରେନ୍ଦ୍ର ପୁଷ୍କରିଣୀ ବାଣ ଦୁର୍ଘଟଣା ପୀଡ଼ିତ ପରିବାରରୁ ପାଞ୍ଚ ଜଣ ମହିଳା ସଦସ୍ୟା ଆସିଥିଲେ ସେମାନଙ୍କ ଅଭିଯୋଗ ଓ ଦୁଃଖ ଜଣାଇବା ପାଇଁ । ଘରର ରୋଜଗାରିଆ ସଦସ୍ୟ ମାନଙ୍କୁ ହରାଇ ବହୁ ଦୁଃଖରେ ଚଳୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଗୁହାରୀ କରିଥିଲେ । ମୁଖ୍ୟମନ୍ତ୍ରୀ ଏହି ମହିଳା ମାନଙ୍କୁ ରୋଜଗାର ଯୋଗାଇଦେଇ ଥଇଥାନ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜଟଣୀରୁ ଆସିଥିଲେ ପ୍ରୀତି ମହାନ୍ତି ଓ ଲକ୍ଷ୍ମୀପ୍ରିୟା ନାୟକ । ମୁଖ୍ୟମନ୍ତ୍ରୀ ସେମାନଙ୍କ ଅଭିଯୋଗ ଶୁଣି ତୁରନ୍ତ ସମସ୍ୟାର ସମାଧାନ ନିମନ୍ତେ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହିଭଳି ପଞ୍ଜୀକୃତ କରିଥିବା ହଜାରେ ଲୋକ ସେମାନଙ୍କର ସ୍ୱାସ୍ଥ୍ୟଗତ, ବ୍ୟକ୍ତିଗତ ଓ ପାରିବାରିକ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ମାନଙ୍କୁ ଭେଟି ସେମାନଙ୍କ ଦରଖାସ୍ତ ଦେଇଥିଲେ ଏବଂ ସମସ୍ୟାର ସମାଧାନ ପାଇଁ ଭରସାଯୋଗ୍ୟ ପ୍ରତିଶ୍ରୁତି ପାଇ ଖୁସି ମନରେ ଫେରିଥିଲେ ।

## ବାତ୍ୟାକୁ ଦୃଷ୍ଟିରେ ରଖି ହାଇ ଆଲର୍ଟରେ ପୌର ସଂସ୍ଥା

ଭୁବନେଶ୍ୱର, (ସବ୍ୟୁ) : ସାମୁଦ୍ରିକ ଝଡ଼ 'ଦାନା'କୁ ଦୃଷ୍ଟିରେ ରଖି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଭିଡିଓ କନଫରେନ୍ସିଂ ଜରିଆରେ ସମସ୍ତ ପୌରସଂସ୍ଥାର ପ୍ରସ୍ତୁତି ସମୀକ୍ଷା କରିଥିଲେ । ବୈଠକରେ ପୌର ପ୍ରଶାସନ ନିର୍ଦ୍ଦେଶକ, ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ, ୫ଟି ମହାନଗର ନିଗମର କମିଶନର, ସମସ୍ତ ପୌରପାଳିକା ଓ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସମୀକ୍ଷା ସମୟରେ ପାଢ଼ୀ ଜିଲ୍ଲା ପ୍ରଶାସନ ସହ ନିରନ୍ତର ସମନ୍ୱୟ ଉପରେ ଗୁରୁତ୍ୱାରୋପ



କରିବା ସହ ତୁରନ୍ତ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମ୍ଭାବ୍ୟ ଆହ୍ୱାନର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ସେ ସମସ୍ତ ୟୁଏଲବିମାନଙ୍କୁ ଅନୁରୋଧ କରିଛନ୍ତି, ବିଶେଷକରି ଏହି ପରି କ୍ଷେତ୍ରରେ ଜଳ ଯୋଗାଣ: ବାତ୍ୟା ସମୟରେ ଓ ପରେ ବିଶୁଦ୍ଧ ଜଳ ନିରବଚ୍ଛିନ୍ନ ଭାବେ ଉପଲବ୍ଧ ହେବ । ଜଳବନ୍ଦୀ ପରିଚାଳନା ପାଇଁ ତଳିଆ ଅଞ୍ଚଳରେ ବନ୍ୟା ରୋକିବା ଏବଂ ଏହାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ । ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ଶୀଘ୍ର ମୁକାବିଲା କରିବା ପାଇଁ ଉତ୍ସର୍ଗୀକୃତ ଟିମ୍ ଗଠନ କରିବା । ନୋଡାଲ ଅଫିସରମାନଙ୍କୁ ହାଇ ଆଲର୍ଟରେ ରହିବା, ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ଏବଂ ନିୟମିତ ଅପଡେଟ୍ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଶ୍ରୀମତୀ ପାଢ଼ୀ ନାଗରିକମାନଙ୍କ ଉପରେ ଏହାର ପ୍ରଭାବକୁ ହ୍ରାସ କରିବା ପାଇଁ ଦକ୍ଷ ସମନ୍ୱୟ ଏବଂ ତ୍ୱରିତ ପ୍ରତିକ୍ରିୟା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କଠିନ ସମୟରେ ଅତ୍ୟାବଶ୍ୟକ ସେବା ବଜାୟ ରଖିବାକୁ ସୁନିଶ୍ଚିତ କରିବା ସହ ଯେକୌଣସି ଜରୁରୀ ପରିସ୍ଥିତିରେ ମୁକାବିଲା ପାଇଁ ପୌର ସଂସ୍ଥାଗୁଡ଼ିକ ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ।

## ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ଓଙ୍ଗଙ୍କୁ ସାକ୍ଷାତ୍ କଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

# ବିଦ୍ୟାଳୟ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ହେବ

ଭୁବନେଶ୍ୱର (ସବ୍ୟୁ): ଗୁରୁତ୍ୱପୂର୍ଣ୍ଣ ବିଦେଶ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲରେନ୍ସ ଓ୍ୱଙ୍ଗଙ୍କୁ ଭେଟି ଭାରତ ଓ ସିଙ୍ଗାପୁର ମଧ୍ୟରେ ବିଦ୍ୟାଳୟ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ବୃଦ୍ଧି ଏବଂ ବ୍ୟାପକ କରିବା ଉପରେ ଫଳପ୍ରଦ ଆଲୋଚନା କରିଛନ୍ତି । ପ୍ରତିଭା, ସମ୍ବଳ ଓ ମାର୍କେଟ୍ ଭଳି ତିନୋଟି ପ୍ରମୁଖ ସ୍ତମ୍ଭ ମାଧ୍ୟମରେ ଦୁଇ ଦେଶର ଭାଗିଦାରୀକୁ ସୁଦୃଢ଼ କରିବା ଉପରେ ଉଭୟ ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଛି । ବିଶେଷଭାବରେ ଅତ୍ୟାଧୁନିକ ଜ୍ଞାନକୌଶଳ ବା ଡିପଟେକ୍, ଷ୍ଟାର୍ଟଅପ୍ ଏବଂ ଇନୋଭେସନ ପରିସଂସ୍ଥାନକୁ ଆଗକୁ ବଢ଼ାଇବାରେ ଭାରତ ସିଙ୍ଗାପୁରକୁ ଏକ ବିଶ୍ୱସନୀୟ ଜ୍ଞାନ ସହଯୋଗୀ ରାଷ୍ଟ୍ର ଭାବରେ ଦେଖୁଛି ବୋଲି ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ ଏବଂ ଉଭା ହେଉଥିବା କ୍ଷେତ୍ରରେ ସହଯୋଗ ସମେତ ଭାରତ–ସିଙ୍ଗାପୁର ସମ୍ପର୍କକୁ ଏକ ବ୍ୟାପକ ଭାଗିଦାରୀରେ ପରିଣତ କରିବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଶ୍ରୀ ଓ୍ୱଙ୍ଗ ଏକ ସୁଦୃଢ଼ ଢାଞ୍ଚା ପ୍ରସ୍ତୁତ କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ସିଙ୍ଗାପୁରର ଉପପ୍ରଧାନମନ୍ତ୍ରୀ ତଥା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଜିଏଏନ୍ କିମ୍ ୟୋଙ୍ଗଙ୍କୁ ସାକ୍ଷାତ କରି ଶ୍ରୀ ପ୍ରଧାନ ଭବିଷ୍ୟତ ପିଢ଼ିର ସହଭାଗିତା ସୃଷ୍ଟି କରିବା ପାଇଁ ଦକ୍ଷତାଭିତ୍ତିକ ଶିକ୍ଷା ଏବଂ ପ୍ରଶିକ୍ଷଣରେ ସହଯୋଗ ଉପରେ ଆଲୋଚନା କରିଥିଲେ । ଏହା ପୂର୍ବରୁ ଶ୍ରୀ ପ୍ରଧାନ ସିଙ୍ଗାପୁରର ଶିକ୍ଷା ମନ୍ତ୍ରୀ ଚାନ୍ ଚୁନ୍ ସିଂଙ୍କୁ ଭେଟି ଶିକ୍ଷାର ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ନେଇ ଆଲୋଚନା କରିଥିଲେ । ଭାରତର ଶିକ୍ଷା ବ୍ୟବସ୍ଥାର ଅନ୍ତର୍ଜାତୀୟକରଣ ପାଇଁ ଜାତୀୟ ଶିକ୍ଷା ନୀତିର ଗୁରୁତ୍ୱ ଉପରେ ଚର୍ଚ୍ଚା କରିଥିଲେ । ଦୁଇ ମନ୍ତ୍ରୀ ଓଭରସିଜ୍ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ, ଯାହା ଦ୍ୱାରା ଭାରତୀୟ



ଛାତ୍ରଛାତ୍ରୀମାନେ ସିଙ୍ଗାପୁର କମ୍ପାନୀରେ ବ୍ୟବହାରିକ ଅଭିଜ୍ଞତା ହାସଲ କରିପାରିବେ । ଉଭୟ ଦେଶର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଭାରତରେ ସିଙ୍ଗାପୁର ସ୍କୁଲ ଏବଂ ସିଙ୍ଗାପୁରରେ ଭାରତର ସ୍କୁଲ ଖୋଲିବାର ସମ୍ଭାବନା ଉପରେ ଆଲୋଚନା ହୋଇଥିଲା । ଡିପଟେକ୍, ମେଡିସିନ, ଅତ୍ୟାଧୁନିକ ସାମଗ୍ରୀ ଇତ୍ୟାଦି ପାରସ୍ପରିକ ସ୍ୱାର୍ଥ କ୍ଷେତ୍ରରେ ମିଳିତ ଗବେଷଣା ସହଯୋଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଉଭୟ ଦେଶର ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଏକାଡେମିକ ଏବଂ ଗବେଷଣା ସହଯୋଗକୁ ପ୍ରୋତ୍ସାହିତ କରିବା ଉପରେ ମଧ୍ୟ ସେମାନେ ଆଲୋଚନା କରିଛନ୍ତି । ଶ୍ରୀ ପ୍ରଧାନ ପାଠ୍ୟକ୍ରମ ବିକାଶ, ଶିକ୍ଷାଦାନ ଏବଂ ଶିକ୍ଷକ ଦକ୍ଷତା ବୃଦ୍ଧି ଭଳି କ୍ଷେତ୍ରରେ ସିଙ୍ଗାପୁରର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ ଏବଂ ଏନସିଇଆରଟି ମଧ୍ୟରେ ସହଯୋଗର ସୁଯୋଗ ଉପରେ ଆଲୋକପାତ କରିଥିଲେ । ସିଙ୍ଗାପୁର ଶିକ୍ଷା ମନ୍ତ୍ରୀ ଚାନଙ୍କୁ ଭାରତ ଗସ୍ତ ପାଇଁ ନିମନ୍ତ୍ରଣ କରିବା ସହ ଶ୍ରୀ ପ୍ରଧାନ ଦୁଇ ଦେଶ ମଧ୍ୟରେ ଥିବା ଉଭୟ ପକ୍ଷର ଲକ୍ଷ୍ୟକୁ ଆଗକୁ ବଢ଼ାଇବା ଏବଂ ଶିକ୍ଷାଗତ ସମ୍ପର୍କ ବୃଦ୍ଧି ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଏହାବ୍ୟତିତ ଶ୍ରୀ ପ୍ରଧାନ ସିଙ୍ଗାପୁରର ବୈଦେଶିକ ବ୍ୟାପାର ମନ୍ତ୍ରୀ ଭିଭିଆନ୍ ବାଲକ୍ରିଷ୍ଣନଙ୍କୁ ଭେଟି ଭାରତ–ସିଙ୍ଗାପୁର ଜ୍ଞାନ ଭାଗିଦାରୀକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଥିଲେ । ଉଭୟ ନେତା ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଏବଂ ମିଳିତ ଉଦ୍ଦେଶ୍ୟ ହାସଲ ପାଇଁ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ପ୍ରଧାନ ସିଙ୍ଗାପୁର ନ୍ୟାସନାଲ ୟୁନିଭର୍ସିଟି ପରିଦର୍ଶନ କରିବା ସହ ବିଶ୍ୱବିଦ୍ୟାଳୟର ପ୍ରେସିଡେଣ୍ଟ ପ୍ରଫେସର ଟାନ୍ ଇଙ୍ଗ୍ ଚି ଙ୍କୁ ଭେଟିଥିଲେ । ଜ୍ଞାନ, ଶୈକ୍ଷିକ ଏବଂ ଗବେଷଣା ସହଯୋଗକୁ ସୁଦୃଢ଼ କରିବା ଏବଂ ଏନୟୁଏସ ଏବଂ ସମସ୍ତ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ଯୋଗାଯୋଗକୁ ବଢାଇବା ଉପରେ ଆଲୋଚନା କରିଥିଲେ ।

# ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପ୍ରଚାର ସମିତି ର କାର୍ଯ୍ୟକାରୀ ବୈଠକ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ରାଧାବଲ୍ଲଭ ମଠ ମହନ୍ତ ପୂଜ୍ୟ ରାମକୃଷ୍ଣ ଦାସ ମହାରାଜଙ୍କ ଅଧକ୍ଷତା ଓ କାର୍ଯ୍ୟକାରୀ ଅଧକ୍ଷ ପୂଜ୍ୟ ବାବା ସତ୍ୟାନନ୍ଦ ଦାସ ମହାରାଜ ଙ୍କ ଉପସ୍ଥିତି ରେ ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ପ୍ରଚାର ସମିତି ର କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ କୋଷାଧକ୍ଷ ଗୌରାଙ୍ଗ ନାୟକ ଇସ୍ତଫା ଦେଇ ଥିବାରୁ ତାଙ୍କ ର ଇସ୍ତଫା ଗ୍ରହଣ କରଯାଇ ଜରୁରୀ ଆବଶ୍ୟକତା ଦୃଷ୍ଟିରୁ କାର୍ଯ୍ୟକାରୀ ସଦସ୍ୟ ସୁରେଶ ମିଶ୍ରଙ୍କୁ କୋଷାଧକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଗଲା । କାର୍ଯ୍ୟ କାରି ସଦସ୍ୟ ପଦ ଖାଲି ଥିବାରୁ ସଂଗଠନ ସମ୍ପାଦକ ଡ଼ ନାରାୟଣ ମହାପାତ୍ର ଙ୍କ ପ୍ରସ୍ତାବ ଅନୁଯାଉ ସଦସ୍ୟ ତ୍ରିଲୋଚନ ନାୟକ ବଂଶୀଧର ନାୟକ, ତନ୍ମୟ କୁମାର ସାହୁ ଓ ଅକ୍ଷୟ କୁମାର ସାହୁଙ୍କୁ



କାର୍ଯ୍ୟକାରୀ ସଦସ୍ୟ ଭାବେ ଗ୍ରହଣ କରାଗଲା ପାଞ୍ଚରାତ୍ର ପ୍ରଚାର ସମିତି ପକ୍ଷରୁ ଅଧକ୍ଷ ଓ କାର୍ଯ୍ୟକାରୀ ଅଧକ୍ଷ ଙ୍କ ପ୍ରସ୍ତାବ ଅନୁଯାଇ ଝାଞ୍ଜପୀଠ ମଠ ର ମହନ୍ତ ସଚ୍ଚିଦାନନ୍ଦ ଦାସ ବାବାଜି , ଛତିଶା ନିଯୋଗ ର ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ଭାଗବତ ଆଶ୍ରମ ର ଶ୍ରୀ ବ୍ରଜ ବନ୍ଧୁ ଦାସ ଙ୍କୁ ଉପଦେଷ୍ଟା ମଣ୍ଡଳୀ ର ସଦସ୍ୟ ଭାବେ ଓ ପୂର୍ବରୁ ଉପଦେଷ୍ଟା ଭାବେ କାର୍ଯ୍ୟ କରୁଥିବା ଶ୍ରୀଯୁକ୍ତ ରାଧାବଲ୍ଲଭ ସିଂ ଓ ଶ୍ରୀ ଦୁଷ୍ମନ୍ତ ସ୍ୱାଇଁ ଙ୍କୁ ମିଶାଇ ୫ଜଣ ଙ୍କୁ ଉପଦେଷ୍ଟା ଭାବେ ସର୍ବସମ୍ମତି ଭାବେ ଗ୍ରହଣ କରାଗଲା । ଜାନୁଆରୀ ୪ତାରିଖରୁ ୮ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପାଞ୍ଚରାତ୍ର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇ ଅଯୋଧ୍ୟା ରେ ନିଆ ଯାଇଥିବା ଆଉ ୨୧ଗୋଟି ରୁମରେ ୩ ରୁ ୪ଜଣ ରହିବା ପାଇଁ ଯେଉଁମାନେ ଇଛୁକ ପ୍ରତେକ ବେଡ଼ ପାଇଁ ୭୦୦୦/–ନେବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା, ଯିବା ଓ ଆସିବା ଖର୍ଚ୍ଚ ନିଜେ ନିଜର ବହନ କରିବାକୁ ପଡିବ । ଅନୁଷ୍ଠାନ ର ସପ୍ତମ ବାର୍ଷିକ ଦିବସ ୮ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ରିଜୋନାଲ କଲେଜ ଅଫ ମ୍ୟାନେଜମେଣ୍ଟ ଭୁବନେଶ୍ୱର ରେ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।


DSPL-149

## ଲିଙ୍ଗ ନିରୂପିତ ଶୁକ୍ର (Sex Sorted Semen) ଦ୍ୱାରା କୃତ୍ରିମ ପ୍ରଜନନ ଅଧିକ ଲାଭଦାୟକ



- ସାଧାରଣ ପ୍ରଜନନ ବ୍ୟବସ୍ଥାରେ ଗାଈଙ୍କ ଠାରୁ ୫୦ ପ୍ରତିଶତ ଅଣ୍ଡିରା ଓ ୫୦ ପ୍ରତିଶତ ମାଈ ବାଛୁରି ଜନ୍ମ ହେବାର ସମ୍ଭାବନା ଥାଏ।
- ଷଣ୍ଢ ଓ ଅଣ୍ଡିରା ବାଛୁରୀଙ୍କୁ ବୁଲା ଗୋରୁ ଭାବେ ଛାଡ଼ିଦେଉଥିବାରୁ ଟ୍ରାଫିକ୍ ଓ ଫସଲହାନି ପରି ଅନେକ ସମସ୍ୟା ସୃଷ୍ଟି ହୋଇଥାଏ।
- ଲିଙ୍ଗ ନିରୂପିତ ଶୁକ୍ର (Sex Sorted Semen) ଦ୍ୱାରା କୃତ୍ରିମ ପ୍ରଜନନ କରିଆରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ମାଈ ବାଛୁରୀ ଜନ୍ମ ହେବେ।
- ଏହାଦ୍ୱାରା ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବା ସାଙ୍ଗକୁ ଅନାବଶ୍ୟକ ଅଣ୍ଡିରା ବାଛୁରିଙ୍କ ସଂଖ୍ୟା ହ୍ରାସ ପାଇପାରିବ।
- ଅଣ୍ଡିରା ବାଛୁରି ପାଳନ ପାଇଁ ଗୋପାଳକମାନେ ଅଯଥା ଖର୍ଚ୍ଚାନ୍ତ ହେବେ ନାହିଁ।
- ଲିଙ୍ଗ ନିରୂପିତ ଶୁକ୍ର ବା ସେକ୍ସ ସର୍ଟେଡ୍ ସିମେନ ଦ୍ୱାରା କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ସମସ୍ତ ଜିଲ୍ଲାରେ କାର୍ଯ୍ୟକାରୀ ହେଉଅଛି।
- ଗିର୍, ସାହିୱାଲ୍, କ୍ରସ୍ ବ୍ରେଡ୍ ଜର୍ସି, କ୍ରସ୍ ବ୍ରେଡ୍ ହୋଲଷ୍ଟିନ୍ ଫ୍ରିଜିଆନ୍ ଇତ୍ୟାଦି ଉନ୍ନତ ପ୍ରଜାତିର ସେକ୍ସ ସର୍ଟେଡ୍ ସିମେନ ବ୍ୟବହାର କରାଯାଇ କୃତ୍ରିମ ପ୍ରଜନନ କରାଯାଉଅଛି।
- ରାଜ୍ୟ ସରକାର ଗୋପାଳକ ମାନଙ୍କ ପାଇଁ ୭୫ ପ୍ରତିଶତ ରିହାତି ଯୋଗାଇ ଦେଉଛନ୍ତି। ପ୍ରତି ଡ୍ରୋଜ୍ ଲିଙ୍ଗ ନିରୂପିତ ଶୁକ୍ରର ମୂଲ୍ୟ ୭୧୫ ଟଙ୍କା ହୋଇଥିବା ସ୍ଥଳେ ଆମ ସରକାର ଏହାକୁ ଗୋପାଳକମାନଙ୍କୁ ମାତ୍ର ୧୮୦ ଟଙ୍କାରେ ଯୋଗାଇ ଦେଉଛନ୍ତି।
- OMBADC କାର୍ଯ୍ୟକ୍ରମ ଚାଲୁଥିବା ରାଜ୍ୟର ଖଣିଜ ଅଞ୍ଚଳରେ ଏଥିପାଇଁ ଶତ ପ୍ରତିଶତ ରିହାତି ଯୋଗାଇ ଦିଆଯାଉଅଛି।

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର



OIPR: 06014/13/0016/2425

# ଭାଜପା ମହିଳା ମୋର୍ଚ୍ଚାର ସକ୍ରିୟ ସଦସ୍ୟତା ଅଭିଯାନ



ବ୍ରହ୍ମପୁର, (ସବ୍ୟୁ): ଆଜି ଭାରତୀୟ ଜନତା ପାର୍ଟି, ମହିଳା ମୋର୍ଚ୍ଚା, ବ୍ରହ୍ମପୁର ତରଫରୁ ବିଧାୟକ କେ.ଅନିଲ କୁମାର ଙ୍କ ଅଧ୍ୟକ୍ଷତାରେ ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ୱାର୍ଡର ବିଜେପି ମହିଳା କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ବ୍ରହ୍ମପୁର ବିଧାୟକଙ୍କ କାର୍ଯ୍ୟାଳୟ ଠାରେ ଏକ ସକ୍ରିୟ ସଦସ୍ୟତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ସୋସିଆଲ ମିଡ଼ିଆ ସଂଯୋଜିକା ତଥା ଗଞ୍ଜାମ ଓ ଗଜପତି ସଦସ୍ୟତା ଅଭିଯାନ ପ୍ରଭାରୀ ସୁଜାତା ସାବତ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ମହିଳା ମାନଙ୍କ ପାଇଁ ବିଭିନ୍ନ ଯୋଜନାର ଉପଲବ୍ଧି ବିଷୟରେ ଆଲୋଚନା ସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ସ୍ୱାବଲମ୍ବୀ ହେବା ପାଇଁ ସରକାର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ବ୍ରହ୍ମପୁରରେ ଅଧିକ ମହିଳା ସକ୍ରିୟ ସଦସ୍ୟତା କରିବା ପାଇଁ ଆଜିର ଏହି କର୍ମଶାଳାରେ ମହିଳାକର୍ମୀ ମାନେ ସଂକଳ୍ପବଦ୍ଧ କଲେ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ସଦସ୍ୟତା ପ୍ରଭାରୀ ବନମାଳୀ ସେଠି, କର୍ପୋରେଟର ସବିତା ସାହୁ, ଗଞ୍ଜାମ ଜିଲ୍ଲା ସମ୍ପାଦିକା ରନ୍‌ଗର୍ଭା ସରସ୍ୱତୀ ଦେବୀ, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ବର୍ଷା ବିଦ୍ରୁସ୍ମିତା ପାଳ, ମନିତା ଦାସଙ୍କ ସହ ବହୁ ମହିଳା ଉପସ୍ଥିତ ଥିଲେ।

# ବିଭିନ୍ନ ଦାବି ନେଇ ଭଞ୍ଜସେନା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ସୁକନ୍ୟା ତଥା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଗାମୀ ୨୩ତାରିଖ ନିଜ ମାଟିକୁ ଆସି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି । ଏନେଇ ଭଞ୍ଜସେନା ପକ୍ଷରୁ ମୟୂରଭଞ୍ଜର ଅନ୍ୟ ପ୍ରମୁଖ ସମସ୍ୟା ଗୁଡିକ ବାବଦରେ ଏକ ପ୍ରତିନିଧି ଦଳ ବିଭିନ୍ନ ଦାବି ସମ୍ବଳିତ ପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପ୍ରଶାସନକୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କାରାଯାଇଥିବା ଦାବିଗୁଡିକ ଯଥାକ୍ରମେ ମରଣଯନ୍ତା ପାଲଟିଥିବା ଦ୍ୱାରଶୁଣୀ ଘାଟୀରେ ସାଧାରଣ ଜନତାଙ୍କୁ ସୁରକ୍ଷା ପ୍ରଦାନ ସହିତ ତୁରନ୍ତ ସମ୍ପ୍ରସାରଣ କାର୍ଯ୍ୟ ଘୋଷଣା, ମୟୂରଭଞ୍ଜ ଜିଲ୍ଲାରେ ବିପର୍ଯ୍ୟସ୍ତ ହୋଇପଡିଥିବା ସ୍ୱାସ୍ଥ୍ୟ ସେବାରେ ସମ୍ପୂର୍ଣ ସୁଧାର, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ରୂପେ ଗଢ଼ିତୋଳିବା ସହିତ ମୟୂରଭଞ୍ଜ ଜିଲ୍ଲାରେ ବିପର୍ଯ୍ୟସ୍ତ ହୋଇପଡିଥିବା ଶିକ୍ଷା ସେବାରେ ସୁଧାର, ପୂର୍ବେ ଶିମିଳିପାଳରୁ ବାହାରିଥିବା ଜଳ ଧାରଣା କ୍ଷମତା ସମ୍ପନ୍ନ ଚିରସ୍ରୋତା ନଦୀ ଗୁଡିକର ପୁନଃରୁଦ୍ଧାର ଯାହାକି ପରିବେଶ ସନ୍ତୁଳନ ରକ୍ଷାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେବ, ବେକାରୀ ସମସ୍ୟାରେ ଜର୍ଜରିତ, ଶିଳ୍ପ ବିହୀନ ତଥା ଅବହେଳା ଅବସ୍ଥାରେ ପଡିରହିଥିବା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀର ଗନ୍ତାଘର ଆମ ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ମାଧ୍ୟମରେ ନିଯୁକ୍ତି ସୁଯୋଗ ଓ ଆତ୍ମନିର୍ଭରଶୀଳ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା, ଜିଲ୍ଲାରେ ବାକି ରହିଥିବା କପ୍ତିପଦା ଉପଖଣ୍ଡକୁ ରେଳସଂଯୋଗ, ଦୀର୍ଘ ବର୍ଷରୁ ଅବହେଳିତ ହୋଇ ପଡିରହିଥିବା ତଥା ବହୁବାର କାର୍ଯ୍ୟକ୍ଷମ ହେବା ପାଇଁ ଘୋଷଣା ହୋଇଆସୁଥିବା ଅମର୍ଦା ଏୟାରଷ୍ଟ୍ରିପକୁ ପୁନଃ କାର୍ଯ୍ୟକ୍ଷମ ଇତ୍ୟାଦି ସହିତ ଅନ୍ୟାନ୍ୟ ପ୍ରମୁଖ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଘୋଷଣା କରିବା ପ୍ରମୁଖ । ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ଏହି ପ୍ରତିନିଧି ଦଳରେ ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀଙ୍କ ନେତୃତ୍ୱରେ ଜିଲ୍ଲା ସଂଯୋଜକ ସାମନ୍ତ ଶେଖର ପାଲ, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ସନାତନ ସାହୁ ଓ ରାହୁଲ ଗିରି ପ୍ରମୁଖ ସାମିଲ ହୋଇଥିଲେ ବୋଲି ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

# ସମ୍ଭାବିତ ବାତ୍ୟା ପରିସ୍ଥିତି ନେଇ ପ୍ରଶାସନର ତତ୍ପରତା

ବାରିପଦା, (ସବ୍ୟୁ) : ଜିଲ୍ଲାରେ ସମ୍ଭାବିତ ବାତ୍ୟା ଏବଂ ବୃଷ୍ଟିପାତକୁ ଦୃଷ୍ଟିରେ ରଖି, ଏହାର ମୁକାବିଲା ପାଇଁ ଓ ପୂର୍ବ ପ୍ରସ୍ତୁତି ନିମନ୍ତେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ବଙ୍ଗୋପସାଗରରେ ପ୍ରି-ସାଇକ୍ଲୋନ୍ ବଳୟ ସୃତି ହୋଇଥିବାବେଳେ ଆସନ୍ତା ୨୪ ଓ ୨୫ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ। ତେଣୁ ଜିଲ୍ଲାରେ ସମସ୍ତ ପ୍ରକାର ଆପଦକାଳୀନ ପ୍ରସ୍ତୁତି ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାପାଇଁ, ଏବଂ ବିଶେଷ କରି ମହାମହିମ ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ ଥିବା ଯୋଗୁଁ ଜିଲ୍ଲାପାଳ ଏହି ବୈଠକରେ ସମସ୍ତ ଅଧିକାରୀ ମାନଙ୍କୁ ସ୍ୱତନ୍ତ୍ର ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିନିମନ୍ତେ ସମ୍ବେଦନଶୀଳ ତହସିଲ, ବ୍ଲକ ଏବଂ ଗ୍ରାମ ପଂଚାୟତ ଯଥା ବଡ଼ସାହି, ବେତନଟୀ, ମାଣତ୍ରୀ ପଂଚାୟତ, ଖୁଣ୍ଟା, ରାସଗୋବିନ୍ଦପୁର, ସାରସକଣା, କପ୍ତିପଦା, ଉଦଳା ଅଂଚଳର ବିଭିନ୍ନ ସ୍ଥାନ ପାଇଁ ଜିଲ୍ଲାପ୍ରଶାସନ ପର୍ଯ୍ୟାପ୍ତ

## ଜିରୋ କାଜୁଆଲିଟିକୁ ଗୁରୁତ୍ୱ

ପରିମାଣରେ ପୂର୍ବ ବ୍ୟବସ୍ଥା କରିଥିବା ବେଳେ ସମ୍ଭାବିତ ବର୍ଷାରେ ବନ୍ୟା ବ୍ଲପିତ ହେବାକୁ ଥିବା ଅଂଚଳରେ ମଧ ସମସ୍ତ ଜରୁରୀକାଳୀନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ବୁଢ଼ାବଳଙ୍ଗ ଏବଂ ସୁବର୍ଣ୍ଣରେଖା ନଦୀ ଗୁଡିକର ଅବବାହିକାରେ ଅବସ୍ଥିତ ଗ୍ରାମ ଗୁଡିକ ବନ୍ୟା ଦ୍ୱାରା ପ୍ରଭାବିତ ହେବାର ପରିସ୍ଥିତି ଥିବାବେଳେ ପ୍ରଶାସନ ଏଥିପାଇଁ ପୂର୍ବରୁ ସଚେତନ ହୋଇ ଜନସାଧାରଣଙ୍କୁ ଉପଯୁକ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରୀକରଣ କରିବା ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବିତ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଆବଶ୍ୟକ ସ୍ଥଳେ ସ୍କୁଲ ଏବଂ କଲେଜ ମଧ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇପାରେ ବୋଲି ପ୍ରଶାସନ ସୂଚିତ କରିଛନ୍ତି। ଆବଶ୍ୟକ ସ୍ଥଳେ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ ସହାୟତା ନିମନ୍ତେ ସମସ୍ତ ଅଗ୍ନିଶମ କେନ୍ଦ୍ର ପ୍ରସ୍ତୁତ ରହିବେ। ସମସ୍ତ ବିଡ଼ିଓ, ତହସିଲଦାର, ରାଜସ୍ୱ ନିରୀକ୍ଷକ ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ନିର୍ବାହୀ ଅଧିକାରୀଙ୍କୁ ବିପର୍ଯ୍ୟୟ ପ୍ରବଣ ଗ୍ରାମ ଓ ବାସସ୍ଥାନ ପାଇଁ ସ୍ଥାନାନ୍ତର ଯୋଜନା ପ୍ରସ୍ତୁତ କରିବା ପାଇଁ ଆଦେଶ ଦିଆଯାଇଛି। ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ପର୍ଯ୍ୟାପ୍ତ ଜଳ ଯୋଗାଣ, ଆଲୋକୀକରଣ, ପରିମଳ ବ୍ୟବସ୍ଥା ଏବଂ ମୌଳିକ ସୁବିଧା ଉପଲବ୍ଧ କରାଯିବ। ଶୁଖିଲା ଖାଦ୍ୟ ଓ ଶିଶୁ ଖାଦ୍ୟ ସମେତ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା ପାଇଁ ବ୍ୟବସ୍ଥା କରାଯିବ। ପ୍ରଭାବିତ ଅଞ୍ଚଳଗୁଡିକରେ ନିରାପଦ ପାନୀୟ ଜଳ, ଔଷଧ, ଗୋଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରାଯିବା ପାଇଁ ଆଦେଶ ଦିଆଯାଇଛି। ଜିଲ୍ଲାରେ ଥିବା ସମସ୍ତ ଓଡ୍ରାଫ ଟିମଙ୍କୁ ମହଜୁଦ ରହି ଅପଦା ପ୍ରବନ୍ଧନ କାର୍ଯ୍ୟରେ ନିୟୋଜିତ ରହିବା ଏବଂ ସମସ୍ତ ଜରୁରୀକାଳୀନ ପରିସ୍ଥିତିରେ ଜଣସାଧାରଣ ମାନଙ୍କ ପାଖରେ ପହଂଚିବା ଭଳି କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ରହିବା ପାଇଁ ଜିଲ୍ଲାପାଳ ଶ୍ରୀ ସୟ କହିଛନ୍ତି। ବୈଠକରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ଉଦ୍ଧାର କାର୍ଯ୍ୟରେ ପିଆରଆଇ ସଦସ୍ୟ, ସ୍ୱେଚ୍ଛାସେବୀ ଏବଂ ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥି ସହିତ କୌଣସି ଜରୁରୀକାଳୀନ ଅଧିକାରୀ ଏବଂ କର୍ମଚାରୀଙ୍କୁ କାର୍ଯ୍ୟ ମୁଖ୍ୟାଳୟ ନଛାଡ଼ିବା ପାଇଁ ମଧ୍ୟ ଜିଲ୍ଲାପାଳ ଆଦେଶ ଦେଇଛନ୍ତି। ତୁରନ୍ତ ରିଲିଫ୍ ଯୋଗାଣ, ବିଶୁଦ୍ଧ ଜଳ ଓ ଖାଦ୍ୟ ଯୋଗାଣ, ଆବଶ୍ୟକ ସ୍ଥଳେ ଅସ୍ଥାୟୀ ଆଶ୍ରୟସ୍ଥଳୀ ସ୍ଥାପନ ଏବଂ ଚିକିତ୍ସା ସହାୟତାକୁ ସୁଗମ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର, ସମସ୍ତ ଉପଜିଲ୍ଲାପାଳ, ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ସୁଶ୍ରୀ ଶ୍ରଦ୍ଧା ସୁମନ, ସମସ୍ତ ବିଡ଼ିଓ, ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ, ତହସିଲଦାର ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ୬୫ତମ ପୁଲିସ୍ ଶହୀଦ ଦିବସ



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଜିଲ୍ଲା ପୁଲିସ୍ ପକ୍ଷରୁ ଆମ୍ବପୁଆ ସ୍ଥିତ ରିଜର୍ଭ ପୁଲିସ ପଡ଼ିଆଠାରେ ୬୫ତମ ପୁଲିସ୍ ସହିଦ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବ୍ରହ୍ମପୁର ଏସପି ଡ଼ ସର୍ବଣାବିବେକ ଏମଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହିଦମାନଙ୍କ ସ୍ମୃତିଚାରଣ କରିବା ସହିତ ସହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ବ୍ରହ୍ମପୁର ଜିଲ୍ଲା ପୁଲିସ୍ ବାହିନୀ ଦ୍ୱାରା ଅନୁଷ୍ଠିତ ପ୍ୟାରେଡରେ ଦକ୍ଷିଣାଞ୍ଚଳ ଡିଆଇଜି ଡ଼ା ସାର୍ଥକ ଷଡ଼ଙ୍ଗୀ ଯୋଗଦାନ କରି ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ । ୧୯୫୯ ମସିହା ଅକ୍ଟୋବର ୨୧ ତାରିଖ ଦିନ ସି.ଆର୍.ପି.ଏଫ୍‌ର ସାହସୀ ଓ କର୍ତ୍ତବ୍ୟନିଷ୍ଠ ବୀର ଯବାନମାନେ ଲଦାଖ ଅଞ୍ଚଳକୁ ପଶି ଆସିଥିବା ସଶସ୍ତ୍ର ବାହିନୀ ସହିତ ସଂଘର୍ଷ କରି ମାତୃଭୂମି ପାଇଁ ପ୍ରାଣବଳି ଦେଇଥିଲେ । ଦେଶ ପାଇଁ ସେହି ବୀର ଯବାନମାନଙ୍କ ମହନୀୟ ଆତ୍ମୋତ୍ସର୍ଗ ପାଇଁ ପ୍ରତିବର୍ଷ ଅକ୍ଟୋବର ୨୧ଦିନକୁ ଭାରତର ସମସ୍ତ ସଦରମହକୁମାରେ ସହିଦ୍ ସ୍ମାରକୀ ଦିବସ ରୂପେ ପାଳନ କାରିବାକୁ ୧୯୬୦ ମସିହାରେ ଆରକ୍ଷୀ ମୁଖ୍ୟଙ୍କ ସମ୍ମଳୀନରେ ନିଷ୍ପତ୍ତି ନିଆଯାଇଥିଲା । ଏହି ଦିବସର ତାପର୍ଯ୍ୟ ହେଉଛି ଯେଉଁ କର୍ତ୍ତବ୍ୟରତ ଆରକ୍ଷୀ ବନ୍ଧୁମାନେ ଦେଶ ଓ ଜାତି ପାଇଁ ସେମାନଙ୍କର ଜୀବନ ଉର୍ତ୍ସଗ କରିଛନ୍ତି ସେମାନଙ୍କ ସ୍ମୃତି ଉଦ୍ଦ୍ୟେଶରେ ଏହି ଦିବସ କୁ ସହିଦ୍ ସ୍ମାରକୀ ଦିବସ ରୂପେ ପାଳନ କରାଯାଉଛି । ଅନ୍ୟପକ୍ଷରେ ଗଣପତି ନଗର ଅଞ୍ଚଳର ସ୍ୱର୍ଗତ ସୁଶାନ୍ତ ଗୌଡ଼ଙ୍କ ପିତା ନିରଞ୍ଜନ ଗୌଡ଼ଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ରମେଶ ଚନ୍ଦ୍ର ସେଠୀ, ଅସୀମ କୁମାର ପଣ୍ଡା, ଟାଉନ ଏସଡିପିଓ ଦେବୀ ଶଙ୍କର ପ୍ରତାପ ଓ ସଦର ଏସଡ଼ିପିଓ ସୀତାଅଂଶୁ ପରିଡ଼ ପ୍ରମୁଖ ଉପସ୍ଥିତ ରହି ଦେଶ ପାଇଁ ସହିଦ ହୋଇଥିବା ବୀରମାନ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସେମାନଙ୍କ ସୃତି ଚାରଣ କରିଥିଲେ ।

# ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୨୦ କ୍ରୀଡ଼ାବିତ ସାମିଲ

ବାରିପଦା, (ସବ୍ୟୁ) : ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଚଳିତ ଅକ୍ଟୋବର ମାସ ୨୨ ରୁ ୨୩ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ମୁନିସିପାଲ ହାଇସ୍କୁଲ ଠାରେ ଅନୁଷ୍ଠିତ ହେଉଅଛି । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଭାଗିରଥି ମଲ୍ଲିକଙ୍କ ସହିତ ବାଳକ ଟିମ୍ ମ୍ୟାନେଜର ଭାବେ ଶୁଳିଆପଦା ବ୍ଲକ ଅନ୍ତର୍ଗତ ନବଜୀବନ ସରକାରୀ ଉଚ୍ଚ ବିଦ୍ୟାଳୟ, ସିଙ୍ଗଡ଼ାର ପିଇଟି ତରିଣୀସେନ ନାଏକ ଓ ବାଳିକା ଟିମ ମ୍ୟାନେଜର ଭାବେ କରଞ୍ଜିଆ ବ୍ଲକ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କରଞ୍ଜିଆର ପିଇଟି ଶକୁନ୍ତଳା ମହାନ୍ତଙ୍କ ନେତୃତ୍ୱରେ ୨୦ଜଣ କ୍ରୀଡ଼ାବିତ ଯୋଗ ଦେଇଛନ୍ତି । ଅଂଶଗ୍ରହଣ କରିଥିବା ପ୍ରତିଯୋଗିତାମାନଙ୍କ ମଧ୍ୟରେ ୧୭ବର୍ଷରୁ କମ ବାଳକ ବିଭାଗର ଇଣ୍ଡିଆନ ରାଉଣ୍ଡରେ ଗୋବିନ୍ଦ ମାଝୀ, ହୃଷିକେଶ ସାହୁ, ଦିକୁରାମ ମାରାଣ୍ଡି, ସଞ୍ଚିତନ ସର୍ଦାର ଓ ବାଳିକା ବିଭାଗରେ ସୀମା ମୁଣ୍ଡା, ଜଳେଶ୍ୱରୀ ବିରୁଆ, ସନ୍ଧ୍ୟାରାଣୀ ବାରିକ । ସେହିପରି ୧୪ବର୍ଷରୁ କମ ବାଳକ ବିଭାଗର ଇଣ୍ଡିଆନ ରାଉଣ୍ଡରେ କୁଆଁର ମାରାଣ୍ଡି, ଦିବ୍ୟରଞ୍ଜନ ମହାନ୍ତ, ଜୟଦେବ ମହାନ୍ତ ଓ ବାଳିକା ବିଭାଗରେ ବିଷ୍ଣୁପ୍ରିୟା ମହାନ୍ତ, ଆୟୁଷା ସର୍ଦାର, ଅର୍ଚ୍ଚିତା ମୁଣ୍ଡା, ସାଇକ୍ରିଷ୍ଟା ବେହେରା । ୧୭ବର୍ଷରୁ କମ ବାଳିକା ବିଭାଗର ରେକର୍ଭ ରାଉଣ୍ଡରେ ସାରଥୀ ମୁର୍ମୁ, ଜୁନାଇ କଣ୍ଡାୟନ ଓ କମ୍ପାଉଣ୍ଡ ରାଉଣ୍ଡରେ ଲକ୍ଷ୍ମୀପ୍ରିୟା ମହାନ୍ତ, ଲିପସିତା ମହାନ୍ତ, ସାହ୍ମ ମାରାଣ୍ଡି ଏବଂ ୧୪ବର୍ଷରୁ କମ ବାଳକ ବିଭାଗ କମ୍ପାଉଣ୍ଡ ରାଉଣ୍ଡରେ ପ୍ରତୁଷ କୁମାର ଗିରି । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଛି ।

# ଡ଼. ପ୍ରଶାନ୍ତ କୁମାର ଦାଶ ଏଫଓଆଇବିଡିଓର ଜାତୀୟ ଉପସଭାପତି



କଟକ, (ସ୍ୱପ୍ର): ଉତ୍ତରପ୍ରଦେଶ ନୋଇଡା ସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ବାୟୋଲୋଜିକାଲ ଠାରେ ଚଳିତ ମାସ ୧୭, ୧୮ ଓ ୧୯ ତାରିଖ ତିନିଦିନ ବ୍ୟାପି ବ୍ଲଡକନ-୨୦୨୪(ଜାତୀୟ ସମ୍ମିଳନୀ ଓ କର୍ମଶାଳା) ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟରତ ସଙ୍ଗଠନ ଓ ରକ୍ତଦାତାମାନେ ଯୋଗଦାନ କରି ରକ୍ତଦାନ ସମ୍ପର୍କିତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ସମ୍ମିଳନୀର ଶେଷ ଦିନ ଆସନ୍ତା ଦୁଇ ବର୍ଷ ପାଇଁ ପରିଚାଳନା କମିଟି ଚୟନ କରାଯାଇଥିଲା। ବ୍ଲଡ଼ ଡୋନରସ କାଉନସିଲ, ଓଡିଶାର ସାଧାରଣ ସମ୍ପାଦକ ଡ଼କ୍ଟର ପ୍ରଶାନ୍ତ କୁମାର ଦାଶଙ୍କ ରକ୍ତଦାନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ପୁନର୍ବାର ଫେଡେରେସନ ଅଫ ଇଣ୍ଡିଆନ ବ୍ଲଡ଼ ଡୋନର୍ସ ଅର୍ଗାନାଇଜେସନ୍ସର ଚତୁର୍ଥଥର ପାଇଁ ଜାତୀୟ ଉପସଭାପତି ଭାବେ ନିର୍ବାଚିତ ହୋଇ ଗୌରବ ଅର୍ଜନ କରିଛନ୍ତି। ବ୍ଲଡ଼ ଡୋନର୍ସ କାଉନସିଲର ସଭାପତି ରାଜେନ୍ଦ୍ର କୁମାର ଚୌଧୁରୀ, ବରିଷ୍ଠ ସଭ୍ୟ ଡ଼କ୍ଟର ବିକାଶ କୁମାର ପ୍ରସାଦ, ପବିତ୍ର ମୋହନ ପ୍ରଧାନ, ଡ଼କ୍ଟର ସୌଦାମିନୀ ନାୟକ, ବିଶ୍ୱନାଥ ସେନ, ଶ୍ରୀବାସ ପ୍ରସାଦ ସାହୁ, ଧୀର ପ୍ରସାଦ ମହାନ୍ତି ଓ ଓଡିଶାର ବହୁ ସଙ୍ଗଠନ, ବୁଦ୍ଧିଜୀବୀ ଓ ବ୍ୟକ୍ତିବିଶେଷ ଡ଼. ଦାଶଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ମୟୂରଭଞ୍ଜ ସାହିତ୍ୟ ପରିଷଦ ପକ୍ଷରୁ ଗୀତିକବିତାର ମନୋଜ୍ଞ ଆସର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠାନର ସଦସ୍ୟ/ସଦସ୍ୟା ତଥା ଭଞ୍ଜମାଟିର ବରେଣ୍ୟ ଗୀତି ସାହିତ୍ୟକଙ୍କ ସ୍ୱରଚନାକୁ ନେଇ ଗୀତିକବିତା ପାଠର ଏକ ମନୋଜ୍ଞ ଆସର ମହର୍ଷି ପବ୍ଲିକସ୍କୁଲ, ବାରିପଦା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଓଡିଆ ସାହିତ୍ୟର ବିଶିଷ୍ଟ କବୟିତ୍ରୀ, ପରିଷଦର ଉପସଭାପତି ସୁଶ୍ରୀ କାବେରୀ ମିଶ୍ର ଆସରରେ ପୌରହିତ୍ୟ କରିଥିବା ବେଳେ ସ୍ୱନାମଧନ୍ୟା ବରିଷ୍ଠ ସାହିତ୍ୟିକା ତଥା ସମାଜସେବୀ ବୀରଜା ଦେବୀ ମୁଖ୍ୟଅତିଥି ଏବଂ ସଙ୍ଗୀତସ୍ରଷ୍ଟା ପ୍ରାଧ୍ୟାପକ ସୁନୀଲ କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୀତି କବିତାର ବିଭାଗ, ରଚନାଶୈଳୀ, ଶବ୍ଦଚୟନ ଆଦିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କବିତା ସଂଯୋଜନା କରିଥିଲେ ସାରସ୍ୱତ ସାଧିକା ଭାସ୍ୱତୀ ପଣ୍ଡା ଓ କବି ଗୋପାଳ ଚନ୍ଦ୍ର ସାଓ। କବିତା ପାଠରେ ଅଂଶଗ୍ରହଣ କରିଥିଲେ ସର୍ବଶ୍ରୀ ଅନିକେତ ବୃନ୍ଦାବନ ଦାଶ, ଡଃ ଶଶିଧର ବିଶ୍ୱାଳ, ବାସନ୍ତୀଲତା ମହାପାତ୍ର, ସମରେନ୍ଦ୍ର କୁମାର ବଶା, ସୁଶ୍ରୀ ବୀଣାପାଣି ପଣ୍ଡା ପ୍ରମୁଖ। ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁଗ୍ମସମ୍ପାଦକ ଅଜିତ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ଓଡିଶା ଡିପ୍ଲୋମା ସେବା ସଂଘର ବୈଠକ

କାମାକ୍ଷାନଗର: ଢେଙ୍କାନାଳ ଜିଲ୍ଲା ଓଡିଶା ଡିପ୍ଲୋମା ଇଂଜିନିୟର ସେବା ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି।କାମାକ୍ଷାନଗର ଉପଖଣ୍ଡ ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ସଭ୍ୟ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏଠାରେ ସଭାପତି ଭାବରେ ବିଶ୍ୱବିଜୟୀ ମଲ୍ଲିକ, ସମ୍ପାଦକ ଭାବରେ ରଶ୍ମିରଞ୍ଜନ ଦାସ, ଉପ ସଭାପତି ସତ୍ୟ ରଞ୍ଜନ ସାହାଣୀ, ଉପଦେଷ୍ଟା ପ୍ରମୋଦ କୁମାର ସ୍ୱାଇଁ, ଅନ୍ୟମାନଙ୍କ ମଧ୍ୟରେ ମନୋଜ କୁମାର ଦାସ, ରଞ୍ଜନ କୁମାର ମହାନ୍ତି,ପ୍ରଦୀପ କୁମାର ମଲ୍ଲିକ,ରବି ନାରାୟଣ ନନ୍ଦି, ଶୌର୍ଯ୍ୟ କୁମାର ପତିହାରି,ନୀଳମଣି ମହାପାତ୍ର,ମିତୁ ରାଣୀ ପଣ୍ଡା,ସୁକାନ୍ତି ପାତ୍ର, ପ୍ରହ୍ଲାଦ ନାଥଙ୍କ ସମେତ କାମାକ୍ଷାନଗର ଉପଖଣ୍ଡର ବିଭିନ୍ନ ଅଞ୍ଚଳର ଇଞ୍ଜିନିୟର ମାନେ ଉପସ୍ଥିତ ଥିଲେ ।ନିଜର ସାଂଗଠନିକ ଉପରେ ଆଲୋଚନା କରାଯାଇଥିଲା ।

# ପୂର୍ଣ୍ଣଚନ୍ଦ୍ର ଶିଳ୍ପ ତାଲିମ ଅନୁଷ୍ଠାନରେ କୌଶଳ ଦୀକ୍ଷାନ୍ତ ସମାରୋହ




ବାରିପଦା, (ସବ୍ୟୁ) : ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ କୌଶଳ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠାନର ଅଧକ୍ଷ ହରିଭକ୍ତ ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ବିକାଶ ତଥା କର୍ମ ନିୟୋଜନ ଅଧିକାରୀ ଆଶିଷ କୁମାର ବସନ୍ତୀୟା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ବର୍ତ୍ତମାନ ସମୟରେ ଆଇଟିଆଇ ଟ୍ରେନିଂର ଆବଶ୍ୟକତା ଓ ସେମାନେ ବିଭିନ୍ନ କର୍ମ ସଂସ୍ଥାନରେ କିଭଳି ନିଯୁକ୍ତି ପାଇପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି ଉପଲକ୍ଷେ ସର୍ବଭାରତୀୟ ବାର୍ଷିକ ପରିକ୍ଷା ୨୦୨୪ରେ କୃତିତ୍ୱ ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ ସହିତ ପ୍ରତି ଟ୍ରେଡ୍‌ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅନୁଷ୍ଠାନର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ସୁପରିଟେଣ୍ଡେଣ୍ଟ ପ୍ରଭୁଦତ୍ତ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

# ଫ୍ୟାନ୍‌ରେ ଝୁଲି ପଡିଲେ ଯୁବକ

ଭଞ୍ଜନଗର, (ସବ୍ୟୁ): ତାରସିଂ ଥାନା ଅନ୍ତର୍ଗତ ଉଲୁଦନ ଗ୍ରାମରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କଲେ ଯୁବକ । ମୃତକ ଜଣକ ସେହି ଗାଁର ପାଣୁ ପ୍ରଧାନଙ୍କ ପୁଅ ଶରତ ପ୍ରଧାନ(୩୫)। ଘରର ଫ୍ୟାନ୍‌ରେ ପିନ୍ଧିଥିବା ଗାମୁଛା ବାନ୍ଧି ସେ ଆତ୍ମହତ୍ୟା କରିଥିବା କୁହାଯାଉଛି । ଶୁଣିବାକୁ ମିଳିଥିବା ଖବର ପ୍ରକାରେ, ଶରତ ଗ୍ରାମର କିଛି ଲୋକଙ୍କ ଠାରୁ କିଛି ଟଙ୍କା କରଜ ଆଣିଥିଲେ। ତାହା ସଂପୃକ୍ତ ଲୋକଙ୍କୁ ପ୍ରତିଶୋଧ କରି ପାରିନଥିଲେ। ଯେଉଁଥିପାଇଁ ଧାର ଟଙ୍କା ପରିଶୋଧ କରିବା ସକାଶେ, ପରିବାର ସହ ସୁରଥ ଯାଇଥିଲେ ଅଧିକ କିଛି ରୋଜଗାର କରିବା ପାଇଁ । ତେବେ କିଛିଦିନ ପୂର୍ବରୁ ସେ ଗାଁ କୁ ଫେରିଥିଲେ। ରଣ ଟଙ୍କା କୁ କେନ୍ଦ୍ରକରି ମାନସିକ ଭାରସାମ୍ୟ ହରାଇ, ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପରିବାର ଲୋକେ ସନ୍ଦେହ କରିଛନ୍ତି । ଏନେଇ ପରିବାର ପକ୍ଷରୁ ତାରସିଂ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତକରି ବ୍ୟବଚ୍ଛେଦ କରାଯାଇଥିଲା। ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହାକୁ ନେଇ ତାରାସିଂ ଥାନା କେସନଂ ୨୩/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେଇଥିବା ଥାନାଧିକାରୀ ଦିଲ୍ଲୀପ ସ୍ୱାଇଁ ସୁଚନା ଦେଇଛନ୍ତି।

# ସୁନାରେ ନିବେଶ



ଭାରତରେ ନିବେଶ କ୍ଷେତ୍ରରେ ଉର୍ଦ୍ଧ୍ୱମୁଖୀ ବୃଦ୍ଧି ଦେଖିବାକୁ ମିଳିଛି। ପର୍ଯ୍ୟାୟକ୍ରମେ ଆମେ ଏକସଂଚୟ ଅର୍ଥନୀତିରୁ ନିବେଶକଙ୍କ ଅର୍ଥନୀତି ଆଡ଼କୁ ଗତି କରୁଛୁ। ଷ୍ଟକ୍, ମ୍ୟୁଚୁଆଲ୍ ଫଣ୍ଡ, ଆଇପିଓ, ସୁନା ଓ ଫିକ୍ସଡ୍‌ଇନ୍‌କମ୍ ଉତ୍ପାଦ ଭଳି ବ୍ୟାପକ ନିବେଶ ବିକଳ୍ପ ସହିତ ସଠିକ୍ ତଥ୍ୟ ନିବେଶକମାନଙ୍କୁ ସେମାନଙ୍କ ପୋର୍ଟଫୋଲିଓକୁ ବ୍ୟାପକ କରିବା ଏବଂ ସଠିକ୍ ନିବେଶ କରିବାରେ ସହାୟକ ହୋଇଛି।ବହୁ ନିବେଶ ଉପକରଣ ଥିବା ସତ୍ତ୍ୱେ ଭାରତୀୟମାନଙ୍କ ଲାଗି ସୁନା ଅନ୍ୟତମ ସର୍ବ ପୁରାତନ ଓ ସବୁଠୁ ପସନ୍ଦର ନିବେଶ ବିକଳ୍ପ ହୋଇ ରହିଛି ଯାହାର ଦୃଢ଼ ସାଂସ୍କୃତିକ ଇତିହାସ ରହିଛି। ଗତ କିଛି ବର୍ଷ ମଧ୍ୟରେ ସୁନା ଦରରେବ୍ୟାପକ ବୃଦ୍ଧି ହୋଇଥିଲା। ୨୦୨୩ରେ ସେଥିରେ ୨୫ ପ୍ରତିଶତ ଏବଂ ୨୦୨୪ରେ ୧୨ ପ୍ରତିଶତ ବୃଦ୍ଧି ଘଟିଛି।ସେଥିପାଇଁ ସୁନାରେ ନିବେଶକୁ ନେଇ ହଠାତ୍ ଆଗ୍ରହ ବଢ଼ିଛି। ସୁନାରେ ନିବେଶ କାହିଁକି ଭଲ ତାହାର ଅନେକକାରଣ ରହିଛି।

ମୁଦ୍ରାସ୍ଫୀତି ବିରୋଧରେ ସୁରକ୍ଷା ଭାବେ ବ୍ୟବହାର କରିହେବ: ମୁଦ୍ରାସ୍ଫୀତି ବଢ଼ିଲେ ମୁଦ୍ରାର କ୍ରୟ ଶକ୍ତିହ୍ରାସ ପାଏ। ସମଗ୍ର ଇତିହାସରେ ଦୀର୍ଘକାଳୀନ ଭିତିରେ ଅଧିକ ପ୍ରମୁଖ ମୁଦ୍ରା ସୁନା ବଦଳରେ ହ୍ରାସ ପାଇଛି।

ତୁଳନାତ୍ମକ ଭାବେ କମ୍ ବିପଦ: ସୁନାରେ ନିବେଶ ହେଉଛି ଏକ ଉପାୟ ଯାହା ବଜାରରେ ଅସ୍ଥିରତା ସମୟରେ ଆପଣଙ୍କ ପୋର୍ଟଫୋଲିଓକୁ ଅଧିକ ଦୃଢ଼ ଓ ଅପେକ୍ଷାକୃତ ଭାବେ ବିପଦ ମୁକ୍ତ କରିଥାଏ। ସୁନା ପୋର୍ଟଫୋଲିଓର ଅସ୍ଥିରତାକୁ କମ୍ ରହିଥାଏ, କାରଣ ସୁନାର ମୂଲ୍ୟ ତୁଳନାରେ ଅନ୍ୟ ସଂପତ୍ତିଗୁଡ଼ିକରପ୍ରଭାବିତ ହୋଇଥାଏ। ତେଣୁ, ପୋର୍ଟଫୋଲିଓରେ ଅନ୍ୟ ସଂପତିର ମୂଲ୍ୟ କିମ୍ବା ଦାମ୍ ଅସ୍ଥିର ହେଲେ ସୁନାରକ୍ଷକ ଭାବେ କାର୍ଯ୍ୟ କରି ପୋର୍ଟଫୋଲିଓ ମୂଲ୍ୟକୁ ଗୁରୁତର ପ୍ରଭାବିତ ହେବାରୁ ରୋକିଥାଏ।

ସୁନା ହେଉଛି ଏକ ଅତ୍ୟନ୍ତ ନଗଦ ସଂପତ୍ତି: ଉପଲବ୍ଧ ଥିବା ନିବେଶ ଉପକରଣ ମଧ୍ୟରୁ ସୁନା ହେଉଛି ଅନ୍ୟତମ ନଗଦ ଯାହା ଶୀଘ୍ର ଓ ସହଜରେ ନଗଦ ରାଶିରେ ପରିଣତ ହୋଇପାରେ। ସେହି ଫାଇଦା ପାଇଁ ନିବେଶକମାନେ ଅର୍ଥନୈତିକ ଅନିଶ୍ଚିତତା ସମୟରେ ନିଜର ସଂପତ୍ତିର ସୁରକ୍ଷା ପାଇଁ ସୁନା ଆଡ଼କୁ ଢ଼ଳିଥାନ୍ତି।ନିବେଶ ପାଇଁ ପ୍ରଥମ ଥିବା ଲୋକମାନଙ୍କୁ ସୁନା ବଜାରକୁ ଭଲ ଭାବେ ବୁଝିବା ଜରୁରୀ। ଅଳ୍ପରୁ ଆରମ୍ଭ କରନ୍ତୁଏବଂ ସୁନାରେ ନିବେଶକୁ ଏକ ଦୀର୍ଘକାଳୀନ ନିବେଶ ଭାବେ ଦେଖନ୍ତୁ। ସୁନା ନିବେଶ ପାଇଁ ସୋଭରେନ୍‌ଗୋଲ୍ଡ ବଣ୍ଡ ସବୁଠୁ ପସନ୍ଦର ନିବେଶ ଉପକରଣ ହୋଇଥିବା ବେଳେ ସୁନା ଇଟିଏଫ୍ ଓ ସୁନା ମ୍ୟୁଚୁଆଲ୍ ଫଣ୍ଡଜରିଆରେ ସେଥିରେ ମଧ୍ୟ ନିବେଶ କରିପାରିବେ। ତେବେ ସୁନାରେ ନିବେଶ ଲାଗି ସେମାନଙ୍କୁ ବହୁତ କିଛି ବିଚାର କରିବାକୁ ପଡ଼ିବ ଯଥା ନିବେଶର ଲକ୍ଷ୍ୟ, ନିବେଶର ସମୟ ଏବଂ ବଜାର ଧାରା ଉପରେ ସମ୍ପୂର୍ଣ୍ଣ ନଜର।ଯେକୌଣସି ନିବେଶ ଯାତ୍ରାକୁ ସଫଳ କରିବା ଲାଗି ନିବେଶକ ଏହି ସବୁ ବିଷୟ ଉପରେ ନଜର ରଖିବାଗୁରୁତ୍ୱପୂର୍ଣ୍ଣ। ବଜାର କୋଳାହଳଠାରୁ ଦୂରରେ ରହି ସୂଚନା ଆଧାରରେ ନିଷ୍ପତି ନିଅନ୍ତୁ ଓ ବୁଦ୍ଧିମାନର ପରିଚୟଦିଅନ୍ତୁ।

**କବିତା ସୁବ୍ରମଣ୍ୟମ,**
**ସହପ୍ରତିଷ୍ଠାତା, ଅପଷ୍ଟକ୍ସ**

# ବାତ୍ୟା ଦାନାର ମୁକାବିଲା ପାଇଁ ଟିପିଏସ୍‌ଓଡିଏଲର ଯୋଜନାବଦ୍ଧ ପ୍ରସ୍ତୁତି



ବ୍ରହ୍ମପୁର, (ସବ୍ୟୁ) : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ଦାନା'କୁ ଦୃଷ୍ଟିରେ ରଖି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ତତ୍ପରତା ଦେଖାଇଛି। ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ସହ ବିଦ୍ୟୁତ ସରବରାହରେ ବାଧାବିଘ୍ନକୁ ହ୍ରାସ କରିବା ପାଇଁ କମ୍ପାନୀ ପକ୍ଷରୁ ଏକ ବ୍ୟାପକ ବ୍ୟବସାୟ ନିରନ୍ତରତା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା (ବିସିଡିଏମପି) ପ୍ରସ୍ତୁତ କରାଯାଇଛି। ବିଭିନ୍ନ ସ୍ତରର ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଟିପିଏସ୍‌ଓଡିଏଲର ବିସିଡିଏମପି ଯୋଜନା ପ୍ରସ୍ତୁତ କରାଯାଇଛି । ଯେଉଁଥିରେ ଏକ ଉତ୍ସର୍ଗୀକୃତ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ରହିଛି । ଏହି ଯୋଜନା କମ୍ପାନୀକୁ ବ୍ୟବସ୍ଥିତ ଭାବରେ ସତର୍କ ସୂଚନା ଗ୍ରହଣ ଓ ବିଶ୍ଳେଷଣ କରିବା, ବିପର୍ଯ୍ୟୟ ପୂର୍ବରୁ ସତର୍କ ସୂଚନା ଦେବା ଏବଂ ବିସିଡିଏମପି ପରିଚାଳନା କରିବାରେ ସାହାଯ୍ୟ କରିବ। ରେସପନ୍ସ ଟିମର ପ୍ରସ୍ତୁତିକୁ ଯାଞ୍ଚ କରିବା ପାଇଁ ଏକ ମକ୍ ଡ୍ରିଲ୍ ମଧ୍ୟ ଆୟୋଜନ କରାଯାଇଛି। ୨୪x୭ ଜରୁରୀକାଳୀନ ହେଲ୍ପଲାଇନ ଉପଲବ୍ଧ ରହିଛି। ୨୪ ଘଣ୍ଟିଆ ଟୋଲ୍ ଫ୍ରି ହେଲ୍ପଲାଇନ୍ ନମ୍ବର: ୧୯୧୨ କିମ୍ବା ୧୮୦୦-୩୪୫-୬୭୯୭ରେ ଯୋଗାଯୋଗ କରି ବିଜୁଳି ସମ୍ବନ୍ଧୀୟ କୌଣସି ଜରୁରୀ କାଳୀନ ପରିସ୍ଥିତି ସମ୍ପର୍କରେ ଜଣାଇବାକୁ ଉପଭୋକ୍ତାଙ୍କୁ ଅନୁରୋଧ କରିଛି ଟିପିଏସ୍‌ଓଡିଏଲ୍। ଯେକୌଣସି ବିଜୁଳି ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ କମ୍ପାନୀ ଏହାର ପରିସରଭୁକ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ୱତନ୍ତ୍ର ତ୍ୱରିତ-ରେସପନ୍ସ ଟିମ୍ ନିୟୋଜିତ କରିଛି। ଆଗକୁ ଆସୁଥିବା ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଟିପିଏସ୍‌ଓଡିଏଲ୍ ବାତ୍ୟା ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କୁ ନିମ୍ନଲିଖିତ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛି। ବଜ୍ରପାତ ସମୟରେ କୌଣସି ତାର କିମ୍ବା ପ୍ଲମ୍ବିଂରୁ ଦୂରେଇ ରୁହନ୍ତୁ। କାରଣ ଟେଲିଫୋନ୍ ଲାଇନ୍ ଏବଂ ଧାତୁ ନିର୍ମୀତ ପାଇପ୍ ବିଦ୍ୟୁ ସୁପରିବାହୀ ଅଟେ। ବଜ୍ରପାତ, ପ୍ରବଳ ବର୍ଷା, ଝଡ଼ ତୋଫାନ ସମୟରେ ଗଛ କିମ୍ବା ଅସ୍ଥାୟୀ ଗୃହ ତଳେ ଆଶ୍ରୟ ନିଅନ୍ତୁ ନାହିଁ । ଓଦା ହାତରେ କିମ୍ବା ଗ୍ଲୋଭ୍ସ ଓ ଇନସୁଲେଟେଡ୍ ପ୍ଲାଟଫର୍ମ ଭଳି ବିନା ସୁରକ୍ଷା ଉପକରଣରେ କୌଣସି ବୈଦ୍ୟୁତିକ ଉପକରଣକୁ ସ୍ପର୍ଶ କରନ୍ତୁ ନାହିଁ। ବର୍ଷା ପରେ ନାଳ ନର୍ଦ୍ଦମା ଏବଂ ଜଳ ନିଷ୍କାସନ ପ୍ରଣାଳୀଠାରୁ ପିଲାମାନଙ୍କୁ ଦୂରେଇ ରଖନ୍ତୁ। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଭାରତୀୟ ପାଣିପାଗ ବିଭାଗ ବାତ୍ୟା 'ଦାନା'ର ପୂର୍ବାନୁମାନ କରିବା ପରେ ଆମ ଟିମ୍ ଏହି ଜଟିଳ ସମୟରେ ବିଜୁଳି ଯୋଗାଣକୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଇଛନ୍ତି। ସମ୍ଭାବ୍ୟ କ୍ଷୟକ୍ଷତିକୁ ହ୍ରାସ କରିବା ପାଇଁ ଆମେ ସରକାରୀ ଏଜେନ୍ସି ଏବଂ ବିପର୍ଯ୍ୟୟ ପରିଚାଳନା ଟିମ୍ ସହିତ ମିଶି କାମ କରୁଅଛୁ । ଆମର ଗ୍ରାହକମାନେ ଯେମିତି ବିଶେଷ କିଛି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା ହେଉଛି ଆମର ପ୍ରାଥମିକତା। କୌଣସି ଅଘଟଣକୁ ରୋକିବା ପାଇଁ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାକୁ ଆମେ ଜନସାଧାରଣଙ୍କୁ ଅନୁରୋଧ କରୁଛୁ। ଟିପିଏସ୍‌ଓଡିଏଲ୍ ଉଭୟ ବିତରଣ ଏବଂ ପ୍ରାଇମେରୀ ସବ୍-ଷ୍ଟେସନର ରକ୍ଷଣାବେକ୍ଷଣ କାର୍ଯ୍ୟ ଶେଷ କରିଛି। ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେଲେ ପୁନରୁଦ୍ଧାରକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରାନ୍ସଫର୍ମର ଏବଂ ସୁଇଚ ଗିୟର ସମେତ ଅତ୍ୟାବଶ୍ୟକ ସ୍ପେୟାର ପାର୍ଟସ, ଉପକରଣଗୁଡ଼ିକୁ ମହଜୁଦ ରହିଛି। ଜରୁରୀକାଳୀନ ସେବାକୁ ନିରନ୍ତର ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟିପିଏସ୍‌ଓଡିଏଲର ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ ରହିଛନ୍ତି ।

## କଂସମୁଣ୍ଡା ଲକ୍ଷ୍ମୀପୂଜା ଆଞ୍ଜା ଲଡୁ ନିଲାମ
# ୫୦ହଜାର ୧୦୧ ଟଙ୍କାରେ ନିଲାମ ନେଲେ ଦେବେନ୍ଦ୍ର ବାରିକ

କଣିହା,(ସବ୍ୟୁ) : ଚଳିତ ବର୍ଷ କଣିହାଁ ବ୍ଲକ ଅନ୍ତର୍ଗତ କଂସମୁଣ୍ଡା ଗ୍ରାମରେ ୧୩ଟି ମଣ୍ଡପରେ ପ୍ରତିଯୋଗୀତା ମୂଳକ ଭାବରେ ମା ଲକ୍ଷ୍ମୀ ପୁଜା ପାଉଥିଲେ । ଏହି ପରIପ୍ରେକ୍ଷୀରେ କଂସମୁଣ୍ଡା ସାର୍ବଜନୀନ ଲକ୍ଷ୍ମୀ ପୁଜା କମିଟି ଆନୁକୂଲ୍ୟରେ ରବିବାର ସଂଧ୍ୟାରେ ମା' ଲକ୍ଷ୍ମୀଙ୍କ ଆଞ୍ଜାଲଡୁ ନିଲାମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ମା' ଲକ୍ଷ୍ମୀ ଆଞ୍ଜାଲଡୁକୁ ପୂର୍ବତନ ସମିତି ସଭ୍ୟ ତଥା ବିଜେପି କଣିହାଁ ମଣ୍ଡଳ ସଭାପତି ଦେବେନ୍ଦ୍ର କୁମାର ବାରିକ ୫୦ ହଜାର ୧୦୧ ଟଙ୍କାରେ ନିଲାମ ନେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସାମ୍ବାଦିକ ଭୂପେନ କୁମାର ଗଡ଼ନାୟକ, ସାମ୍ବାଦିକ ରଞ୍ଜନ କୁମାର ମିଶ୍ର, ସାମ୍ବାଦିକ ଭାଗିରଥି ସାହୁ, କଣିହାଁ ଥାନା ଏଏସଆଇ ପ୍ରଶାନ୍ତ କୁମାର ପାଲ, ଏଏସଆଇ ଦମୟନ୍ତୀ ବେହେରା, କଂସମୁଣ୍ଡା ଗ୍ରାମ ସଭାପତି ଉତ୍ସ ସ୍ୱାଇଁ,



ସଂପାଦକ ଭୁବନାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇ ଆଞ୍ଜାଲଡୁ କୁ ଦେବେନ୍ଦ୍ର ବାରିକଙ୍କୁ ପ୍ରଦାନ କରିଥିଲେ । ଆଞ୍ଜାଲଡୁ ନିଲାମ କାର୍ଯ୍ୟକ୍ରମକୁ ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଦେବଦତ୍ତ ପ୍ରସାଦ ପ୍ରଧାନ ସଂଯୋଜନା କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ପ୍ରତି କମିଟିର ସଭାପତିଙ୍କୁ ଲଡୁ ପ୍ରଦାନ କରାଯିବା ସହ ଶାନ୍ତି କମିଟିର ସଦସ୍ୟଙ୍କୁ ସମ୍ମାନୀତ କରଯାଇଥିଲା । କାର୍ଯ୍ୟକ୍ରମରେ ଗ୍ରାମର ମାଧବ ଚନ୍ଦ୍ର ସ୍ୱାଇଁ, ମାଧବ ଚନ୍ଦ୍ର ପ୍ରଧାନ, ଅନୁକୂଳ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ଲୋକନାଥ ସାହୁ, ଦୁଃଖବନ୍ଧୁ ସାହୁ, ସୁଧାକର ବେହେରା, ସୁଦର୍ଶନ ବେହେରା, ତଅଁଳୁ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ପିଙ୍ଗୁଆ-ଦଶମାଣପାଟଣା ରାସ୍ତାର ଭିତ୍ତିପ୍ରସ୍ତର
## କପିଳାସ ରାଜ୍ୟର ଏକମାତ୍ର ସାଇନ୍ସ ସିଟି ହେବ

ଢେଙ୍କାନାଳ, (ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ପିଙ୍ଗୁଆ ଦଶମାଣପାଟଣା ରାସ୍ତାର ଉନ୍ନତିକରଣ ର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ କପିଳାସରେ ରାଜ୍ୟର ଏକ ମାତ୍ର ସାଇନ୍ସ ସିଟି ହେବ ବୋଲି କହିବା ସହିତ ନେଉଳପୋଇ ଠାରେ ସ୍ଥାପିତ ହେବାକୁ ଥିବା ୱରୀ ଇଣ୍ଡଷ୍ଟ୍ରିଜରେ ୨୫ ହଜାର ଯୁବକ ଯୁବତୀ ନିଯୁକ୍ତି ପାଇବେ ବୋଲି କହିଥିଲେ।



ଗଁଦିଆ ବ୍ଲକ ପିଙ୍ଗୁଆ ବସ୍ ଷ୍ଟାଣ୍ଡରେ ଅଞ୍ଚଳ ବାସୀଙ୍କ ଦାବୀ ଅନୁସାରେ ପିଙ୍ଗୁଆ - ଦଶମାଣ ରାସ୍ତାର ଭିତ୍ତିପ୍ରସ୍ତର ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ,ଖାଉଟିକଲ୍ୟାଣ,ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଦ୍ୱାରା ସ୍ଥାପନ ହୋଇଛି। ନିର୍ବାଚନ ସମୟରେ ଜନସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ଅନୁସାରେ ମନ୍ତ୍ରୀ ଶ୍ରୀ ପାତ୍ର ଏହି ମହତ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ସଭାରେ ଯୁବ ନେତା ରବି ନାରାୟଣ ପରିଡା ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଯୋଗଦେଇ ନିଜର ବକ୍ତବ୍ୟ ମାଧ୍ୟମ ରେ ନିଜ ନିର୍ବାଚନୀ ମଣ୍ଡଳୀ ଗଁଦିଆ ବ୍ଲକ ଅନ୍ତର୍ଗତ ପିଙ୍ଗୁଆ – ଦଶମାଣପାଟଣା ରାସ୍ତାର ଉନ୍ନତିକରଣର ପ୍ରାୟ ୧୨ କୋଟି ୪୮ ଲକ୍ଷ ଟଙ୍କାରେ ନିର୍ମିତ ସାଢ଼େ ୩ କିଲୋମିଟର ରାସ୍ତା ହେବ ଏବଂ ଏହା ଐତିହାସିକ ରାସ୍ତା ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହା ହେଉଛି ଏ ଅଞ୍ଚଳର ପାଇଲଟ୍ ପ୍ରୋଜେକ୍ଟ ଏହି ଠାରୁ ବିକାଶ ଆରମ୍ଭ ହୋଇଛି ବୋଲି କହିଥିଲେ। କପିଳାସରେ ରାଜ୍ୟର ଏକମାତ୍ର ସାଇନ୍ସ ସିଟି ହେବ ବୋଲି କହିବା ସହିତ ନେଉଳ ପୋଇରେ ୱାରୀ ପ୍ଲାଣ୍ଟ ୨୫ ହଜାରରୁ ଉର୍ଦ୍ଧ ପିଲାଙ୍କୁ ମିଳିବ ନିଯୁକ୍ତି ମିଳିବ ବୋଲି କହିଥିଲେ। ଗରୀବର ଜାତି ନାହିଁ କି ପାର୍ଟି ନାହିଁ। ସମସ୍ତଙ୍କୁ ମିଳିବ ସାହଯ୍ୟ ସହଯୋଗ ମିଳିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆହୁରି କହିଛନ୍ତି ।ତାଙ୍କ ବିଭାଗର କୌଣସି ଗରିବ ଲୋକ ଉପାସ ରହିବ ନାହିଁ। ଏପରି ମହତ୍ କାର୍ଯ୍ୟ ର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବାରୁ ମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ଅଂଚଳ ବାସୀ ସାଧୁବାଦ ଜଣାଇଥିଲେ। ଅନ୍ୟ ମନଙ୍କ ମଧ୍ୟରେ ଦୁଇ ପଞ୍ଚାୟତ ର ସରପଞ୍ଚ ସମିତି ସଭ୍ୟ ସଭ୍ୟା ମନ୍ତ୍ରୀଙ୍କ ନୋମିନି ରତିକାନ୍ତ ସାହୁ,ପୂର୍ବତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ବିଧାରପୁର ଗ୍ରାମପଞ୍ଚାୟତ ର ସରପଞ୍ଚ ଅଜୟ କୁମାର ମହାନ୍ତି,ଦିଗାମ୍ବର ସାହୁ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ସଜନେନ୍ଦ୍ର ଜେନା, ଯୁବ ନେତା ଚିତ୍ତରଞ୍ଜନ ମାହାନ୍ତି , ଆନନ୍ଦ ସାହୁ, ପୂର୍ବତନ ମଣ୍ଡଳ ସଭାପତି ଦୀପକ କୁମାର ଦାସ ସାମନ୍ତ ସହିତ ଶତାଧିକ ଜନ ସାଧାରଣ ଉପସ୍ଥିତ ଥିଲେ। ଶେଷରେ ନିହଳପ୍ରସାଦ ମଣ୍ଡଳ ସଭାପତି ପ୍ରଦୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଦନ୍ତା ଆକ୍ରମଣରେ ବୃଦ୍ଧ ମୃତ
## କ୍ଷତିପୂରଣ ଦାବିରେ ଉତ୍ତେଜନା

ବନ୍ତଳା , (ସବ୍ୟୁ) : ଅନୁଗୋଳ ଜିଲ୍ଲା ଅନୁଗୋଳ ବ୍ଲକ ଅନ୍ତର୍ଗତ ମାଣିକଯୋଡି ଗ୍ରାମ ପଂଚାୟତରେ ଏକ ଦନ୍ତା ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି ।

ମାଣିକଯୋଡି ଗ୍ରାମର ବଡକୃଷ୍ଣ ନାଏକ (୬୭) ଗାଁ ପୋଖରୀ ପାଖ ପଡିଆକୁ ଶୌଚ ହେବାକୁ ଯାଇଥିବା ବେଳେ ନିକଟସ୍ଥ ଜଙ୍ଗଲରୁ ଏକ ଦନ୍ତା ହାତୀ ବାହାରି ତାଙ୍କୁ ଶୁଣ୍ଢରେ ଧରି କଚାଡି ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ହାତିଟି ବାଟକୃଷ୍ଣଙ୍କ ସହ ଯାଇଥିବା ଆଉ ଜଣଙ୍କୁ ମଧ୍ୟ ଆକ୍ରମଣ କରିବା ପାଇଁ ଗୋଡ଼ାଇ ଥିଲା । କିନ୍ତୁ ସେ କୌଶଳ କ୍ରମେ ଦୌଡ଼ି ପଳାଇବାରୁ ସୌଭାଗ୍ୟ ବଶତଃ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଥିଲା । ଖବର ପାଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଘଟଣାସ୍ଥଳକୁ ଯାଇ ଗ୍ରାମବାସୀ ସେଠାରେ ଉପଯୁକ୍ତ କ୍ଷତପୂରଣ ଦାବି କରିଥିଲେ । ଏହି ଘଟଣା ପରେ ପୁରୁଣାକୋଟ ଥାନା ପୋଲିସଙ୍କ ସହ ବନ ବିଭାଗର ଉଚ୍ଚ ପଦାଧିକାରୀମାନେ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଥିବା ଜଣାପଡିଛି ।

## ଧାନ ବିଲରେ କୁମ୍ଭୀର : ଲୋକେ ଆତଙ୍କିତ

ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହିମିତିରା ପଞ୍ଚାୟତର ଶଣ୍ଢପାଳ ଗ୍ରାମର ଏକ ଧାନବିଲରେ ଏକ କୁମ୍ଭୀର ଥିବା ସୋମବାର ଦିନ ଦେଖିବାକୁ ମିଳିଛି । କୁମ୍ଭୀର ଆକ୍ରମଣରୁ ଜଣେ ଚାଷୀ ଅଳ୍ପକେ ବର୍ତ୍ତୀଯାଇଥିବା ବେଳେ ଧାନ ଚାଷ ବିଲରେ କୁମ୍ଭୀରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଦେଖା ଦେଇଛି । କିଛି ଦିନ ହେବ ନିକଟରେ ଥିବା ଡ୍ୟାମରୁ କୁମ୍ଭୀର ବିଭିନ୍ନ ଚାଷ ଜମି ରେ ପଶି ଆସି ପାଣି ଭିତରେ ରହୁଛନ୍ତି । ସୋମବାର ଦିନ ଏହି କୁମ୍ଭୀର ଦେଖିବା ପରେ ଚାଷୀମାନେ ଧାନ ଚାଷ ବିଲକୁ ଭୟରେ ଯାଉ ନାହାନ୍ତି । ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ବାମୁର ବନବିଭାଗକୁ ସୂଚନା ଦେଇଥିଲେ ।

# କଳା ଓ ସଂସ୍କୃତିର ପ୍ରଚାର ପ୍ରସାରରେ କାରିଗରପଡା ସର୍ବାଗ୍ରେ : ନଗରପାଳ

ସାଉଥବଲଣ୍ଡା/ତାଳଚେର, (ସବ୍ୟୁ) : ବର୍ଷକ ମଧ୍ୟରେ ଯେତେ ପର୍ବପର୍ବାଣୀ ଆସିଥାଏ ତାକୁ ତାଳଚେରର କାରିଗରପଡା ଯୁବକ ସଙ୍ଘ ପାଳନ କରିଥାଏ । ଗତ କିଛି ଦିନ ତଳେ ପ୍ରସିଦ୍ଧ ଗଣେଶ ପୂଜା ପାଳନ କରାଯାଇଥିବା ବେଳେ ଏବେ ଆଗକୁ ଆସୁଛି କାର୍ତିକେଶ୍ୱର ପୂଜା । ଏହାକୁ ପାଳନ କରିବା ପାଇଁ ମଧ୍ୟ ଏହି କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ କାରିଗରପଡା ଯୁବକ ସଂଘ ପକ୍ଷରୁ ମହାସମାରୋହରେ କୁମାର ଉତ୍ସବ ପାଳନ କରାଯାଇଛି । ଗତ ଚାରି ଦିନ ଧରି ବିଭିନ୍ନ ଆକର୍ଷଣୀୟ ଖେଳକୁଦ ସହିତ ହୁଳହୁଳି,ପୁଚି ଦଉଡି ଡିଆଁ,ଦୌଡ଼,ଶଙ୍ଖ ଫୁଙ୍କା, ନୃତ୍ୟ ,ସଙ୍ଗୀତ ,ବକ୍ତୃତା ହସ୍ତାକ୍ଷର ପ୍ରବନ୍ଧ ଲିଖନ ଇତ୍ୟାଦି ପ୍ରତିଯୋଗିତାରେ ଶତାଧିକ ପ୍ରତିଯୋଗୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ କୃତିତ୍ୱ ହାସଲ କରିଥିବା ଶତାଧିକ ପ୍ରତିଭାବାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠାନର ସଭାପତି ସୁମିତ ସାହୁଙ୍କ




ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ୟାପନୀ ଉତ୍ସବରେ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ତାଳଚେର ପୌର ପରିଷଦର ନଗରପାଳ ପବିତ୍ର ଭୁତିଆ ଯୋଗ ଦେଇ କାରିଗରପଡାର ଏହି କଳା ସଂସ୍କୃତି ପରମ୍ପରା ଆଧାରିତ କାର୍ଯ୍ୟକ୍ରମ କରି ତାଳଚେରର ପରମ୍ପରାକୁ ବଜାୟ ରଖିବା ସହିତ ଅଂଚଳର ଲୁକ୍କାୟିତ ପ୍ରତିଭାକୁ ଏହା ମାଧ୍ୟମରେ ଆଗକୁ ଆଣି ତାଳଚେରରକୁ ଗୌରବ ଆଣିବାରେ ସହାୟକ ହୋଇଛନ୍ତି । ଏଥିପାଇଁ କାରିଗରପଡା ସର୍ବାଗ୍ରେ ଓ ନିରବଚ୍ଛିନ୍ନ ଭାବେ ଏହାକୁ ପାଳନ କରୁଥିବାରୁ ନଗରପାଳ ଶ୍ରୀ ଭୁତିଆ ଅନୁଷ୍ଠାନର ସଦସ୍ୟଙ୍କୁ ସାଧୁବାଦ ଜଣାଇଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଡ଼ଃ ରଶ୍ମି ରଞ୍ଜନ ମିଶ୍ର ଯୋଗ ଦେଇ ଏହି କାର୍ଯ୍ୟକ୍ରମ ଆଗାମୀ ପିଢି ପାଇଁ ଶିକ୍ଷଣୀୟ ହେବ ବୋଲି ମତପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବେ ପୂର୍ବତନ କାଉନସିଲର ଜିତେନ୍ଦ୍ର ଦାସ ଯୋଗ ଦେଇଥିଲେ । କିଛି ବରିଷ୍ଠ ନାଗରିକଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ସେହିପରି ଦୀର୍ଘ ବର୍ଷ ଧରି ଏହି କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଏହାକୁ ଆରମ୍ଭ କରିଥିବା ବ୍ୟକ୍ତି ବିଶେଷ ଓ ଏହାର ପ୍ରଚାର ପ୍ରସାର ଦାୟିତ୍ୱ ନେଇ କାର୍ଯ୍ୟ ସମ୍ପାଦନ କରୁଥିବା ଅନୁଷ୍ଠାନର ପୁରାତନ ସଦସ୍ୟ ସାମ୍ବାଦିକ ତପନ କୁମାର ମହାରଣାଙ୍କୁ ଉତରୀୟ ଓ ପୁଷ୍ପ ଗୁଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମଂଚ ପରିଚାଳନା କରୁଣାକର ବାଇ କରିଥିବା ବେଳେ କାରିଗରପଡା ଯୁବକ ସଙ୍ଘ ଗଣେଶ ପୂଜା କମିଟିର ସଭାପତି ପ୍ରିତେଶ ପଟ୍ଟନାୟକ,କାଉନସିଲର ସନ୍ତୋଷ ବେହେରା ପ୍ରମୁଖ ମଂଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାନା ମହାପାତ୍ର, ଧୀରେନ ମହାରଣା, ବିଜୟ ସାହୁ,ବାବୁନା ମହାରଣା,ପିଣ୍ଟୁ ସାହୁ,ଟୁନା ମହାପାତ୍ର, ମାନସ ମହାରଣା,କମଳ ପଟ୍ଟନାୟକ, ରାଖାଲ ମହାପାତ୍ର,ସିପୁନ ସାହୁଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟ ମାନେ ଦୀର୍ଘ ଚାରିଦିନ ଧରି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ ।

## ପଞ୍ଚସଖା କ୍ଲବ ପକ୍ଷରୁ ଲକ୍ଷ୍ମୀପୂଜା

ଆଠମଲ୍ଲିକ,(ସବ୍ୟୁ) : ଆଠମଲ୍ଲିକ ଅଂଚଳରେ ଗତ କିଛି ଦିନ ହେଲା ବିଭିନ୍ନ ଲକ୍ଷ୍ମୀ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଥିଲା ବେଳେ ରବିବାର ଲୁହାସିଙ୍ଗା ଗ୍ରାମରେ ପଞ୍ଚସଖା କ୍ଲବ ତରଫରୁ ଅନୁଷ୍ଠିତ ଲକ୍ଷ୍ମୀପୂଜା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା । ମୁଖ୍ୟଅତିଥି ଭାବରେ ଅର୍ଜୁନ ସାହୁ ଯୋଗଦେଇ ଉଦଘାଟନ କରିଥିଲା ବେଳେ ମୁଖ୍ୟ ଆକର୍ଷଣ ଥିଲେ ଚଳଚ୍ଚିତ୍ର ନାୟିକା ରିୟା ଦେ ଓ ନାୟକ ଦୀପକ । ଚଳଚ୍ଚିତ୍ର ନାୟିକା ଓ ନାୟକଙ୍କୁ ଦେଖିବା ପାଇଁ ପ୍ରବଳ ଭିଡ ଲାଗି ରହିଥିଲା । ପଞ୍ଚସଖା କ୍ଲବର ସଭ୍ୟ ମନମୋହନ ମହାକୁଡ଼ ରୋହିତ ପ୍ରଧାନ, ପ୍ରବୀର ଖେତୀ, ଡୁଲୁ ପ୍ରଧାନ ,ଯୋଗୀନ୍ଦ୍ର ନାଏକ, ପୂର୍ଣଚନ୍ଦ୍ର ପ୍ରଧାନ, ଡୁଲୁ ପ୍ରଧାନଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଦଶହରା ତୋରଣରେ ପିଟିହେଲା
## ବାଇକ୍, ଯୁବକ ଗୁରୁତର

କାମାକ୍ଷାନଗର,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଏନଏସି ମୁଖ୍ୟ ରାସ୍ତାରେ ନିର୍ମିତ ହୋଇଥିବା ଏକ ଦଶହରା ତୋରଣରେ ଏକ ବାଇକ ପିଟି ହେବାରୁ ଯୁବକ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବାର ଜଣାପଡିଛି।ଗତ ଏକ ସପ୍ତାହରୁ ଉର୍ଦ୍ଧ ହେବ ଦଶହରା ଶେଷ ହୋଇ ଯାଇଥିବା ବେଳେ କାମାକ୍ଷାନଗର ସହରରେ ବିଭିନ୍ନ ବଜାର କମିଟି ତରଫରୁ ନିର୍ମାଣ କରାଯାଇଥିବା ବାଉଁଶ ତୋରଣ ଗୁଡିକ ଆଜି ପର୍ଯ୍ୟନ୍ତ ଖୋଲାଯାଇନାହିଁ । ଫଳରେ ଲୋକମାନେ ଯିବା ଆସିବାରେ ବହୁ ଅସୁବିଧା ସମ୍ମୁଖୀନ ହେଉଥିବା ବେଳେ ଦୁର୍ଘଟଣା ମଧ୍ୟ ହେଉଥିବା ଦେଖାଯାଉଛି । ଆଜି ଦଶହରା ପାଇଁ ନିର୍ମାଣ ହୋଇଥିବା ତୋରଣରେ ଜଣେ ବାଇକ ଆରୋହୀ ପିଟି ହୋଇ ଗୁରୁତର ହୋଇଛନ୍ତି।କାମାକ୍ଷାନଗର ସହରର ମହିମାନଗର ସାହିର ମାନସ ରଞ୍ଜନ ନାୟକ ଗତକାଲି ରାତି ପ୍ରାୟ ୧୦ ଟା ସମୟରେ ଜିରିଡାମାଳିରୁ ନିଜ ଘରକୁ ଫେରୁଥିବା ବେଳେ ମେନରୋଡ଼ରେ ରହିଥିବା ତୋରଣରେ ପିଟିହୋଇ ଯାଇଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ମାନସଙ୍କ ପଲସର ବାଇକଟି ତୋରଣରେ ପିଟିହୋଇ ଖଣ୍ଡ ଖଣ୍ଡ ହୋଇ ଯାଇଛି । ଗାଡିର ହାଣ୍ଡେଲ ଛିଡି ଯାଇଥିବା ବେଳେ ମାନସଙ୍କ ମୁଣ୍ଡ, ଓ ହାତରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକ ମାନସଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପର୍ଣ୍ଣ ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି । ତେବେ ଦଶହରା ସରିବାର ସପ୍ତାହରୁ ଉର୍ଦ୍ଧ ସମୟ ବିତି ଯାଇଥିଲେ ମଧ୍ୟ କାହିଁକି ତୋରଣ ଗୁଡିକୁ ମୁଖ୍ୟରାସ୍ତାରୁ ଖୋଲା ଯାଉନାହିଁ ତାହାକୁ ନେଇ ସାଧାରଣ ରେ ପ୍ରଶ୍ନ ସୃଷ୍ଟି ହୋଇଛି ।

## କଣିହାଁ ବ୍ଲକର ଓଏଏସ ପାଇଥିବା
# ତିନି ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ

କଣିହାଁ,(ସବ୍ୟୁ) : ଓଡ଼ିଶା ପ୍ରଶାସନିକ ସେବାରେ ସଫଳତା ହାସଲ କରିଥିବା କଣିହାଁ ବ୍ଲକର ୩ ପରୀକ୍ଷାର୍ଥିଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି ପାଳଲହଡ଼ା ବିଧାୟକ ଅଶୋକ ମହାନ୍ତି । କଣିହାଁ ବ୍ଲକ ହନୁମାନର ଗ୍ରାମର ସନ୍ତୋଷ ଶତପଥୀଙ୍କ ପୁଅ ୮୮ ରାଙ୍କ ପାଇ ଓଏଏସ ପାଇଥିବା କଳିଙ୍ଗ ଆଶିଷ ଶତପଥୀଙ୍କୁ ଭେଟି ବିଧାୟକ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ । ଏଥିସହ ଭୀମକାଣ୍ଡ ଦିଲୀପ ସିଂହଙ୍କ ପୁତ୍ର ଦେବାଶିଷ ସିଂହ (୩୨୭ ରାଙ୍କ) , ସରଧାପୁର



ଗ୍ରାମର ନିରଞ୍ଜନ ସାହୁଙ୍କ ପୁତ୍ର ଆଦିତ୍ୟ ସାହୁ(୬୭୪ ରାଙ୍କ)ଙ୍କ ପରିବାରକୁ ଶୁଭେଚ୍ଛା ଜଣାଇଛନ୍ତି ବିଧାୟକ । ଉକ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ତ୍ରିପୁରାରି ପ୍ରଧାନ , ବିଜେପି ନେତା ସୁମନ୍ତ ପ୍ରଧାନ, ମହିଳା ମୋର୍ଚ୍ଚା ସଭାନେତ୍ରୀ ବସନ୍ତ ମଞ୍ଜରି ପ୍ରଧାନ, ସ୍ୱର୍ଣ୍ଣମଞ୍ଜରି ବେହେରା ,ଶୁଭସ୍ମିତା ଜେନା ,ବିକଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ଲକ୍‌ସ୍ତରୀୟ ବାଳକ, ବାଳିକା
# ଦୌଡକୁଦ ଫୁଟବଲ୍ ପ୍ରତିଯୋଗିତା

ଠାକୁରଗଡ଼ /ବଇଣ୍ଡା ,(ସବ୍ୟୁ) : କିଶୋରନଗର ବ୍ଲକ ବଇଣ୍ଡା ରାମ ଦେଓ ଉଚ୍ଚବିଦ୍ୟାଳୟ ଖେଳ ପଡିଆ ଠାରେ ସୋମବାର ଦିନ କିଶୋରନଗର ବ୍ଲକ ସ୍ତରୀୟ ୧୭ ବର୍ଷ ଓ ୧୪ ବର୍ଷରୁ କମ ବାଳକ, ବାଳିକା ଦୌଡ କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ସଫଳତା ହାସଲ କରିଥିବା ପ୍ରତିଯୋଗୀ ଙ୍କୁ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାପାଇଁ ଚୟନ କରାଯାଇଛି । ଏହି କ୍ରିଡା କୁ କିଶୋରନଗର ଏ. ବି. ଇ. ସୁଜନ କୁମାର ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇ କ୍ରିଡା ପ୍ରତି ସମସ୍ତ ଛାତ୍ରୀ ଛାତ୍ର ଙ୍କ ମନବଳ ରହିବା ଆବଶ୍ୟକ ବୋଲି କହିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶ୍ନ କୁମାର ରାଉଳ ଉଦଘାଟନ କରିଥିଲେ । ଏହି କ୍ରିଡାକୁ ବିଭିନ୍ନ ବିଦ୍ୟାଳୟର ୨୦ ଜଣ ଶିକ୍ଷକ, ଶିକ୍ଷୟତ୍ରୀ ପରିଚାଳନା କରିଥିଲେ । ଏହି ଚୟନ ପ୍ରତିଯୋଗିତା ରେ୧୮୦ ଜଣ ବାଳକ, ବାଳିକା ଭାଗ ନେଇଥିଲେ । ଏଥିରେ ଅରୁଣ କୁମାର ସାହୁ ଓ ବିଶ୍ୱନାଥ ଦେହୁରୀ ଶାନ୍ତି ଶୃଙ୍ଖଳା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ହିମିତିରାରେ ଜନଶୁଣାଣି କାର୍ଯ୍ୟକ୍ରମ

ଠାକୁରଗଡ଼ , (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହିମିତିରା ପଞ୍ଚାୟତରେ ସୋମବାର ଦିନ ବ୍ଲକ ପ୍ରଶାସନ ପକ୍ଷରୁ ଜଣଶୁଣାଣି କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା ଯୋଗ ଦେଇ ୩୦୦ ଅଭିଯୋଗ ଗୁଡିକକୁ ଶୁଣାଣି କରି ଲୋକଙ୍କର ଥିବା ସମସ୍ୟା ଗୁଡିକ ଶୀଘ୍ର ସମାଧାନ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିପିଓ ସତ୍ୟପ୍ରିୟ ସାହୁ , ସରପଞ୍ଚ ସୁମିତ୍ରା ସେଠୀ , ବିପିଏମ ସୁଜିକ କୁମାର ପ୍ରଧାନ , ଜିପିସି ସୋମ୍ୟରଞ୍ଜନ ସାହୁଙ୍କ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ ।

## ପ୍ରାବନ୍ଧିକ ରମାକାନ୍ତଙ୍କୁ
## ବାମଣ୍ଡା ସାରସ୍ୱତ ସମ୍ମାନ

ଆନନ୍ଦପୁର ,(ସବ୍ୟୁ) :ଦେବଗଡ଼ ପତିତପାବନ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକଙ୍କୁ ଓଡିଶାର ମର୍ଯ୍ୟାଦାଜନକ ରାଜ୍ୟସ୍ତରୀୟ 'ବାମଣ୍ଡା ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଛି । ଓଡ଼ିଆ ପ୍ରବନ୍ଧ ସାହିତ୍ୟକୁ ମୂଲ୍ୟବାନ ଅବଦାନ ପାଇଁ ଶ୍ରୀଯୁକ୍ତ ନାୟକଙ୍କୁ ଏହି ସମ୍ମାନ ଅର୍ପଣ କରାଯାଇଛି । ଏହି ଉପଲକ୍ଷେ ସାହିତ୍ୟିକ ଅନିରୁଦ୍ଧ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଦେବଗଡ଼ର ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ପ୍ରାବନ୍ଧିକ ଶ୍ରୀ ନାୟକଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସଭାକୁ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଉଦଘାଟନ କରିଥିବା ବେଳେ ଶ୍ରୀ ନାୟକ ମୁଖ୍ୟବକ୍ତା ଓ ଅଧ୍ୟାପକ ଅରବିନ୍ଦ ପ୍ରଧାନ ସମ୍ମାନନୀୟ ବକ୍ତା ଭାବରେ ଯୋଗ ଦେଇଥିଲେ। ଝ ଏହି ଅବସରରେ ଶ୍ରୀ ନାୟକଙ୍କୁ ଡ଼. ରାମଚନ୍ଦ୍ର ନାୟକ, ରତ୍ନାକର ଦାସ, କୀର୍ତ୍ତନ ସାହୁ, ହଳଧର ପଣ୍ଡା, ପ୍ରଫୁଲ୍ଲ ଚକ୍ର, ଅଶୋକ ପୁହାଣ ଚତୁର୍ଭୁଜ ପହି, ଅନ୍ତର୍ଯ୍ୟାମୀ ରାଉତ,ମୁରଲୀ ବେହେରା, ଅନନ୍ତ ମୁଦୁଲିପ୍ରମୁଖ ଆନନ୍ଦପୁର ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ଓ ସାହିତ୍ୟ ଅନୁଷ୍ଠାନ ଅଭିନନ୍ଦନ ଜଣାଇଛନ୍ତି।

# ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କ ବିଭିନ୍ନ ମୌଳିକ ସମସ୍ୟା

ଅନୁଗୋଳ ,(ସବ୍ୟୁ) : ଆଜି ଅନୁଗୋଳ ଜଗନ୍ନାଥ ମନ୍ଦିର ପଛ ପାଖ ମୁନିସିପାଲିଟି ସ୍ଥିତ ଟାଉନ ହଲ ଠାରେ ଅନୁଗୋଳ ଜିଲ୍ଲା ଆଉଟ ସୋର୍ସିଙ୍ଗ କର୍ମଚାରୀ ମହାସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ର ଆୟୋଜନ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ଶ୍ରୀମତୀ ଯୁଗଳମୟୀ ଦାଶ ଓ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ସାହୁ କହିଲେ ଯେ ବହୁବାର ଶାନ୍ତିପୂର୍ଣ୍ଣ ଧର୍ମଘଟ ପରେ ପୂର୍ବତନ ରାଜ୍ୟ ସରକାର କର୍ମଚାରୀ ମହାସଂଘକୁ ପ୍ରତିସ୍ତୁତି ଦେଇଥିଲେ ଯେ ଖୁବ ଶୀଘ୍ର ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କ ପ୍ରତି ନ୍ୟାୟ ପ୍ରଦାନ କରାଯିବ । କିନ୍ତୁ ନ୍ୟାୟ ପ୍ରଦାନ ପରିବର୍ତ୍ତେ ଯେଉଁ ସମୟରେ ବିଶ୍ୱ ମହାମାରୀ କୋଭିଡ ଆକ୍ରମଣ ରେ ସାରା ବିଶ୍ୱ ଆକ୍ରାନ୍ତ ହେଲାବେଳେ ଏହି ଆଉଟ ସୋର୍ସିଙ୍ଗ କର୍ମଚାରୀ ଦିନରାତି ପରିଶ୍ରମ କରି ଧନ, ଜୀବନ, ରାଷ୍ଟ୍ରୀୟ ସମ୍ପତିର ସୁରକ୍ଷାରେ ଲିପ୍ତ ଥିଲାବେଳେ କୌଣସି କାରଣ ନଥାଇ ବିଭିନ୍ନ ବିଭାଗରେ ୬ ରୁ ୧୬ ବର୍ଷ ପର୍ଯ୍ୟନ୍ତ ନିଷ୍ଠାର ସହ ସେବା ଯୋଗାଇ ଥିବା କର୍ମଚାରୀ ମାନଙ୍କୁ ଚାକିରିରୁ ଛଟେଇ କଲେ । ଗୃହ ବିଭାଗ ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ଉପରେ ତା ୧୩-୦୭-୨୦୨୨ ରିଖରେ ଏକ ନିଷେଧାଦେଶ ଜାରିକଲେ । ପରିଣାମ ସ୍ୱରୂପ ରାଜ୍ୟରୁ ପ୍ରାୟ ଚାରି ହଜାରରୁ ଅଧିକ କର୍ମଚାରୀଙ୍କୁ ଚାକିରିରୁ ଛଟେଇ କଲେ । ଗୋଟିଏ ପଟେ ଛଟେଇ ଓ ଅନ୍ୟ ପଟେ ମହଙ୍ଗା ବଜାରରେ ମାତ୍ର ୨୫% ଦରମା ବୃଦ୍ଧି ଘୋଷଣା କଲେ ଯାହା ସମସ୍ତ ଆଉଟ ସୋର୍ସିଙ୍ଗ କର୍ମଚାରୀ ମାନଙ୍କୁ ଆଜି ଯାଏ ମିଳିଲା ନାହିଁ ଏବଂ ଏହି ବର୍ଗ ରେ ନିଯୁକ୍ତି କରି ଅଧିକାଂଶକୁ ଦିନ ମଜୁରିଆ ମାନ୍ୟତା ଦେଇ ଏହି ସୁବିଧାରୁ ବଞ୍ଚିତ କରାଗଲା । ଏମିତିକି ଏହା ସହିତ କୌଣସି ମୌଳିକ ସୁବିଧା ଯଥା ୩୦ ଦିନର ଦରମା ଛୁଟି ରୁ ବି ବଞ୍ଚିତ ହେଲେ । ଖୋଦ ମାନ୍ୟବର ମୁଖ୍ୟମନ୍ତ୍ରୀ ବିରୋଧୀ ଦଳର ମୁଖ୍ୟ ସଚେତକ ଥିବାବେଳେ ଏହି ଅସହାୟ କର୍ମଚାରୀଙ୍କୁ ସ୍ଥାୟୀ କରିବାକୁ ଉଭୟ ବିଧାନ ସଭାରେ ଓ ବିଧାନସଭାର ବାହାରେ ମଧ୍ୟ ଦୃଢ ଦାବୀ ଉପସ୍ଥାପନ କରିଥିଲେ । ସୌଭାଗ୍ୟକୁ ସେଦିନର ବିରୋଧୀ ଦଳର ମୁଖ୍ୟ ସଚେତକ ଆଜି ଖୋଦ ଲୋକଙ୍କ ମୁଖ୍ୟମନ୍ତ୍ରୀ । ଆଶା ରଖୁଛୁ ଏବେ ନିଶ୍ଚିତ ଭାବେ ମୁଖ୍ୟମନ୍ତ୍ରୀ ଏ ଦିଗରେ ବିଚାର କରି ଅସହାୟ ଆଉଟସୋସିଂ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ କରିବେ । ଯେତେବେଳେ ରାଜ୍ୟରେ ଖଣିଖାଦାନ, ଶିଳ୍ପ ଓ ସରକାରୀ ତଥା ଅର୍ଦ୍ଧ ସରକାରୀ ସଂସ୍ଥାରେ ନିଯୁକ୍ତି ସୁଯୋଗ ନଥିଲା, ସେତେବେଳେ ରାଜ୍ୟର ଉଚ୍ଚଶିକ୍ଷିତ ଯୁବଗୋଷ୍ଠୀ ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ବାଧ୍ୟ ହୋଇ ଏଭଳି ଏକ ଶୋଷଣକାରୀ ବ୍ୟବସ୍ଥାକୁ ଆପଣେଇ ନେଇଥିଲେ । ଆଶା ରଖିଥିଲେ ରାଜ୍ୟର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେଲେ ସରକାର ଆଉଟସୋସିଂ କର୍ମଚାରୀଙ୍କୁ ସ୍ଥାୟୀ କରିବେ । କାରଣ ଅତୀତରେ ୮୯ ଦିନ କାମକରି ଗୋଟିଏ ଆଦେଶରେ ପୁରା ଗ୍ରୁପ-ସି ଓ ଗ୍ରୁପ-ଡି କର୍ମଚାରୀ ସ୍ଥାୟୀ ହୋଇଯାଉଥିଲେ । ମହାସଂଘ ର କର୍ମକର୍ତ୍ତା ମାନେ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକରି ଛଟେଇ କର୍ମଚାରୀ ମାନଙ୍କୁ ପୁନଃ ନିଯୁକ୍ତି ସହ ଛଟେଇ ବନ୍ଦ କରିବା, ଡେଲିୱେଜେସ୍ କର୍ମଚାରୀଙ୍କୁ ଆଉଟ ସୋର୍ସିଙ୍ଗ କର୍ମଚାରୀ ମାନଙ୍କ ଭଳି ସମାନ ସୁବିଧା ପ୍ରଦାନ କରିବା ସହ ସମସ୍ତ ବର୍ଗର ଆଉଟସୋସିଂ କର୍ମଚାରୀମାନଙ୍କୁ ସ୍ଥାୟୀ କରିବା ଓ ସ୍ଥାୟୀ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସର୍ବ ନିମ୍ନ ଦରମା ସହିତ ଚାକିରୀ ର ନିରାପତ୍ତା ପାଇଁ ମହାସଂଘର ନେତୃତ୍ୱ ନିବେଦନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀ ରେ ରାଜ୍ୟ ମହାସଂଘର ସଭାପତି ସଂଜୟ ପଟ୍ଟନାୟକ, ମହାସଚିବ ହେମନ୍ତ ବସ୍ତିଆ, ତାପସ ମିଶ୍ର, ପୂର୍ଣଚନ୍ଦ୍ର ମିଶ୍ର, ସନ୍ତୋଷ ସିଂ ଅନୁଗୋଳ ଜିଲ୍ଲା ଆଉଟସୋର୍ସିଙ୍ଗ ସଙ୍ଘର ସଭାପତି ଯୁଗନମୟୀ ଦାଶ, ସାଧାରଣ ସମ୍ପାଦକ ସଞ୍ଜୟ କୁମାର ସାହୁ, ଅଖିଳ କୁମାର ସାହୁ, ରଶ୍ମିତା ବେହେରା, ସୌମ୍ୟପ୍ରକାଶ ଷଡ଼ଙ୍ଗୀ ଓ ବାପୁନ ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ ।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ହିନ୍ଦୋଳ ,(ସବ୍ୟୁ) : ହିନ୍ଦୋଳ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି – ୨୦୨୪ ଉପଖଣ୍ଡ ସଦର ମହକୁମାର ହିନ୍ଦୋଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉଦଯାପିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ହିନ୍ଦୋଳ ବିଧାୟିକା ସିମାରାଣି ନାୟକ, ମୁଖ୍ୟବକ୍ତା ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ତହସିଲଦାର ଦିଲୀପ କୁମାର ସେଠୀ, ସିନେମା ପ୍ରଯୋଜକ ଦିପେନ୍ଦ୍ର ସାମଲ, ହିନ୍ଦୋଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିନବନ୍ଧୁ ପୁଷ୍ଟି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତଥା ବ୍ଲକ ସାଧନ ସଂଯୋଜକ ସଞ୍ଜୟ କୁମାର ନାୟକ, ବିଜେପି ହିନ୍ଦୋଳ ନଗର ମଣ୍ଡଳ ସଭାପତି ସନ୍ତୋଷ ବେହେରା, ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମତ୍ରି ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଶ୍ରୀ ସ୍ୱାଇଁ ଉଦବୋଧନ ଦେଇ କଠିନ ପରିଶ୍ରମ ଓ ନିଷ୍ଠା ମଣିଷକୁ




ଶୀର୍ଷରେ ପହଞ୍ଚାଇ ଥାଏ ବୋଲି କହିଥିଲେ। ସୁରଭି- ୨୦୨୪ ରେ ଓଡ଼ିଶାର ଲୋକ କଳାକୁ ନେଇ କୁନି କୁନି ଶିଶୁ ମାନଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାର ବିକାଶ ପାଇଁ ସୁରଭି କାର୍ଯ୍ୟକ୍ରମ ଏକ ମାଧ୍ୟମ ବୋଲି ବିଧାୟିକା କହିଥିଲେ । ଏହି କାର୍ଯ୍ୟକ୍ରମରେ ରଚନା, ହସ୍ତାକ୍ଷର, ବିତର୍କ, ଚିତ୍ରାଙ୍କନ, ବକ୍ତୃତା ଓ ଦଳଗତ ଲୋକ ନୃତ୍ୟ କାର୍ଯ୍ୟକ୍ରମ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ବ୍ଲକର ସମୁଦାୟ ୧୭ ଗୋଟି କ୍ଲଷ୍ଟରର ୩୬୪ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ପ୍ରତ୍ୟେକ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀମାନେ ଜିଲ୍ଲା ସ୍ତରରେ ଆୟୋଜିତ ହେବାକୁ ଥିବା ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ସାଧନ ସଂଯୋଜକ ଶ୍ରୀ ନାୟକ ଜଣାଇ ଛନ୍ତି । କାର୍ଯ୍ୟକ୍ରମକୁ ସି ଆର ସି ମହେଶ୍ୱର ସାହୁ ସଂଯୋଜନା କରିଥିବା ବେଳେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚୋର ଧରିବାକୁ ଗାଁରେ ବୁଲାଇଲେ କୁଲା

ବାସୁଦେବପୁର,(ସବ୍ୟୁ):ରାତିରେ ଚୋରୀ ହେଲା। ବାସୁଦେବପୁର ପୋଲିସରେ ଅଭିଯୋଗ ହେଲା। ପୋଲିସ ଚୁପଚାପ ବସିବା ପରେ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ଚୋରୀ ହୋଇଥିବା ମାଲିକର ନିଦ ହଜି ଯାଇଛି। ଶେଷରେ ପୂର୍ବରୁ ପ୍ରଚଳିତ ପ୍ରଥାକୁ ଆପଣେଇ ନେଇଛନ୍ତି ଗ୍ରାମବାସୀ। କୁଲା ବୁଲାଇ ଚୋର ଧରିବାକୁ ଆପଣେଇ ନେଇଛନ୍ତି ପୁରୁଣା କାଳର ପ୍ରଥାକୁ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର ନରସିଂହପୁର ପଂଚାୟତର ବାଣପୁର ଗ୍ରାମର। ବାଣପୁର ଗ୍ରାମର ତପନ ଧରଙ୍କ ଘର। ୧୬ ତାରିଖ ରାତିର ତପନ ଧରଙ୍କ ପରିବାର ନରସିଂହପୁର ବାସନ୍ତୀ ପଡିଆର ଅପେରା ଦେଖିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଘରେ ପସି ଦୁର୍ବୃତ୍ତ ସୁନା ରୁପା ଅଳଙ୍କାର ଓ ନଗଦ ଅର୍ଥ ଚୋରୀ କରି ନେଇଥିଲେ। ତପନ ଧର ବାସୁଦେବପୁର ଥାନାର ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେଶ କରି ଚୁପଚାପ ବସି ରହିଥିବାରୁ ଚୋରୀ ହୋଇଥିବା ସୁନା ଅଳଙ୍କାର ଫେରିପାଇବାକୁ ଉଦ୍ୟମ କରୁଥିଲେ। ଅନ୍ଧ ବିଶ୍ୱାସର ଅନ୍ଧାରୀ ଗଳିରେ ସତ ଖୋଜିବାକୁ ତପନ ପ୍ରୟାସ କରିଥିଲେ। କୁଲା ବୁଲାଇ ଧରାଯିବ ଚୋର। ପୂଜାପାଠ କରି ବସି ରହିଲେ ଗ୍ରାମବାସୀ। ଧରାଯିବ ସୁନା ଅଳଙ୍କାର ଚୋରୀ କରିଥିବା ଲୋକକୁ। ସର୍ବସାଧାରଣରେ ପ୍ରକାଶ ହେବ ଚୋରର ନାମ। ଗାଧୋଇ ପାଧୋଇ ଆସି ପୂଜା କଲେ। ବସିଲା ପୂର୍ଣ୍ଣ କଳସ। କଂସା ଥାଳିରେ ଅରୁଆ ଚାଉଳ ସାଙ୍ଗକୁ ଗୋଟା ଗୁଆ। ଗଙ୍ଗା ଜଳ ଦେଇ ଶୁଦ୍ଧ କଲେ କୁଲାକୁ। ସିନ୍ଦୁର ଟୋପା ଦେଇ କଲେ ପୂଜା। କଦଳୀ ଭୋଗ ଲଗାଇ ଅର୍ପଣ କଲେ। କୁଲାରେ କଇଁଚି ଲଗାଇ ପ୍ରସ୍ତୁତ ହେଲା। ଉପାସରେ ରହି ଶୁଦ୍ଧ ଲୁଗା ପିନ୍ଧି କୁଲା ବୁଲାଇ ଥିଲେ। ଅରୁଆ ଚାଉଳ ପକାଇ ନାମ ଉଚ୍ଚାରଣ କରିଥିଲେ। ଗୋଟିଏ ପରେ ଗୋଟିଏ ନାମ ନେଇ ଥିଲେ। କୁଲା ଧରିଥିବା ଲୋକ ଚୋରୀ ହୋଇଥିବା ଘର ସହିତ ସମ୍ପର୍କ ନାହିଁ। ଗ୍ରାମର କିଛି ଲୋକଙ୍କ ନାମ କହିବା ସନ୍ଦେହରେ ଥିବା ଲୋକଙ୍କ ନାମରେ ପଡିଲା ଅରୁଆ ଚାଉଳ। ସନ୍ଦେହ ନାମରେ ବୁଲିଲା କୁଲା। ଥରେ ନୁହଁ କି ଦୁଇ ଥର ନୁହଁ। ଏକାଧିକ ଥର ସନ୍ଦେହ ବ୍ୟକ୍ତିଙ୍କ ନାମରେ ବୁଲିଲା କୁଲା। ହେଲେ ଆଇନ ଏହାକୁ ମାନିବ ନାହିଁ । ହେଲେ ଲୋକ ଓ ଗ୍ରାମବାସୀ ଜିଦରେ ଅଟଳ। ବହୁବାର ଧରାଯାଇଛି ବୋଲି ପୁର୍ଣ୍ଣଚନ୍ଦ୍ର କହିଛନ୍ତି। ପୋଲିସ ଚୋରକୁ ଧରୁନଥିବାରୁ ବାଧ୍ୟ ହୋଇ କୁଲା ବୁଲାଇଲେ ବୋଲି କହିଛନ୍ତି। ଆଜି କୁଲା ବୁଲାଯିବା ପରେ ଗ୍ରାମବାସୀମାନେ ମିଳିତ ଭାବେ ଥାନା ଅଧିକାରୀଙ୍କୁ ଆସି ଭେଟି ଅଭିଯୋଗ କରିଥିଲେ। କେଶ ହୋଇଛି ତଦନ୍ତ ଚାଲିଛି ବୋଲି ଆଇଆଇସି ଲୋପାମୁଦ୍ରା ନାୟକ କହିଥିଲେ।

# ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନର ତତ୍ପରତା

ବାଲେଶ୍ୱର,(ସବ୍ୟୁ) : ସମ୍ଭାବିତ ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ସୋମବାର ଦିନ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୩,୨୪ ଓ ୨୫ ତାରିଖ ପାଇଁ ପାଣିପାଗ ବିଭାଗ ତରଫରୁ ରେଡ଼ ୱାର୍ଣ୍ଣିଂ ଜାରି କରାଯାଇଛି । ଜିଲ୍ଲାରେ ସମସ୍ତ ପ୍ରକାର ଆପଦ କାଳୀନ ପ୍ରସ୍ତୁତି ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାପାଇଁ ଜିଲ୍ଲାପାଳ ଏହି ବୈଠକରେ ଅଧିକାରୀମାନଙ୍କୁ ସ୍ୱତନ୍ତ୍ରଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଭୋଗରାଇ, ଜଳେଶ୍ୱର, ବାଲିଆପାଳ ଓ ସୋର ଭଳି ସମ୍ବେଦନାଶୀଳ ଅଞ୍ଚଳରେ ଥିବା ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ସଜାଡ଼ିବା ସହ ପର୍ଯ୍ୟାପ୍ତ ଜଳଯୋଗାଣ ଓ ଆଲୋକୀକରଣ, ପରିମଳବ୍ୟବସ୍ଥା ଓ ମୌଳିକ ସୁବିଧା ଉପଲବ୍ଧ କରାଇବା ନିମନ୍ତେ ପରାମର୍ଶ ଦେଇଛନ୍ତି । ଶୁଖିଲା ଖାଦ୍ୟ ଓ ଶିଶୁଖାଦ୍ୟ ସମେତ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ସାମଗ୍ରୀ, ଔଷଧ,ଗୋଖାଦ୍ୟ ଆଦି ଗଚ୍ଛିତ ପାଇଁ ଆଦେଶ ଦେଇଛନ୍ତି । ଜରୁରୀ କାଳୀନ ପରିସ୍ଥିତିରେ ଅଙ୍ଗନୱାଡ଼ି, ସ୍କୁଲ, କଲେଜ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇପାରେ ବୋଲି ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା । ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ ଅଗ୍ନିଶମ କେନ୍ଦ୍ର ଓ ଓଡ୍ରାଫବାହିନୀ ପ୍ରସ୍ତୁତ ରହିବେ । ସମସ୍ତ ବିଡ଼ିଓ, ତହସିଲଦାର, ରାଜସ୍ୱ ନିରୀକ୍ଷକ ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ନିର୍ବାହୀ ଅଧିକାରୀଙ୍କୁ ବିପର୍ଯ୍ୟୟ ପ୍ରବଣ ଗ୍ରାମ ଓ ବାସସ୍ଥାନ ପାଇଁ ସ୍ଥାନାନ୍ତର ଯୋଜନା ପ୍ରସ୍ତୁତ କରିବା ପାଇଁ ଆଦେଶ ଦିଆଯାଇଛି । ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି କୌଣସି ସରକାରୀ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟ କରୁଥିବା ମୁଖ୍ୟାଳୟ ନଛାଡ଼ିବାକୁ ଜିଲ୍ଲାପାଳ ଆଦେଶ ଦେଇଛନ୍ତି । ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଂଜନ ନାୟକ, ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ଜିଲ୍ଲା ଜରୁରୀକାଳିନୀ ଅଧିକାରୀ ସାଇକୃଷ୍ଣ ଜେନା ,ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ମ୍ୟୁନିସପାଲିଟ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ,ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ହୋଇପାରୁନି ଆଧାର ଅପଡ଼େଟ
# ଛୁଆଙ୍କୁ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମହିଳା



କେନ୍ଦୁଝର, (ସ୍ୱପ୍ର) : ହୋଇପାରୁନି ଆଧାର ଅପଡ଼େଟ ।ତେଣୁ ସୋମବାର ଦିନ ସାପକଣ୍ଟା ଗାଁର ମହିଳାମାନେ ନିଜ ପିଲା ଛୁଆଙ୍କୁ ଧରି ୬୦ କିମି ଦୂର ଜିଲ୍ଲା ସଦର ମହକୁମାକୁ ଯାଇଥିଲେ। ସାଙ୍ଗରେ ଚାଉଳ ନେଇ ଯାଇଥିଲେ। ବିଳମ୍ବ ହେଲେ ସେଠାରେ ରାନ୍ଧି ଖାଇବେ ।ଆଉ ଧାର ଅପଡ଼େଟ କରି ଫେରିବେ ।ଆଧାର ଅପଡ଼େଟ ପାଇଁ ବାରମ୍ବାର ଜନସେବା କେନ୍ଦ୍ରକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ। ପରେ କିଛି ଉପାୟ ନପାଇ ସୋମବାର ଦିନ ମହିଳାମାନେ ପିଲା ଛୁଆଙ୍କୁ ଧରି କେନ୍ଦୁଝର ଜିଲ୍ଲାପାଳଙ୍କ ଅଫିସରେ ପହଞ୍ଚିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳ ମହିଳାଙ୍କ ଗୁହାରୀ ଶୁଣିଥିଲେ। ମହିଳାଙ୍କ ସମସ୍ୟା ସମାଧାନ ପାଇଁ ବାଂଶପାଳ ବିଡିଓଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।ବାଂଶପାଳ ବ୍ଲକ ଠାରୁ ୪ରୁ ୫ କିମି ଗଲେ ପଡ଼ିବ ସାପକଣ୍ଟା ଗାଁ। ହେଲେ ଏହି ବ୍ଲକ ସଦର ମହକୁମାରେ ଥିବା ପୋଷ୍ଟ ଅଫିସରେ ନାହିଁ ଆଧାର ଅପଡ଼େଟ ବ୍ୟବସ୍ଥା। ତେଣୁ ଗାଁର ଗରିବ ଲୋକମାନେ କିଛି ଉପାୟ ନପାଇ ଜନସେବା କେନ୍ଦ୍ରକୁ ଯାଉଛନ୍ତି। ହେଲେ ସେଠାରେ ମଧ୍ୟ ଆଧାର ଅପଡ଼େଟ ହୋଇପାରୁନି। ଲୋକମାନେ ବାରମ୍ବାର ଜନସେବା କେନ୍ଦ୍ରକୁ ଯାଇ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି, ହେଲେ ଆଧାର ଅପଡ଼େଟ୍ ପରିପାରୁନାହାନ୍ତି। ଏଥିରେ ବେଶୀ ଅସୁବିଧାରେ ପଡୁଛନ୍ତି ଛାତ୍ରଛାତ୍ରୀମାନେ। ସେମାନେ ସ୍କୁଲ ଯାଇପାରୁ ନାହାନ୍ତି। ପାଠ ପାରେ ବ୍ୟାଘାତ ଘଟୁଛି। ସେପଟେ ରାସନ କାର୍ଡରୁ ନାଁ କଟିଲେ ଚାଉଳ ନମିଳିବା ଭୟ ଘାରିଛି।ଫଳରେ ସୋମବାର ଦିନ ସାପକଣ୍ଟା ଗାଁର ମହିଳାମାନେ ନିଜ ପିଲା ଛୁଆଙ୍କୁ ଧରି ୬୦ କିମି ଦୂର ଜିଲ୍ଲା ସଦର ମହକୁମାକୁ ଯାଇଥିଲେ। ସାଙ୍ଗରେ ଚାଉଳ ନେଇ ଯାଇଥିଲେ। ଯଦି ଫେରିବାରେ ବିଳମ୍ବ ହେବ, ତାହାହେଲେ ନେଇଥିବା ଚାଉଳରେ ରାନ୍ଧି ଖାଇବେ। ସିଏ ଯାହା ହେଉନା କାହିଁକି ଆଧାର ଅପଡ଼େଟ୍ ପାଇଁ ଜିଲ୍ଲା ମୁଖ୍ୟ ଡାକଘର ଖୋଲିବା ପୂର୍ବରୁ ସମସ୍ତେ ପହଞ୍ଚି ଯାଇଥିଲେଛ।ଆଉ ଧାଡ଼ିରେ ଛିଡ଼ା ହୋଇଥିଲେ। ଦୀର୍ଘ ସମୟ ଧରି ଛିଡ଼ା ହେବା ପରେ ଟୋକନ୍ ପାଇଥିଲେ। ହେଲେ ସେହି ଟୋକନ୍ ଆଜି ପାଇଁ ନୁହେଁ, ଆସନ୍ତା ୫ ତାରିଖକୁ। ଅର୍ଥାତ ଆଜି ପରି ଆସନ୍ତା ୫ ତାରିଖରେ ଆଧାର ଅପଡ଼େଟ ପାଇଁ ମୁଖ୍ୟ ଡାକ ଘରକୁ ଆସିବାକୁ ପଡ଼ିବ।ଦୁର୍ଗମ ଗାଁର ଗରିବ ମହିଳାମାନେ ଏକଥା ଶୁଣିବା ପରେ ହାଲ୍ ଶୁଖି ଯାଇଥିଲା।ସୋମବାର ଦିନ ଆଧାର ଅପଡ଼େଟ କରିବା ପାଇଁ କୁକୁତି ମିନତି କରିଥିଲେ। ନିୟମରେ ବନ୍ଧା ଥିବା ଡ଼ାକ କର୍ମଚାରୀମାନେ ଥିଲେ ନାଚାର । ତେଣୁ ସେମାନେ ଗାଁର ମହିଳାଙ୍କ କଥା କିଛି ଶୁଣିନଥିଲେ। କିଛି ଉପାୟ ନପାଇ ମହିଳାମାନେ ପିଲା ଛୁଆଙ୍କୁ ଧରି ଜିଲ୍ଲାପାଳଙ୍କ ଅଫିସରେ ପହଞ୍ଚିଥିଲେ। ହେଲେ ଜିଲ୍ଲାପାଳ ଅନୁପସ୍ଥିତ ରହିଥିବାରୁ ଉପଜିଲ୍ଲାପାଳ ମହିଳାଙ୍କ ଗୁହାରୀ ଶୁଣିଥିଲେଛଗାଁ ଲୋକଙ୍କ ଅଭିଯୋଗ ଶୁଣିବା ପରେ ଉପଜିଲ୍ଲାପାଳ ବାଂଶପାଳ ବିଡିଓଙ୍କ ସହିତ କଥା ହୋଇଥିଲେ। ଗାଁ ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଆଧାର ଅପଡ଼େଟ ପାଇଁ ବ୍ୟବସ୍ଥା କରିବାକୁ କହିଥିଲେ । ଏହା ପରେ ଗାଁକୁ ଫେରିଯିବା ପାଇଁ ଉପଜିଲ୍ଲାପାଳ ମହିଳାମାନଙ୍କୁ ଅନୁରୋଧ କରିଥିଲେ। ଆଧାର ଅପଡ଼େଟ ହୋଇଯିବ ଭାବି ମହିଳାମାନେ ଘରକୁ ଫେରିଥିବା ଜଣାପଡ଼ିଛି।

## ଇ-ଶ୍ରମ କାର୍ଡଧାରୀଙ୍କୁ ମିଳିଲା ଖାଉଟି ସାମଗ୍ରୀ

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରେ ସୋମବାର ଦିନ ଇ-ଶ୍ରମ କାର୍ଡଧାରୀଙ୍କୁ ଖାଉଟି ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ୧୩ ପଞ୍ଚାୟତର ୯୮୫ଜଣ ହିତାଧିକାରୀ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଉଦ୍ଘାଟନୀ ସମାରୋହରେ ୬୫ଜଣଙ୍କୁ ୫କେଜି ଲେଖାଏଁ ଚାଉଳ ବିଧାୟକ ପଦ୍ମଲୋଚନ ପଣ୍ଡା ପ୍ରଦାନ କରିଥିଲେ । ବ୍ଲକ ବିପ୍ଳଣୀ ନିରୀକ୍ଷିକା ଶୁଭାସିନୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗ ଦେଇ ଡିଲର ମାନେ ଗରୀବ ଖାଉଟି ମାନଙ୍କ ପ୍ରତି ଅନ୍ୟାୟ ନକରିବାକୁ ଉପସ୍ଥିତ ଡିଲରଙ୍କ ମାନଙ୍କୁ ପରାମର୍ଶ ଦେଇଥିଲେ । ଯେଉଁ ଡିଲର ନାମରେ ଖାଉଟି ସାମଗ୍ରୀ ହଡପ ଅଭିଯୋଗ ଆସିବ ସେମାନଙ୍କୁ ପରିବର୍ତ୍ତନ କରାଯିବ ବୋଲି ଚେତାବନୀ ଦେଇଥିଲେ । ସେହିଭଳି ଶଯ୍ୟାଶାୟୀ ଥିବା ଖାଉଟି ମାନଙ୍କୁ ଘରେ ପ୍ରଦାନର କରିବା ବ୍ୟବସ୍ଥାକୁ ସମିତି ସଭ୍ୟ ଅକ୍ଷୟ ଜେନା ଦାବୀ କରିଥିଲେ । ମୋଟ ୩ହଜାର୮୭୦ଜଣ ଇ-ଶ୍ରମକାର୍ଡଧାରୀ ଖାଉଟି ସାମଗ୍ରୀ ପାଇଁ ନାମ ପଠାଯାଇଥିବା ବେଳେ ମାତ୍ର ୨୪ପଞ୍ଚାୟତ ବାଦ ପଡିବାକୁ ନେଇ ବହୁ ଲୋକପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଥିଲେ । କାର୍ଡରେ ଭୁଲ ତୃଟିକୁ ନେଇ ଅଚ୍ୟୁତିପୁର,ସୁଣ୍ଡିରା ପଞ୍ଚାତର ଲୋକପ୍ରତିନିଧି ମାନେ ଅଭିଯୋଗ କରିଥିଲେ । ପିଡିଏସ୍‌ରେ ଚାଉଳ ଖାଦ୍ୟ ଯୋଗାଣ ନିଗମ ରୁ ସିଧାସଳଖ ଡିଲର ପଏଣ୍ଟକୁ ଯିବାର ନିୟମ ଥିବା ବେଳେ ରାସ୍ତାରେ ଏକ ମିଲରେ ଚାଉଳ ଏପଟସେପଟ କରାଯିବାକୁ ନେଇ ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ଅଭିଯୋଗ କରିଥିଲେ। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ବିଡିଓ ଅନନ୍ତ କୁମାର ହାଁସଦା ପ୍ରମୁଖ ଖାଉଟି ସାମଗ୍ରୀ ବଣ୍ଟନରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଆରୋପ କରିଥିଲେ।

## ଓସିଏସରେ ନୂଆପଡାର ପିଙ୍କି ନାଏକ ୬୦୮ ସ୍ଥାନରେ



ଠାକୁରମୁଣ୍ଡା,(ସବ୍ୟୁ): ଠାକୁରମୁଣ୍ଡା ବ୍ଲକ ଜରକ ଗ୍ରାମପଞ୍ଚାୟତ ନୂଆପଡା ଗ୍ରାମର ଶଶିକାନ୍ତ ନାଏକଙ୍କ ଝିଅ ପିଙ୍କି ପ୍ରଥମ ପଦାର୍ପଣରେ ଓଡିଶା ସିଭିଲ ସର୍ଭିସ (ଓସିଏସ)ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସଫଳତା ଲାଭ କରିଛନ୍ତି । ତାଙ୍କର ଏହି ସଫଳତାରେ ଅଂଚଳବାସୀ ବେଶ ଗୌରବାନିତ୍ୟ ହୋଇଛନ୍ତି । ତାଙ୍କ ନିକଟକୁ ଏବେ ଶୁଭେଚ୍ଛାର ସୁଅ ଛୁଟିଛି। ପିଙ୍କି ଯୁକ୍ତ ୨ ପରେ ଇଣ୍ଟିଗ୍ରେଟେଡ଼ ଲ କରିଛନ୍ତି । ପରେ ଏଲ ଏଲ ଏମ କରୁଥିବାବେଳେ ଏହି ସଫଳତା ପାଇଛନ୍ତି । ପିଙ୍କିଙ୍କ ବାପା ଶଶିକାନ୍ତ ଝିଅର ପାଠ ପଢା ପାଇଁ ଚାକରି ୫ ବର୍ଷ ଥାଇ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି ।ମା ଏବେ ଜଗତସିଂହପୁରରେ ସିଡିପିଓ ଭାବେ କାର୍ଯ୍ୟ କରୁଛନ୍ତି।

## ଓସିଏସରେ କେନ୍ଦୁଜିଆଣୀ ଶିଶୁ ମନ୍ଦିର ପୂର୍ବତନ ଛାତ୍ରଙ୍କ ସଫଳତା



ଠାକୁରମୁଣ୍ଡା,(ସବ୍ୟୁ) : ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କେନ୍ଦୁଜିଆଣୀସ୍ଥିତ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପୂର୍ବତନ ଛାତ୍ର ଓଡ଼ିଶା ସଭିଲ ସର୍ଭିସ (ଓସିଏସ) ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ସେ ମୟୁରଭଞ୍ଜ ଜିଲ୍ଲା ଅନ୍ତର୍ଗତ କୁସୁମୀ ଗ୍ରାମ ପଞ୍ଚାୟତ କେନ୍ଦ୍ରାଇ ଗ୍ରାମର ପ୍ରତାପ ଚନ୍ଦ୍ର ହେମ୍ବ୍ରମ ଓ 1 ସୁଲଚନା ହେମ୍ବ୍ରମ ଙ୍କ ସୁଯୋଗ୍ୟ ସନ୍ତାନ ରବି ଶଙ୍କର ହେମ୍ବ୍ରମ । ତାଙ୍କ ର୍ୟାଙ୍କ ରହିଛି ୬୬୮ ।ସେ ୨୦୦୮ ମସିହାରେ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଜିଆଣୀ ମ୍ୟାଟ୍ରିକ ପରୀକ୍ଷା ରେ ପାସ୍ କରି ସେ ଭୁବନେଶ୍ୱର ଏକ ଘରୋଇ କଲେଜରୁ ଯୁକ୍ତ ୨ ବିଜ୍ଞାନ ୨୦୧୦ ପାସ ପରେ ଖଡ଼ଗପୁର ଆଇଆଟିରୁ ( ମାଇନିଂ) ରେ ଶିକ୍ଷା ଗ୍ରହଣ କରୁଥିଲେ।ପିଲାଟି ବେଳୁ ସେ ଶାନ୍ତ ସରଳ, ନିଷ୍ଠା ଓ ସାଧନା କରୁଥିବା ବେଳେ କୋଠର ପରିଶ୍ରମ ମଧ୍ୟ କରୁଥିଲେ। ତାଙ୍କର ଏ ସଫଳତା ପାଇଁ ବିଦ୍ୟାଳୟ ର ପରିଚାଳନା ସମିତି ଓ ଗୁରୁଜୀ ବୃନ୍ଦ ଙ୍କ ତରଫରୁ ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିବା ସହିତ ବିଦ୍ୟାଳୟ ର ଗୌରବ ବୃଦ୍ଧି କରିଛନ୍ତି।

# ବିଲରେ ଜଗିଥିଲେ ଧାନ ବୃଦ୍ଧଙ୍କୁ ଦଳି ଦେଲା ହାତୀ

କେନ୍ଦୁଝର,(ସ୍ୱପ୍ର): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜ କୁଶକଳା ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ରବିବାର ବିଳମ୍ବିତ ରାତିରେ ବିଲରେ ଧାନ ଜଗିଥିବା ବେଳେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ମୃତକ କୁଶକଳା ଗ୍ରାମର ମହେଶ୍ୱର ମହାନ୍ତ (୬୮) ବୋଲି ଜଣାପଡିଛି। ଗାଁ ନିକଟରେ ଏବେ ବି ୩୨ ଟିକିଆ ହାତୀପଲ ଘୁରି ବୁଲୁଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି।ସୂଚନା ଅନୁସାରେ ବିଜେପି ରେଞ୍ଜର କୁଶକଳା, ଅଡାଳ, କଲଣ୍ଡା ଆଦି ଅଞ୍ଚଳରେ ୩୨ ଟିକିଆ ହାତୀପଲ ଘୁରି ବୁଲୁଛନ୍ତି। ହାତୀପଲଙ୍କ ଉପଦ୍ରବ ଏସବୁ ଅଞ୍ଚଳରେ ଲାଗି ରହିଛି। ତେବେ ହାତୀପଲଙ୍କ କବଳରୁ ଧାନ ଫସଲକୁ ବଞ୍ଚାଇବା ପାଇଁ ଲୋକେ ରାତିରେ ଧାନ ବିଲ ରେ ମଞ୍ଚା ମାରି ଜଗୁଛନ୍ତି। ରବିବାର ବିଳମ୍ବିତ ରାତିରେ କୁଶକଳା ଗ୍ରାମର ମହେଶ୍ୱର ମହାନ୍ତ ଗାଁ ନିକଟସ୍ଥ ନିଜ ବିଲରେ ଧାନ ଜଗିଥିବା ବେଳେ ହାତୀପଲରୁ ଏକୁଟିଆ ବୁଲୁଥିବା ମାଈ ହାତୀଟି ଧାନ ବିଲରେ ପଶି ଯାଇଥିଲା।ହାତୀଟି ଧାନ ଫସଲ ନଷ୍ଟ କରୁଥିବା ଦେଖି ମଞ୍ଚା ଉପରୁ ତଳକୁ ଓହ୍ଲାଇ ଘଉଡାଉଥିବା ବେଳେ ହାତୀଟି ତାଙ୍କୁ ଦଳି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବନ ବିଭାଗ ଟିମ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ମେଡ଼ିକାଲ୍ କୁ ପଠାଇଛି।ବନ ବିଭାଗ ହାତୀଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରୁଛି।ନିୟମିତ ଧନ ଜୀବନ ନଷ୍ଟ କରୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି। ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ କ୍ଷତି ପୂରଣ ଓ ହାତୀଙ୍କୁ ଘଉଡ଼ାଇବା ଦାବିରେ ଗ୍ରାମବାସୀ ରାସ୍ତାରୋକ କରିଛନ୍ତ। ଶୁଆକାଟି-ଦବୁନା ମୁଖ୍ୟ ରାସ୍ତାକୁ ସକାଳୁ ଅବରୋଧ କରିଛନ୍ତି କୁଶକଳା ଗ୍ରାମବାସୀଛ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝା ସୁଝା କରୁଛି।ହେଲେ ଖବରଲେଖା ହେଲା ଯାଏ ରାସ୍ତାରୋକୁ ଲେକେ ହଟି ନଥିବା ଖବର ମିଳିଛି।

# ଭୁଜାଲି ଦେଖାଇ ଲୁଟିନେଲେ ଭଡ଼ାଟିଆ

ଭଦ୍ରକ,(ସବ୍ୟୁ): ରାତି ଅଧରେ ମାଉସୀ ବୋଲି ଡାକିଲେ ଭଡ଼ାଟିଆ। କବାଟ ଖୋଲି ଦେବାରୁ ବୃଦ୍ଧ ଦମ୍ପତିଙ୍କ ବେକରେ ଲଗାଇଦେଲେ ଭୁଜାଲି। ପାଟି ଫିଟାଇଲେ ହାଣି ଦେବାର ଭୟ ଦେଖାଇ ଘରେ ବୁଲାଇଲେ କଳାକନା। ଏପରି ଏକ ଅଭାବନୀୟ ଘଟଣା ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଞ୍ଚଳରେ ଘଟିଛି। ଲୁଟର ଶିକାର ହୋଇଥିବା ବୃଦ୍ଧ ଦମ୍ପତି ହେଲେ ଜୟଦେବ ରାଉତ ଓ ତାଙ୍କ ପତ୍ନୀ ସଜନୀ ରାଉତ ଦାଁ ଗଛିଆ ପେଟ୍ରୋଲ ପମ୍ପ ନିକଟରେ ନିଛାଟିଆ ସ୍ଥାନରେ ଜୟଦେବ ଘର କରି ରହୁଥିବା ବେଳେ ଭଡ଼ାରେ ବି ଲଗାଇଛନ୍ତି। ଦୁଇ ଦିନ ତଳେ ଧାମରା ରେଳ ଲାଇନରେ ସିକ୍ୟୁରିଟ ଗାର୍ଡ କାର୍ଯ୍ୟ କରୁଥିବା କହି ୩ ଯୁବକ ଘର ଭଡ଼ା ନେଇଥିଲେ।ରବିବାର ରାତି ପ୍ରାୟ ୧୨ ଟାରେ ପରେ ସେମାନେ ଘର ମାଲିକଙ୍କ କବାଟ ବାଡ଼େଇ ମାଉସୀ କବାଟ ଖୋଲ ବୋଲି କହିଥିଲେ। ଏହାଶୁଣି ବୃଦ୍ଧ କବାଟ ଖୋଲିବାରୁ ସେମାନେ ହଠାତ୍ ବୃଦ୍ଧ ଦମ୍ପତିଙ୍କ ବେକରେ ଭୁଜାଲି ଲଗାଇ ଦେଇଥିଲେ। ଏହାପରେ ଚୁପଚାପ ସବୁ ସୁନା, ଅଳଙ୍କାର ଓ ଟଙ୍କା ଦେଇଦେବାକୁ ଧମକ ଦେଇଥିଲେ।ଭୟଭୀତ ହୋଇ ବୃଦ୍ଧ ଦମ୍ପତି ଘରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଗହଣା, ଟଙ୍କା ସବୁ ଦେଇଥିଲେ। ତାହାକୁ ଧରି ଆଖି ପିଛୁଳାକେ ୩ ଯୁବକ ବାଇକ୍ ଯୋଗେ ଫେରାର ହୋଇ ଯାଇଥିଲେ।ଖବର ପାଇ ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତଙ୍କ ଟେର ପାଇ ପାରିନି।

# ପନ୍ଦର ଦିନରେ ଦୁଇଥର ଚୋରି

ମୋରଡା,(ସବ୍ୟୁ): ମୟୁରଭଞ୍ଜ ଜିଲ୍ଲା ମୋରନା ଅଞ୍ଚଳରେ ପନ୍ଦର ଦିନରେ ୨ ଥର ହୋିଛି। ପନ୍ଦର ଦିନ ପୂର୍ବରୁ ଏକ ବ୍ୟାଟେରୀ ଚୋରି ହୋଇଥିଲା । ପୁଣି ଉକ୍ତ ଓଟରୁ ରବିବାର ରାତିରେ ଚୋର ବ୍ୟାଟେରୀ ଚୋରି କରି ନେଇ ଯାଇଛନ୍ତି ଝ ଓଟ ମାଲିକ ଲିଖିତ ଅଭିଯୋଗ । ହସ୍ତଗତ ସୂଚନା ଅନୁଯାୟୀ ମୟୂରଭଞ୍ଜ ଜିଲା ମୋରଡା ଥାନା ଅଧୀନ ଶୀର୍ଷାପାଳ ଛକରେ ଥିବା ବିଶ୍ୱଜିତ ସାହୁ ଙ୍କ ମହେନ୍ଦ୍ରା ଜିତୋ ନାମକ ମାଲବୋଝେଇ ଓଟ ( ଓଡ଼ି୧୧-ପି-୨୭୬୨)ରୁ ଚୋର ମାନେ ବ୍ୟାଟେରୀ ଚୋରି କରିନେଥିବାର ଗାଡି ମାଲିକ ଶ୍ରୀ ସାହୁ ଚିତ୍ରଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ଉକ୍ତ ଗାଡ଼ିରୁ ୧୫ଦିନ ତଳେ ବ୍ୟାଟେରୀ ଚୋରୀ ହୋଇଥିଲା । ଫଳରେ ସେ ଏକ ନୂଆ ବ୍ୟାଟେରୀ କିଣି ତାଙ୍କ ଓଟରେ ଲଗାଇଥିଲେ ଯାହା ରବିବାର ଚୋରି ହୋଇ ଯାଇଛି । ଏନେଇ ଚିତ୍ରଡା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନଙ୍କୁ ପଚାରିବାରୁ ଚୋରି ବାବଦରେ ଲିଖିତ ଅଭିଯୋଗ ହୋଇଛି କିନ୍ତୁ ମାମଲା ବର୍ତ୍ତମାନ ଯାଏଁ ରୁଜୁ ହୋଇନାହିଁ ।

# ଡଗରପଡା ରାବଣପୋଡି

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଡଗରପଡା ହାଇସ୍କୁଲ ପଡିଆରେ ତ୍ରୟୋଦଶତମ ରାବଣପୋଡି ଉତ୍ସବ ଶନିବାର ସଂଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି । ଚଳିତ ବର୍ଷ ବର୍ଷା ସତ୍ତ୍ୱେ ଅଗଣିତ ଦର୍ଶକ ରାବଣପୋଡି ଉତ୍ସବର ମଜା ନେଇଥିଲେ । ଏହି ଅବସରରେ ଆୟୋଜିତ ସଭାରେ ସୁରେନ୍ଦ୍ର ପ୍ରସାଦ ଦଳାଇ ସଭାପତିତ୍ୱ କରିଥିଲେ। ଯୁବନେତା ନୀଳମାଧବ ପଣ୍ଡା ମୁଖ୍ୟଅତିଥି, ଭାଜପା ଯୁବମୋର୍ଚ୍ଚା ରାଜ୍ୟ କୋଷାଧକ୍ଷ ଡ ରାଜେଶ କୁମାର ମହାକୁଡ ମୁଖ୍ୟବକ୍ତା,ଯୁବ ସଙ୍ଗଠକ ଶଶିକାନ୍ତ ରାଉତ,ପାଣି ପଞ୍ଚାୟତ ସଭାପତି ରାଜୀବ ରଞ୍ଜନ ଚୌଧୁରୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ପ୍ରଣ ପ୍ରତି ମଣିଷ ମଧ୍ୟରେ ଉଭୟ ରାମ ଅର୍ଥାତ ଦୈବ ଶକ୍ତି ଓ ରାବଣ ଅର୍ଥାତ ଆସୁରିକ ଶକ୍ତି ରହିଛି। ଆସୁରିକ ଶକ୍ତିକୁ ଦମନ କରିପାରିଲେ ରାବଣପୋଡି ଉତ୍ସବ ପାଳନର ଯଥାର୍ଥତା ଉପଲବ୍ଧି କରାଯାଇପାରିବ ବୋଲି କହିଥିଲେ । ଗତବର୍ଷେ ରାବଣ ପୋଡି ଉତ୍ସବ ପୂର୍ବରୁ ଏକ ସ୍ଥାୟୀ ମଞ୍ଚ ଓ ପଡିଆରେ ଲାଇଟ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟଅତିଥି ଶ୍ରୀ ପଣ୍ଡା ପ୍ରତିଶୃତି ଦେଇଥିଲେ । ଏହି ଅବସରରେ ଅତିଥି ମାନେ ଉତ୍ସବ ଆରମ୍ଭ କରିଥିବା ପଞ୍ଚସଖା ବା ୫ଜଣ ସାଙ୍ଗଙ୍କ ଦ୍ୱାରା ଆରମ୍ଭ ସମୟର କାହାଣୀ ବର୍ଣ୍ଣନା କରିଥିଲେ । ପରେ ମୁଖ୍ୟଅତିଥି ଓ ବକ୍ତା ରାବଣ ଦେହରେ ଅଗ୍ନି ସଂଯୋଗ କରିଥିଲେ । ଭଳିକି ଭଳି ରଙ୍ଗବେରଙ୍ଗର ବାଣ ଦର୍ଶକଙ୍କ ମନ ମୋହିଥିଲା ।

# ଧରାପଡ଼ି ଛେଚା ଖାଇଲେ ମହିଳା ଲୁଟେରା

ନୀଳଗିରି,(ସବ୍ୟୁ):ନୀଳଗିରି ଥାନା ସାନଅଡା ଗ୍ରାମର ହରିହର ବେହେରାଙ୍କ ସ୍ତ୍ରୀ ମମତା ବେହେରା ଆଜକୁ କିଛିବର୍ଷ ଧରି ମହିଳାଙ୍କ ସହିତ ମମତା ଲଗାଇ ବିଭିନ୍ନ ବ୍ୟାଙ୍କରେ ଋଣ କରାଇଦେବା ଆଳରେ ସେମାନଙ୍କୁ ଲୁଟୁଥିବା ବେଳେ ଶେଷରେ ଧରାପଡ଼ି ବନ୍ଧାହୋଇ ମାଡ଼ ଖାଇଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ମମତା ବେହେରା ନିରୀହ ମହିଳା ମାନଙ୍କୁ ଟଙ୍କାର ପ୍ରଲୋଭନ ଦେଖାଇ ସେମାନଙ୍କ ଠାରୁ ଆଧାରକାର୍ଡ ,ବ୍ୟାଙ୍କ ପାସବୁକ୍, ଟଙ୍କାଉଠାଣ ଫର୍ମରେ ଟିପ ଓ ଦସ୍ତଖତ କରି ନିଜ ପାଖରେ ରଖି ସୁବିଧା ସୁଯୋଗ ଦେଖି ବ୍ୟାଙ୍କ ଏକାଉଂଟରୁ ଟଙ୍କା ଉଠାଇ ଚାଲିଥିଲେ। ଏପରିକି ସେମାନଙ୍କ ନାମରେ ଏଟିଏମ୍ ଇସୁକରି ମଧ୍ୟ ଟଙ୍କା ଉଠାଇ ନେଇଥିଲେ । ନୀଳଗିରି ଗୁଡ଼ିଖାଣିଆ ଅଞ୍ଚଳର ବାରି ମାଝୀ ନାମକ ଜଣେ ୨ବିଧବା ମହିଳାଙ୍କୁ ୧ବର୍ଷ ତଳେ ଲୋନ୍ କରାଇ ଦେବାର ପ୍ରଲୋଭନ ଦେଖାଇ ତାଙ୍କ ଠାରୁ ବ୍ୟାଙ୍କ ପାସ୍‌ବୁକ, ଆଧାର କାର୍ଡ , ଟଙ୍କା ଉଠାଣ ଫର୍ମରେ ଟିପ ଚିହ୍ନ ନେଇଯାଇଥିଲେ । କିଛିଦିନ ପରେ ବାରି ମାଝୀଙ୍କର ଲୋନ୍ ନହେବାରୁ ସେ ମମତା ବେହେରାଙ୍କୁ କାଗଜ ପତ୍ର ମାଗିବାରୁ ମମତା ସମୟ ଗଡାଇ ଚାଲିଥିଲେ । ଶେଷରେ ବାରି ମାଝୀ ବ୍ୟାଙ୍କକୁ ଯାଇ ଷ୍ଟେଟମେଂଟ ବାହାର କଲାପରେ ତାଙ୍କ ବ୍ୟାଙ୍କ ଜମାଖାତାରେ ଟଙ୍କା ନଥିଲା । ଏବାବଦରେ ସେ ପରିବାର ଲୋକଙ୍କୁ ଜଣାଇ ଥିଲେ । ବାରି ମାଝୀଙ୍କ ଏକାଉଂଟରେ ୪୮ହଜାର ଟଙ୍କା ଥିବା ବେଳେ ମମତା ବେହେରା ବାରି ମାଝୀଙ୍କ ନାମରେ ଏକ ଏଟିଏମ୍‌କାର୍ଡ ଇସୁକରି ୨/୦୯/୨୦୨୩ ରିଖ ଠାରୁ ଟଙ୍କା ଉଠାଣ କରିଚାଲିଥିବା ବେଳେ ଜମାଖାତାରେ ମାତ୍ର ୪୧ଟଙ୍କା ଥିଲା । ସୋମବାର ଦିନ ମମତା ବେହେରା ବଜାରକୁ ଆସିଥିବା ବେଳେ ଗୁଡ଼ି ଖାଣିଆ ଗ୍ରାମର କିଛି ମହିଳା ମମତାଙ୍କୁ କାବୁ କରି ବାନ୍ଧି ପକାଇଥିଲେ । ଖବର ପାଇ ନୀଳଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମମତାଙ୍କୁ ଉଦ୍ଧାର କରି ଥାନାକୁ ଆଣିଛନ୍ତି । ଅନ୍ୟପକ୍ଷରେ ବାରି ମାଝୀ ନୀଳଗିରି ଥାନାରେ ମମତା ବେହେରାଙ୍କ ନାମରେ ଅଭିଯୋଗ କରିଛନ୍ତି । ମମତା ବେହେରା କେବଳ ଗୁଡ଼ିଖାଣିଆ ଗ୍ରାମରୁ ନୁହଁ ଅନ୍ୟ ଗ୍ରାମର ଅନେକ ନିରୀହ ମହିଳାଙ୍କ ପାଖରୁ ଲକ୍ଷଲକ୍ଷ ଟଙ୍କା ଆତ୍ମସାତ କରିଥିବା ଚର୍ଚ୍ଚା ହେଉଛି । ଘଟଣା ବାବଦରେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ମଦ ଜବତ : ତିନି କୋର୍ଟଚାଲାଣ

ବେତନଟୀ,(ସବ୍ୟୁ):ବେତନଟୀ ଅବକାରୀ ବିଭାଗ ପକ୍ଷରୁ ବେତନଟୀ ଥାନା ଅଧୀନ ତିନୋଟି ଗ୍ରାମରେ ଚଢାଉ କରି ୫୪ ଲି ଦେଶୀ ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ତିନି ଜଣଙ୍କୁ ଗିରଫ କରିଥିବା ଜଣାଯାଇଛି ।। ମିଳିଥିବା ସୂଚନା ମୁତାବକ ବିଶ୍ୱସ୍ଥ ସୂତ୍ରରୁ ଖବର ପାଇ ବେତନଟୀ ଅବକାରୀ ଥାନାଧିକାରୀ ପ୍ରକାଶ ସାହୁଙ୍କ ନେତୃତ୍ୱରେ ଏକ ଟିମ ସୋମବାର ବେତନଟୀ ଥାନା ଅଧୀନ ଗୁଡିସାହି ଗ୍ରାମରେ ଚଢଉ କରି ରତ୍ନମଣୀ ପାତ୍ରଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଦେଶୀ ମଦ ଜବତ କରିଥିଲା । ପରେ ପରେ ରାମଚନ୍ଦ୍ର ପୁର ଗ୍ରାମରେ ଚଢଉ କରି ସାଲଗେ ମାଝୀ ଏବଂ ଦହିକୋଟୀ ଗ୍ରାମର ବାବୁଲା ପାତ୍ର ଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ମଧ୍ୟ ଦେଶୀ ମଦ ଜବତ କରିଥିଲା ଅବକାରୀ ଟିମ । ଗିରଫ ତିନି ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଥିବା ବେଳେ ସେଠାରେ ସେମାନଙ୍କୁ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାଯାଇଛି ।

## ପୂର୍ବତନ ବିଧାୟକ ରତ୍ନାକର ମହାନ୍ତିଙ୍କ ଶ୍ରାଦ୍ଧଦିବସ

ଭଦ୍ରକ,(ସବ୍ୟୁ):ସୋମବାର ପୂର୍ବତନ ବିଧାୟକ ସ୍ୱର୍ଗତ ରତ୍ନାକର ମହାନ୍ତିଙ୍କ ୨୩ତମ ଶ୍ରଦ୍ଧଉତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ନିଜ ଗାଁ କୋଡ଼ବରୁଁଆ ଗ୍ରମ ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରାଯାଇଥିଲା। ପରେ ଭଦ୍ରକ ସହର ଭାଗବତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳମତ ନିର୍ବିଶେଷରେ ବହୁ ଅତିଥିମାନେ ଯୋଗ ଦେଇ ସ୍ୱର୍ଗତ ରତ୍ନାକର ମହାନ୍ତିଙ୍କୁ ସମ୍ମାନ ଦେବା ପାଇଁ ଏକ ବିରାଟ ସମାବେଶ ଅନୁଷ୍ଠିତ ହୋଇଥିଲା। ରତ୍ନାକର ମହାନ୍ତି ସ୍ମୃତି କମିଟି ପକ୍ଷରୁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭାର ଆରମ୍ଭ ହୋଇଥିଲା। ସ୍ୱର୍ଗତ ରତ୍ନାକର ମହାନ୍ତି ସରପଞ୍ଚରୁ ବ୍ଲକ ଅଧକ୍ଷଭାବେ ତୃଣମୁଳ ସ୍ତରରୁ ଉଠି ବିଧାୟକ ଭାବେ ତାଙ୍କର ଜନସେବା ଓ ସରଳ ଜୀବନ ଜାପନ ଆଗାମୀ ପିଢ଼ୀ ପାଇଁ ମାର୍ଗଦର୍ଶକ ସାଜିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେ ତାଙ୍କ ସମୟରେ ଭଦ୍ରକ କଲେଜରେ ପିଜି କରିବା, ଚରଂପା କଲେଜ, ଚଣ୍ଡିଗାଁ ହାଇସ୍କୁଲ ଓ ମଉଦାରେ ଇରିଗେସନ୍ ପ୍ରରେକ୍ଟ ଭଳି ଅନେକ ଜନହିତ କର କାର୍ଯ୍ୟକରିଛନ୍ତି କହିଥିଲେ।।ସ୍ୱର୍ଗତ ମହାନ୍ତିଙ୍କ ଅମାୟିକ ବ୍ୟକ୍ତିତ୍ୱ ଓ କାର୍ଯ୍ୟକରିବାର ଆଗ୍ରହ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ସମାଜସେବୀ ଅଶୋକ କୁମାର ମହାନ୍ତି, ଶରତ ମହାନ୍ତି ଓ ରାଜକିଶୋର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଭାପତିତ୍ୱ କରିଥିଲେ ଅଜୟ ନାୟକ। ମୁଖ୍ୟଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ପୁର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୁର୍ବତନ ସଂସଦ ମଞ୍ଜୁଲତା ମଣ୍ଡଳ, ପୁର୍ବତନ ବିଧାୟକ ଧାମନଗର ମୁକ୍ତିକାନ୍ତ ମଣ୍ଡଳ, ପୁର୍ବତନ ବିଧାୟକ ଭଦ୍ରକ ନରେନ ପଲେଇ, ପଣ୍ଡିତ ବିରେନ୍ଦ୍ର ପଣ୍ଡା, ସୁଧାକର ନନ୍ଦ, ଆଇନ୍‌ଜୀବି ଦିବ୍ୟସିଂ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିତ ସୁଚନା ଲଲାଟେନ୍ଦୁ ନାୟକ ପ୍ରଦାନ କରିଥିବା ବେଳେ ଅତିଥି ଆହ୍ୱାନ କରିଥିଲେ ସୁଧାକର ରାଉତ। ସେହିପରି ଜିଲ୍ଲାପରିଷଦ ସଭ୍ୟ ମଳୟ ଜେନା, ଏସ୍‌ଏମ୍ ଫାରୁକ, ଅଶୋକ ନାୟକ, ସରପଂଚ ଶୁଷମା ମହାନ୍ତି, କାଉଁସିଲର ଦିଲ୍ଲିପ ନାୟକ ପ୍ରମୁଖ ଯୋଗଦେଇ ବ୍ୟକ୍ତବ୍ୟ ରଖିଥିଲେ। ଶେଷରେ ଅମରେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ୨୨ଟି କେନ୍ଦ୍ରରେ ସଂସ୍କୃତି ଜ୍ଞାନ ପରୀକ୍ଷା

ଖଇରା,(ସବ୍ୟୁ) :ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ୨୨ଟି ପରୀକ୍ଷା କେନ୍ଦ୍ରରେ ରବିବାର ଦିନ ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇ ଯାଇଛି । ମୋଟ ୮୨୯ଜଣ ଛାତ୍ରୀଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ । ଶିବପ୍ରସାଦ ବଳ,କୃଷ୍ଣଚନ୍ଦ୍ର ଜେନା,ଚନ୍ଦ୍ରଶେଖର ମନ୍ତ୍ରୀ,ଡଃ ଉମାକାନ୍ତ ଗିରି,ବୁଦ୍ଧିରାମ ପାଣିଗ୍ରାହୀ,ଜୟନ୍ତ ପାଣିଗ୍ରାହୀ,ଅନନ୍ତ କିଶୋର ଉପାଧ୍ୟାୟ,ମହେନ୍ଦ୍ର ସେନାପତି,ବିଷ୍ଣୁ ବହଲୀ,ମନୋରଞ୍ଜନ ଶୁକ୍ଳପ୍ରମୁଖ ସହଯୋଗ କରିଥିଲେ । କୃତି ପ୍ରତିଯୋଗୀ ମାନେ ନଭେମ୍ବର ୩ ତାରିଖରେ ଜିଲ୍ଲାସ୍ତରରେ ଅଂଶ ଗ୍ରହଣ କରିବେ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

## ଅଖିଳ ଭାରତ କୃଷକ ସଭାର ବିକ୍ଷୋଭ

ନୀଳଗିରି,(ସବ୍ୟୁ) :ଅଖିଳ ଭାରତ କୃଷକ ସଭା ନୀଳଗିରି ତରଫରୁ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ୭ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଜନବସତିକୁ ବାଦ ଦେଇ ଇକୋସେନସିଟିଭ ଜୋନକୁ କୁଲଡ଼ିହା ଅଭୟାରଣ୍ୟ ମଧ୍ୟରେ ସୀମିତ ରଖିବା, ଅଭୟାରଣ୍ୟ ପାଦଦେଶରେ ସୌରବାଡ଼ ବସାଇବା,ହାତୀ କରିଡର ନାମରେ ପାଖ ଅଞ୍ଚଳରେ ବିକାଶ ମୂଳକ ଯୋଜନାରେ ବାଧା ସୃଷ୍ଟି ନକରିବା, ମରୁଡ଼ି ଅଞ୍ଚଳରେ ଇନ୍‌ପୁଟ ସବ୍‌ସିଡ ଯୋଗାଇ ଦେବା, ୩୨କୋଟି ଟଙ୍କା ବ୍ୟୟରେ ନୀଳଗିରି-ବଉଳଗଡ଼ିଆ ରାସ୍ତା ପାଇଁ ତୁରନ୍ତ ରାସ୍ତା ନିର୍ମାଣ କରିବା ଆଦି ଉଲ୍ଲେଖ କରାଯାଇଛି । ନୀଳଗିରି ଉପଖଣ୍ଡ ଅଖିଳ ଭାରତ କୃଷକ ସଭାର ନୀଳଗିରି ଜୋନ୍ ସମ୍ପାଦକ ନିହାର ରଂଜନ ଜେନାଙ୍କ ନେତୃତ୍ୱରେ ବାଇପାସ୍ ଛକରୁ ଶହ ଶହ ଚାଷୀ ଜନତା କ୍ଷତିଗ୍ରସ୍ତ ଚାଷୀମାନେ ଶୋଭାଯାତ୍ରାରେ ଆସି ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ସଭାପତି ପ୍ରଭାକର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଶିଷ କାନୁନ୍‌ଗୋ, ନିରଞ୍ଜନ ବାରିକ, ବିଜୟ କୁମାର ସୋ, ଅନାମ ପ୍ରସାଦ ବାରିକ, ସୀତାରାମ ଦାସ, ଗାୟତ୍ରୀ ପଣ୍ଡା, ମଞ୍ଜୁଲତା ବେହେରା, ଜଗନ୍ନାଥ ଟୁଡ୍ଡୁ, ମନୋଜ ସିଂ, ଦେବାଙ୍ଗ ମାରାଣ୍ଡି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

# ସରପଞ୍ଚଙ୍କ କୋଠା ଘର ଭାଙ୍ଗିଲା ପ୍ରଶାସନ

ତିହିଡି,(ସବ୍ୟୁ):ସରକାରୀ ଜାଗାରେ ବେଆଇନ ଭାବରେ ନିର୍ମାଣ କରିଥିଲେ କୋଠାଘର । ହେଲେ ନିଜର ରାଜନୈତିକ ପ୍ରଭାବ ଓ ପତିଆରା ବଳରେ ଦୀର୍ଘ ଦିନ ଧରି ପ୍ରଶାସନର ନିର୍ଦ୍ଦେଶକୁ ବେଖାତିର କରି ଚାଲିଥିଲେ ବର୍ତ୍ତମାନର ସରପଞ୍ଚ ଓ ଓ ତାଙ୍କ ସ୍ୱାମୀ । ଶେଷରେ ଆଇନ ଆଗରେ ହାର ମାନିବାକୁ ବାଧ ହୋଇଛନ୍ତି ଏହି ଦମ୍ପତ୍ତି । ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶରେ ଆଜି ତିହିଡି ତହସିଲ ପ୍ରଶାସନ ପକ୍ଷରୁ ଉକ୍ତ କୋଠାଘରକୁ ଭାଙ୍ଗି ସରକାରୀ ଜାଗାକୁ ଜବରଦଖଲମୁକ୍ତ କରାଯାଇଛି । ତେବେ ଉକ୍ତ ଘରକୁ ଭାଙ୍ଗିବା ଲାଗି ପ୍ରଶାସନ ପକ୍ଷରୁ ନିୟୋଜିତ ଜେସିବି ମେସିନ ଆଗରେ ସରପଞ୍ଚ ଶ୍ରୀମତୀ ବେହେରା, ତାଙ୍କ ସ୍ୱାମୀ ଓ ପୁତୁରା ଛିଡାହୋଇ ପ୍ରତିବାଦ କରିବାରୁ ପୋଲିସ ସେମାନଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ସୂଚନା ମୁତାବକ ତିହିଡି ତହସିଲ ଅନ୍ତର୍ଗତ ତାଳପଦା ପଞ୍ଚାୟତ ଅଧିନ କାନ୍ତକବି ସ୍ମୃତି ପୀଠରୁ ବୈକୁଣ୍ଠସାହି ଦେଇ ଭୁୟାଁଉଆସରେ ସଂଯୋଗ ହୋଇଥିବା ତାଳପଦା ମୌଜାର ଖାତା ନଂ-୧୭୪, ପ୍ଲଟ ନଂ-୮୭୮ ଉପରେ ଥିବା ସରକାରୀ ରାସ୍ତାର କିଛି ଅଂଶକୁ ଜବର ଦଖଲ କରି ବେଆଇନ ଭାବେ ଏକ କୋଠାଘର ନିର୍ମାଣ କରାଇଥିଲେ ସରପଞ୍ଚ ଜୟଶ୍ରୀ ବେହେରା ଓ ତାଙ୍କ ସ୍ୱାମୀ ଶିକ୍ଷକ ଚନ୍ଦ୍ରଶେଖର ବେହେରା। ତେବେ ରାସ୍ତା ଜବର ଦଖଲ ହୋଇଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ତିହିଡି ତହସିଲଦାର ଓ ପରେ ଜିଲ୍ଲାପାଳଙ୍କ ଅବଗତ କରାଯାଇଥିଲେ ମଧ୍ୟ ଏଥିରୁ କୌଣସି ସୁଫଳ ମିଳି ପାରିନଥିଲା। ଫଳରେ୨୦୨୩ ମସିହାରେ ସେହି ଗାଁର ଶ୍ରୀକାନ୍ତ ଦଳେଇ ନାମକ ଜଣେ ବ୍ୟକ୍ତି ଏଥିନେଇ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାର ବିଚାର କରି ଜବର ଦଖଲ ହଟାଇବା ଲାଗି ଗତ ୦୫-୧୦-୨୩ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଫଳରେ ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନରୁ ଜବରଦଖଲ ହଟାଇବାକୁ ଶ୍ରୀ ବେହେରା ଦମ୍ପତିଙ୍କୁ ବାରମ୍ବାର ନୋଟିସ ଜାରି କରାଯାଇଥିଲା। ମାତ୍ର ସରପଞ୍ଚ ଓ ତାଙ୍କ ସ୍ୱାମୀ ଏହାକୁ ବେଖାତିର କରିଥିଲେ। ତେଣୁ ଗତ ୧୭ ତାରିଖ ଦିନ ତିହିଡି ତହସିଲଦାର, ଆଇଆଇସି ଓ ପୋଲିସ ଫୋର୍ସ ଜବରଦଖଲ ଉଚ୍ଛେଦ ପାଇଁ ଯାଇଥିଲେ ମଧ୍ୟ ସରପଞ୍ଚ ଓ ତାଙ୍କ ସ୍ୱାମୀ ଏହାର ପ୍ରତିବାଦ କରିବା ସହିତ ଉଚ୍ଛେଦ ଲାଗି ପ୍ରଶାସନକୁ ୧୫ ଦିନ ସମୟ ମହଲତ ମାଗିଥିଲେ। ତେଣୁ ସେଦିନ ପ୍ରଶାସନ ଜବରଦଖଲ ଉଚ୍ଛେଦ କରି ନପାରି ଫେରି ଆସିଥିଲା । ତେବେ ଗତକାଲି ଅପରାହ୍ନ ୫ ଘଟିକାରୁ ସୋମବାର ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଉକ୍ତ ସ୍ଥାନର ଆଖପାଖରେ ୧୬୩ ବିଏନଏସ ଜାରି କରାଗଲା ବୋଲି ଡାକବାଜି ଯନ୍ତ୍ର ଜରିଆରେ ସମସ୍ତଙ୍କୁ ଅବଗତ କରିବା ସହିତ ଜବର ଦଖଲକାରୀଙ୍କ ଘର କାନ୍ଥରେ ଲଟକା ଜାରି କରିଥିଲା। ଆଜି ପୂର୍ବାହ୍ନରେ ୧୦ ଜଣ ମାଜିଷ୍ଟ୍ରେଟ, ୪ଜଣ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଓ ୪ ପ୍ଲାଟୁନ ପୋଲିସ ଫୋର୍ସ ସେଠାରେ ପହଞ୍ଚି ଜେସିବି ମେସିନ ସହାୟତାରେ ଉକ୍ତ କୋଠାଘରକୁ ଭାଙ୍ଗିଥିଲେ । ଆଜିର ଏହି ଉଚ୍ଛେଦ କାର୍ଯ୍ୟରେ ତିହିଡି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଚାନ୍ଦବାଲି ଏସଡିପିଓ କାର୍ତ୍ତିକଚନ୍ଦ୍ର ମଲ୍ଲିକ, ଧାମନଗର ତହସିଲଦାର ଦୀପକ ଦାସ, ତିହିଡି ଅତିରିକ୍ତ ତହସିଲଦାର ନମିତା ଧଳ, ଠାକୁର ଦାସ ନାୟକ, ଆଇଆଇସି ପ୍ରସନ୍ନ କୁମାର ନାୟକ, ଏସଆଇ ଅରୁନ୍ଧତି ବେହେରା, ରେଭିନ୍ୟୁ ସୁପରଭାଇଜର, ଆରଆଇ ଓ ଅମିନ ପ୍ରମୁଖ ନିୟୋଜିତ ଥିବା ବେଳେ ଦମକଳ ଓ ଆମ୍ବୁଲାନ୍ସ ଗାଡି ସେଠାରେ ମହଜୁଦ ଥିଲା।

## ମୃତା କନିଷ୍ଠ ଯନ୍ତ୍ରୀଙ୍କ ପରିବାର ପକ୍ଷରୁ ଭୋଗରାଇ ଥାନା ଆଗରେ ଧାରଣା

ଭୋଗରାଇ ,(ସବ୍ୟୁ) : ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ କାର୍ଯ୍ୟରତ ଥିବା କନିଷ୍ଠ ଯନ୍ତ୍ରୀ ମନୋଲିସା ହେମ୍ବ୍ରଙ୍କ ମୃତ୍ୟୁ ରହସ୍ୟ ଅଦ୍ୟାବଧି ଉନ୍ମୋଚିତ ନହେବା ଏବଂ ପୋଲିସର ଶିଥିଳତା କୁ ଦାୟୀ କରି ମୃତା କନିଷ୍ଠ ଯନ୍ତ୍ରୀଙ୍କ ପରିବାର ସୋମବାର ସାମୟିକ ଭାବେ ଭୋଗରାଇ ଥାନା ସମ୍ମୁଖରେ ଧାରଣା ଦେଇଥିଲେ ଝ ଭୋଗରାଇ ଥାନାର ଭାରପ୍ରାପ୍ତ ଅଧିକାରୀ ସୁଦୀପ୍ତ କୁମାର ସାହୁ ୭ ଦିନ ମଧ୍ୟରେ ମୃତ ପରିବାରକୁ ନ୍ୟାୟ ଦେବାକୁ ପ୍ରତିଶ୍ରୁତି ଦେବାପରେ ଧାରଣାରତ ପରିବାର ସାମୟିକ ଭାବେ ଧାରଣାରୁ ହଟିଥିଲେ ।ସୂଚନାନୁଯାୟୀ ଗତ୨୪ଝ ୮ ୨୪ ରେ ଭୋଗରାଇ ବ୍ଲକର କନିଷ୍ଠ ଯନ୍ତ୍ରୀ ଥାନା ପଛପଟ କମଳା ଭବନରେ ଭଡ଼ାଘର ରେ ଏକ ଫେନରେ ବେକରେ ଏପ୍ରନ ଲଗାଇ ଝୁଲି ପଡ଼ିଥିଲେ । ଏହି ଘଟଣାରେ ତାଙ୍କର ପୁରୁଷ ବନ୍ଧୁ ମୟୁରଭଞ୍ଜ ଜିଲାର ପ୍ରିୟରଞ୍ଜନ କିସ୍କୁ ସମ୍ପୃକ୍ତିକୁ ନେଇଁ ଅଭିଯୋଗ ହୋଇଥିଲା ।ଭୋଗରାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ପ୍ରାଥମିକ ତଦନ୍ତ ଜାରି ରଖିଥିବା ବେଳେ ପୋଲିସ ତଦନ୍ତର ବିଳମ୍ବ ଏବଂ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନଯିବାକୁ ମୃତା କନିଷ୍ଠ ଯନ୍ତ୍ରୀଙ୍କ ୭ ପରିବାର ୨ ମାସ ପରେ ନ୍ୟାୟ ଦାବିରେ ଭୋଗରାଇ ଥାନାରେ ଧାରଣା ଦେଇଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୧୦/୨୪)
–ବିଭୂତିଯୋଗଃ–
( ଶ୍ରୀଭଗବାନୁବାଚ )

ପୁରୋଧସାଂ ଚ ମୁଖ୍ୟଂ ମାଂ ବିଦ୍ଧି ପାର୍ଥ ! ବୃହସ୍ପତିମ୍ ।
ସେନାନୀନାମହଂ ସ୍କନ୍ଦଃ ସରସାମସ୍ମି ସାଗରଃ ॥୨୪॥

ହେ ପାର୍ଥ ! ମୋତେ ପୁରୋହିତମାନଙ୍କ ମଧ୍ୟରେ ( ଦେବପୁରୋହିତ ବୋଲି) ଶ୍ରେଷ୍ଠ ବୃହସ୍ପତି ବୋଲି ଜାଣ, ମୁଁ ସେନାପତିମାନଙ୍କ ମଧ୍ୟରେ କାର୍ତ୍ତିକେୟ ଏବଂ ଜଳାଶୟମାନଙ୍କ ମଧ୍ୟରେ ସମୁଦ୍ର ॥୨୪॥

## ହିବାକୁଶା ଶକ୍ତି

**ସମ୍ପାଦକୀୟ**

'ନିହୋନ୍ ହିଡାଙ୍କ୍ୟୋ' ସଂଗଠନକୁ ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହା ଖୁସିର କଥା, ଆନନ୍ଦର କଥା । ପାଖାପାଖି ୭୦ ବର୍ଷର ସଂଗ୍ରାମର ଏହାହିଁ ଗୋଟିଏ ବଡ ପରିଚୟ । ଅଗଷ୍ଟ ୧୯୪୫ରେ ହିରୋସୀମା ଏବଂ ନାଗାସାକି ଉପରେ ପକାଯାଇଥିବା ଦୁଇଟି ଆମେରିକୀୟ ପରମାଣୁ ବୋମା ଯୋଗୁଁ ପ୍ରାୟ ଲକ୍ଷାଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା । ସମାନ ସଂଖ୍ୟକ ଆହତ ବ୍ୟକ୍ତି ପରବର୍ତ୍ତୀ ଅବସ୍ଥାରେ ମୃତ୍ୟୁ ମୁଖରେ ପଡିଲେ । ଏହି ଆକ୍ରମଣରୁ ପ୍ରାୟ ୬.୫ ଲକ୍ଷ ଲୋକ ବଞ୍ଚିଯାଇଥିଲେ, ଯାହାଙ୍କୁ ଜାପାନିଜରେ 'ହିବାକୁଶା' ବୋଲି କୁହାଯାଏ । ମୃତ୍ୟୁ ଏବଂ ବିନାଶ ମଧ୍ୟରେ, ଯେଉଁମାନେ ବଞ୍ଚି ଯାଇଥିଲେ, ସେମାନଙ୍କର ସ୍ୱରକୁ ନେଇ ଆରମ୍ଭ ହେଲା ପରମାଣୁ ଅସ୍ତ୍ରଶସ୍ତ୍ର ବିରୋଧୀ ଅଭିଯାନ । ଏହି ବ୍ୟକ୍ତିମାନେ ବିସ୍ଫୋରଣର ତୁରନ୍ତ ପ୍ରଭାବରୁ ବଞ୍ଚି ଯାଇଥିବାବେଳେ, ବିକିରଣଜନିତ ପ୍ରଭାବ, ପରିବାର ଓ ବନ୍ଧୁଙ୍କୁ ହରେଇବା ଏବଂ ଭେଦଭାବର ଶିକାର ହେଲେ । ସେମାନଙ୍କର ଅସୁବିଧା ସତ୍ତ୍ୱେ, ଅନେକ ହିବାକୁଶା ସେମାନଙ୍କର ବ୍ୟକ୍ତିଗତ ଦୁଃଖଦ ଘଟଣାକୁ ଭୁଲି, ଶାନ୍ତି ପ୍ରତିଷ୍ଠା ତଥା 'ଆଣବିକ ଅସ୍ତ୍ର ମୁକ୍ତ ବିଶ୍ୱ' ସୃଷ୍ଟି ପାଇଁ ସଂଗ୍ରାମରେ ସାମିଲ ହେଲେ । ବାସ୍ତବରେ, ବଞ୍ଚିଥିବା ଲୋକଙ୍କ ଭାଗ୍ୟ ଦୀର୍ଘ ଦିନ ଧରି ଅନାଲୋଚ୍ୟ ହେଇ ରହିଥିଲା । ୧୯୫୬ ମସିହାରେ, ହିବାକୁଶା ଆସୋସିଏସନ୍ ଗୋଟିଏ ସଂଗଠନ ଗଠନ କଲେ ଯାହାକି ସଂକ୍ଷେପରେ 'ନିହୋନ୍ ହିଡାଙ୍କ୍ୟୋ' ବୋଲି ଜଣାଶୁଣା । କ୍ରମେ ଏହି ସଂଗଠନ ଖୁବ୍ ଶୀଘ୍ର ଜାପାନର ସର୍ବବୃହତ୍ ତଥା ବହୁ ପ୍ରତିନଧି ହିବାକୁଶା ସଂଗଠନ ହୋଇଗଲା । ନିହୋନ୍ ହିଡାଙ୍କ୍ୟୋ ଦୁଇଟି ମୁଖ୍ୟ ଲକ୍ଷ୍ୟ ନେଇ କାର୍ଯ୍ୟ ଆରମ୍ଭ କଲା । ପ୍ରଥମଟି ହେଉଛି ଜାପାନ ବାହାରେ ରହୁଥିବା ଲୋକଙ୍କ ସମେତ ସମସ୍ତ ହିବାକୁଶାଙ୍କ ସାମାଜିକ ଏବଂ ଅର୍ଥନୈତିକ ଅଧିକାରକୁ ସୁରକ୍ଷିତ କରିବା ଏବଂ ଦ୍ୱିତୀୟଟି ହେଉଛି ସୁନିଶ୍ଚିତ କରିବା ଯେ ହିବକୁଶାଙ୍କ ପରି ଆଉ କେହି ଏତେ ବଡ ଭୟଙ୍କର ବିପର୍ଯ୍ୟୟର ସମ୍ମୁଖୀନ ନ ହୁଅନ୍ତୁ । ପରମାଣୁ ବୋମା ବିସ୍ଫୋରଣରେ ପୀଡିତଙ୍କ କଥାକୁ ସାରା ବିଶ୍ୱରେ ପହଞ୍ଚାଇ ନିହୋନ୍ ହିଡାଙ୍କ୍ୟୋ ସଂଗଠନ ପରମାଣୁ ଅସ୍ତ୍ର ବ୍ୟବହାରର ବିପର୍ଯ୍ୟସ୍ତ ମାନବିକ ପରିଣାମ ଉପରେ ବ୍ୟାପକ ସଚେତନତା ସୃଷ୍ଟି କରିଛନ୍ତି । ତାଙ୍କର ଲକ୍ଷ୍ୟ 'ଆଉ ହିବାକୁଶା ନୁହେଁ' । ଆଜି ବି ବିସ୍ଫୋରଣରେ ପୀଡିତ ଏକ ଲକ୍ଷରୁ ଅଧିକ ଲୋକ ବଞ୍ଚିଛନ୍ତି, ଯେଉଁମାନଙ୍କର ହାରାହାରି ବୟସ ୮୬ ବର୍ଷରୁ ଅଧିକ । ପରମାଣୁ ବିସ୍ଫୋରଣର ଭୟାବହତା ଏବଂ ଯୁଦ୍ଧ ପରବର୍ତ୍ତୀ ସରକାରଙ୍କ ନିଷ୍କ୍ରିୟତା ବିରୋଧରେ ଲଢ଼ିବା ପାଇଁ ସୃଷ୍ଟି ହେଇଥିବା ଏହି ସଂଗଠନ ହିବାକୁଶାଙ୍କ ଚିକିତ୍ସା ତଥା କଲ୍ୟାଣକାରୀ ସୁବିଧା ପାଇଁ ଏହାର ସଂଗ୍ରାମ ଜାରି ରଖିଛି । ସାରା ବିଶ୍ୱରେ ପରମାଣୁ ଅସ୍ତ୍ର ବିରୁଦ୍ଧରେ ସଂଗଠନ ଅଭିଯାନ ଚଳାଇ ଆସିଛି । ଜାପାନରେ ସେମାନଙ୍କର ସକ୍ରିୟତା ବ୍ୟତୀତ, ହିଡାଙ୍କ୍ୟୋ ଭାରତ ସମେତ ଅନେକ ଦେଶ ଗସ୍ତରେ ଯାଇ ସେମାନଙ୍କ ଦୁଃଖ ବାଣ୍ଟିବା ସହ ପରମାଣୁ ଅସ୍ତ୍ର ବ୍ୟବହାରର ଭୟାବହତାକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ହିଡାଙ୍କ୍ୟୋଙ୍କୁ ସ୍ୱୀକୃତି ଦେଇଥିବାରୁ ନୋବେଲ କମିଟିକୁ ପ୍ରଶଂସା କରାଯିବା ଆବଶ୍ୟକ, ଯାହାର ସକ୍ରିୟତା କେତେକ ବିଦ୍ୱାନଙ୍କ ଦ୍ୱାରା ଜାପାନର ରାଜନୈତିକ ବକ୍ତବ୍ୟକୁ ଅଧିକ ଗଣତନ୍ତ୍ର ଓ ନ୍ୟାୟ ଆଡକୁ ବଦଳାଇବାରେ ସାହାଯ୍ୟ କରିଥିଲା ଏବଂ ଶାନ୍ତି ପାଇଁ ଜନସାଧାରଣଙ୍କୁ ସଚେତନ କରାଇପାରିଥିଲା । କିନ୍ତୁ ଦୁଃଖର ବିଷୟ, ଏବେବି ପରମାଣୁ ଅସ୍ତ୍ରଶସ୍ତ୍ରର ଭୟ ରହିଛି । ପରମାଣୁ ଶକ୍ତିର ଅଧିକାରୀ ହେଇଥିବା କେତେକ ରାଷ୍ଟ୍ର ସେମାନଙ୍କ ଅସ୍ତ୍ରଶସ୍ତ୍ରକୁ ବ୍ୟବହାର ପାଇଁ ଧମକ ଦେଉଛନ୍ତି । ଦୀର୍ଘ ଦିନ ଧରି ଚାଲିଆସିଥିବା ରୁଷିଆ–ୟୁକ୍ରେନ ଯୁଦ୍ଧର ଶେଷ କେବେ ହେବ ବା କିପ୍ରକାର ରୂପ ନେବ ତାହା ଅନିଶ୍ଚିତତା ଭିତରେ । ପାରମ୍ପାରିକ ଆକ୍ରମଣର ପ୍ରତିଶୋଧ ନେବାକୁ ରୁଷିଆ ପରମାଣୁ ଅସ୍ତ୍ର ବ୍ୟବହାର କରିବା ନେଇ ଧମକ ଦେଉଛି । ଅକ୍ଟୋବର ୭ରେ, ହାମାସର ଇସ୍ରାଏଲ ଆକ୍ରମଣରୁ ସୃଷ୍ଟି ହେଇଥିବା ହିଂସା ବଢ଼ିବାରେ ଲାଗିଛି । ଏହା କ୍ରମେ ଦିଗ ବଦଳାଉଛି ଏବଂ ବିସ୍ତାର କରିବାକୁ ଲାଗିଛି । ଇରାନ, ଲେବନାନ ଏହି ଯୁଦ୍ଧରେ ନିଜକୁ ସାମିଲ କରିସାରିଛନ୍ତି । ସିରିଆ, ଇରାକ ପରି ଦେଶ ମଧ୍ୟ ସାମିଲ ହେବାର ଆଶଙ୍କା କରାଯାଉଛି । ଇସ୍ରାଏଲ ଭଳି ଦେଶଗୁଡିକ ପରମାଣୁ ଅସ୍ତ୍ରଶସ୍ତ୍ର ହାସଲ କରି ପଶ୍ଚିମ ଏସିଆ ଭଳି ଅସ୍ଥିର ଅଞ୍ଚଳରେ ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାକୁ ଆଗେଇ ନେଇଛନ୍ତି । ଉଭୟ ଯୁଦ୍ଧରେ ବହୁ ପରମାଣୁ ଅସ୍ତ୍ରଶସ୍ତ୍ର ଥିବା ଦେଶ ନିଜକୁ ସାମିଲ କରିସାରିଛନ୍ତି । ପରମାଣୁ ଯୁଦ୍ଧ ନେଇ ପରସ୍ପରକୁ ଧମକ ଦେବାରେ ଲାଗିଛନ୍ତି । ଏହା ଯଦି ହୁଏ, ବିଶ୍ୱକୁ ପୁଣି ଗୋଟିଏ ବଡ ବିପର୍ଯ୍ୟୟର ସାମନା କରିବାକୁ ପଡ଼ିବ ଏବଂ ପୁଣି ଅସଂଖ୍ୟ ହିବାକୁଶାଙ୍କ ସୃଷ୍ଟି ହେବ । ପରମାଣୁ ଅସ୍ତ୍ରଶସ୍ତ୍ର ବ୍ୟବହାର ନ କରିବା ପାଇଁ ଅନେକ ବିତର୍କ ହେଇଛି, ଦେଶ ସମୂହ ଏକାଠି ହେଇଛନ୍ତି, କିନ୍ତୁ ଏବେବି ପରମାଣୁ ଧମକ ମାନବ ସଭ୍ୟତାକୁ ଧମକାଉଛି । ଭବିଷ୍ୟତରେ ପରମାଣୁ ଅସ୍ତ୍ରଶସ୍ତ୍ର ଯେ' ବ୍ୟବହାର ନ ହେବ, ସେ କଥା କିଏ କହିପାରିବ ? ଦେଶ–ଦେଶ ,ମଧ୍ୟରେ ବିବାଦ ବଢି ଚାଲିଛି ଏବଂ ବେଳେବେଳେ ଲାଗୁଛି, ବର୍ତ୍ତମାନର ପରିସ୍ଥିତି ବିଶ୍ୱକୁ ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ନେଇଯିବ । ଏହାକୁ ରୋକିବାକୁ ପଡିବ । ନଚେତ୍ 'ନିହୋନ୍ ହିଡାନକୋ' ପରି ସଂଗଠନର ପ୍ରାୟ ୭୦ ବର୍ଷର ସଂଗ୍ରାମ ପାଣିଫୋଟକା ପରି ମିଳାଇଯିବ । ପୁଣି ପରମାଣୁ ଯୁଦ୍ଧ ହେବ ଏବଂ ହିବାକୁଶା ସୃଷ୍ଟି ହେବେ । ଏପରି ଏକ ଦୁଃଖଦ ବାସ୍ତବତା ବିରୁଦ୍ଧରେ, ହିଡାଙ୍କ୍ୟୋଙ୍କୁ ସ୍ୱୀକୃତ ଦେବା ନିଶ୍ଚିତ ଭାବେ ଏକ ସମୟ ଉପଯୋଗୀ ପଦକ୍ଷେପ । ଏବେ ଆମସମସ୍ତଙ୍କ ଦାୟିତ୍ୱ, ପରମାଣୁ ବୋମା ଆକ୍ରମଣର ଭୟାବହତା ବିଷୟରେ ବିଶ୍ୱକୁ ପୁନର୍ବାର ସ୍ମରଣ କରାଇବା ଏବଂ ଅର୍ଥପୂର୍ଣ୍ଣ ଆଣବିକ ନିରସ୍ତ୍ରୀକରଣ ଉପରେ ଏକ ବିତର୍କ ସୃଷ୍ଟି କରିବା ।

# ଦାନା ବାନ୍ଧୁଛି– ବାତ୍ୟା 'ଦାନା'



**ହିମାଂଶୁ ଶେଖର ଆଚାର୍ଯ୍ୟ**

ଓଡ଼ିଶାରେ ବାତ୍ୟାକୁ ନେଇ ବେଶ୍ କିଛିଦିନ ଧରି ଚର୍ଚ୍ଚା ଜାରି ରହିଥିବାବେଳେ, ବାତ୍ୟା ଆସୁଥିବାର ଏକପ୍ରକାର ସମ୍ଭାବନା ସୃଷ୍ଟି ହୋଇଛି । ବାତ୍ୟାର ନାମ ଦିଆଯାଇଛି 'ଦାନା' । ପାଣିପାଗ ବିଭାଗ ସୂଚନା ଅନୁଯାୟୀ ବାତ୍ୟା ଯୋଗୁଁ ୨୩ ତାରିଖରୁ ଓଡ଼ିଶାରେ ବର୍ଷା ଆରମ୍ଭ ହେବା ସହ ୨୪ ଓ ୨୫ ତାରିଖରେ ରାଜ୍ୟରେ ଅଧିକ ପରିମାଣର ବର୍ଷା ହେବ ବୋଲି ଆକଳନ କରାଯାଇଛି ।

ସୂଚନାଯୋଗ୍ୟ ଯେ, ଭାରତ ଇତିହାସରେ ସବୁଠାରୁ ପ୍ରଳୟଙ୍କରୀ ବାତ୍ୟା ଆସିଥିଲା ୧୯୯୯ ମସିହାରେ । ଆଣ୍ଡାମାନ ସାଗରରେ ୨୫ ଅକ୍ଟୋବରରେ ସୃଷ୍ଟି ହୋଇ ଏହା ଧୀରେ ଧୀରେ ଶକ୍ତିଶାଳୀ ହୋଇ ମହାବାତ୍ୟା ରୂପ ନେଇଥିଲା । ଜଗତସିଂହପୁର ଜିଲ୍ଲାରେ ଅକ୍ଟୋବର ୨୯ ତାରିଖରେ ଏହା ସ୍ଥଳଭାଗ ଅତିକ୍ରମ କରିଥିଲା । ବାତ୍ୟା ସ୍ଥଳଭାଗରେ ମାଡ ହେବା ସମୟରେ ଘଣ୍ଟା ପ୍ରତି ପ୍ରାୟ ୨୬୦ କି.ମି ବେଗରେ ପବନ ବହିଥିଲା । ଫଳରେ ଜଗତସିଂହପୁର ଜିଲ୍ଲା ସମେତ ଉପକୂଳିଆ ଜିଲ୍ଲାଗୁଡିକ ବେଶ୍ ଅଧିକ ଭାବେ ପ୍ରଭାବିତ ହୋଇଥିଲା । ବାତ୍ୟା ମାଡ ହେବା ପରେ ସମୁଦ୍ରରେ ୧୫ରୁ ୨୦ ଫୁଟ ଉଚ୍ଚର ଜୁଆର ଉଠିବା ସହିତ ପ୍ରାୟ ୩୫ କି.ମି ପର୍ଯ୍ୟନ୍ତ ସମୁଦ୍ର ପାଣି ଜନବସତି ଆଡକୁ ମାଡି ଆସିଥିଲା । ଏହି ବାତ୍ୟାରେ ସରକାରୀ ଭାବେ ରାଜ୍ୟରେ ପ୍ରାୟ ଅନେକ ଲୋକ ପ୍ରାଣ ହରାଇଥିବାବେଳେ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଥିଲେ । ଲକ୍ଷାଧିକ ଘର ମାଟିରେ ମିଶିଥିଲା । ଅଦ୍ୟାବଧି ଏହାକୁ ଭାରତର ସବୁଠାରୁ ବଡ ବାତ୍ୟା ଭାବେ ବିବେଚନା କରାଯାଉଛି । ଏହି ବାତ୍ୟା ଏବେ ୨୪ ବର୍ଷରେ ପହଞ୍ଚିଛି । ସେହିପରି ୧୯୯୯ ମହାବାତ୍ୟାକୁ ଛାଡ଼ି ଦେଲେ ୨୦୧୩ ଅକ୍ଟୋବର ୧୨ରେ ଫାଇଲିନ୍ ଓ ୨୦୧୪ ଆକ୍ଟୋବର ୧୨ରେ ହୁଡୁହୁଡୁ ଓଡ଼ିଶାରେ ହାହାକାର ସୃଷ୍ଟି କରିଥିଲା । ଏହିସବୁକୁ ରାଜ୍ୟବାସୀ ସାମ୍ନା କରିଛନ୍ତି ଓ ଏହି ଦିନଗୁଡ଼ିକ ଅଭୁଲା ସ୍ମୃତି ହୋଇ ରହିଛି ।

ପ୍ରାକୃତିକ ବିପର୍ଯ୍ୟୟର ଚିରସହଚର ହୋଇଛି ଓଡ଼ିଶା । ଏକ ତଥ୍ୟ ମୁତାବକ ୧୮୯୧ରୁ ୧୯୦୦ ମସିହା ମଧ୍ୟରେ ପ୍ରାୟ ୨୦ଟି ବାତ୍ୟା ସୃଷ୍ଟି ହୋଇଥିବାବେଳେ ପରବର୍ତ୍ତୀ ଦଶନ୍ଧିରେ ଏହି ବାତ୍ୟା ସଂଖ୍ୟା ୯ ଥିଲା । ୧୯୧୧ରୁ ୧୯୨୦ ମଧ୍ୟରେ ୧୨ଟି, ୧୯୪୧ରୁ ୧୯୫୦ ମଧ୍ୟରେ ୧୦ଟି ବାତ୍ୟା ସାମ୍ନା କରିଛି ଓଡ଼ିଶା । ଏ ପ୍ରସଙ୍ଗରେ ଜଣାପଡିଛି ଯେ, ୧୯୯୯ ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନଥିଲା । ଅଥଚ ୨୦୧୧ରୁ ୨୦୨୦ ମଧ୍ୟରେ ୩ଟି ବଡ ବାତ୍ୟା ସହ ୭ଟି ବାତ୍ୟା ଓଡ଼ିଶା ଉପକୂଳ ଦେଇ ଗତି କରିଛି । ନିକଟରେ 'ୟସ'କୁ ମିଶାଇଲେ ଏହି ସଂଖ୍ୟା ୪ ହେବ । ଆଉ ଏକ ରିପୋର୍ଟରୁ ଜଣାପଡିଛି ଭାରତବର୍ଷର ୯୬ଟି ଜିଲ୍ଲା ବାତ୍ୟା ପ୍ରବଣ । ତନ୍ମଧ୍ୟରୁ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକ ଓ ଆନ୍ଧ୍ରର ମଛଲିପଟନ ଆଦି ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ବୋଲି କୁହାଯାଉଛି । ଗବେଷଣାରୁ ଜଣାପଡିଛି ମୌସୁମୀ ପରବର୍ତ୍ତୀ ସମୟରେ ଅଧିକ ବାତ୍ୟା ଆସୁଛି । ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଯଦିଓ ରାଜ୍ୟ ସରକାର ଅନେକାଂଶରେ ସକ୍ଷମ ହୋଇଛନ୍ତି ତଥାପି ଏହାର ପ୍ରଭାବ ଅଧିକ ଘାତକ ହେଉଛି ।

ଜଳବାୟୁ ପରିବର୍ତ୍ତନ ଆମ ପାଇଁ ବିପଦକୁ ଡାକି ଆଣୁଛି । ଏ ନେଇ ସାମୁଦ୍ରିକ ବିଜ୍ଞାନୀମାନେ ଅଙ୍କକଷା ଆରମ୍ଭ କରିଛନ୍ତି । ଏହି ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ସମୁଦ୍ର ପୂର୍ବାପେକ୍ଷା ଅଧିକ ଉତ୍ତପ୍ତ ରହୁଛି । ଫଳରେ ପ୍ରତିବର୍ଷ ହାରାହାରି ଗୋଟିଏ ବଡ ବାତ୍ୟା ରାଜ୍ୟର ମେରୁଦଣ୍ଡ ଉପରେ ପ୍ରଚଣ୍ଡ ଆଘାତ ଦେଉଛି । ସୂଚନାଯୋଗ୍ୟ ଯେ, ଗତ ୩ବର୍ଷ ମଧ୍ୟରେ ପାଖାପାଖି ଦେଢଲକ୍ଷ ଘର କ୍ଷତିଗ୍ରସ୍ତ ହେଇଛି । ୭ଲକ୍ଷ ହେକ୍ଟର ଜମିର ଫସଲ ଉଜୁଡିଛି । ୪ ହଜାରରୁ ଉର୍ଦ୍ଧ୍ୱ ଗୋସମ୍ପଦ ନଷ୍ଟ ହୋଇଛନ୍ତି । ଏଥିରୁ ଜଣାପଡୁଛି ଯେ, ଓଡ଼ିଶା ଏବେ ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ରାଜ୍ୟ ହୋଇପଡିଛି । ଯଦିଓ ଗତ କିଛି ବର୍ଷ ହେଲା ବାତ୍ୟା ସଂଖ୍ୟା ଧୀରେ ଧୀରେ କମିବାରେ ଲାଗିଛି, ତଥାପି ଆସୁଥିବା ବାତ୍ୟାର ପ୍ରକୋପ ପୂର୍ବ ତୁଳନାରେ ଅଧିକ ପ୍ରଭାବଶାଳୀ ରହୁଛି । ଚଳିତ ବର୍ଷ ଲଘୁଚାପ ବର୍ଷା ଓଡ଼ିଶା ପାଇଁ ବାତ୍ୟା ଓ ବନ୍ୟା ସମସ୍ୟା ସୃଷ୍ଟି କରିଛି। ସେପ୍ଟେମ୍ବର ଗୋଟିଏ ଲଘୁଚାପ ଓ ଲଗାଣ ବର୍ଷା ନଯାଉଣୁ ପୁଣି ୨୫ ତାରିଖ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ପରେ ବାତ୍ୟା 'ଗୁଲାବ' ବିପଦ ଟଳିଯାଇଥିଲା । କହିବାକୁ ଗଲେ, ଚଳିତ ବର୍ଷ ବଙ୍ଗୋପସାଗରରେ ବାରମ୍ବାର ଲଘୁଚାପ ସୃଷ୍ଟି ହେବାରେ ଲାଗିଛି । ଏହା ସହ ବର୍ତ୍ତମାନ ଏହି ବାତ୍ୟା 'ଦାନା' ଏବେ ଅକ୍ଟୋବରରେ ଦାନା ବାନ୍ଧିବା ଆରମ୍ଭ କରିଛି । ଆସନ୍ତା ୨୪/୨୫ ତାରିଖରେ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ସ୍ଥଳଭାଗ ଛୁଇଁବା ନେଇ ସମ୍ଭାବନା ସୃଷ୍ଟି ହେଲାଣି ।

ଏବେ ଲଘୁଚାପ ଆସିଲେ ଲୋକଙ୍କ ମନରେ ବାତ୍ୟା ଭୟ ଓ ଆଶଙ୍କା ଆସୁଛି । ସତେ ଯେମିତି ଲଘୁଚାପ ଦେଖାଉଛି, ବାତ୍ୟାର ଡର । ବିଶ୍ୱ ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ପାଇଁ ଚିନ୍ତାର କାରଣ ହୋଇଛି । ବିଗତ ଦିନରେ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟା ହେଉଛି । ସେହିପରି ୨୦୧୫ରେ ଭୟଙ୍କର ଭୂକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବାବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଥିଲା ।

ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ୍, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା । ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟକୁ ଏବେ କିଛି ବର୍ଷ ଅତିକ୍ରାନ୍ତ ହେଲାଣି । ତଥାପି, ସେହି ପ୍ରଳୟର କଥା ମନେପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହାରି ଆସେ । ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସମ୍ଭାବ୍ୟ ବାତ୍ୟା ପରିସ୍ଥିତି ଉପରେ ସରକାର ନଜର ରଖିଛନ୍ତି । ସବୁସ୍ତରରେ ଏହାର ସମୀକ୍ଷା କରାଯାଉଛି । ଯେଉଁଠି ଯାହା ଆବଶ୍ୟକ, ପଦକ୍ଷେପ ନିଆଯିବା ଲାଗି ଜିଲ୍ଲାପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀକୁ ସଜାଗ କରାଯାଇଛି । ଏନଡିଆରଏଫକୁ ମଧ୍ୟ ସଜାଗ ରହିବାକୁ କୁହାଯାଇଛି । ଏସବୁ ସତ୍ତ୍ୱେ ଆମକୁ ବାତ୍ୟା ନେଇ, ଭୟଭୀତ ନ ହୋଇ ସତର୍କ ଓ ସଚେତନ ରହିବାକୁ ହେବ ।

**ସଭାପତି, ସାରସ୍ୱତ ପରିଷଦ,**
**ଜଗତସିଂହପୁର, ମୋ–୯୯୩୭୧୫୧୦୫୨**

# ଜଣେ ଯୋଗଜନ୍ମା ଥିଲେ ରତନ ଟାଟା

**ବିପିନ ବିହାରୀ ରାଉତ**

ଭାରତୀୟ ଶିଳ୍ପ ଜଗତର ସବୁଠାରୁ ଉଜ୍ଜ୍ୱଳତମ ରତ୍ନ, ଦେଶର ଗର୍ବ ଓ ଗୌରବ ରତନ ଟାଟାଙ୍କ ପରଲୋକ ସହିତ ଏକ ଯୁଗର ଅବସାନ ଘଟିଛି । କୁହାଯାଏ ଧରାପୃଷ୍ଠକୁ ସେ ଆସିଥିଲେ ଜଣେ ସାଧାରଣ ବ୍ୟକ୍ତି ଭାବରେ କିନ୍ତୁ ଜଣେ ଅନୁଷ୍ଠାନ ହୋଇ ସେ ବିଦାୟ ନେଇଛନ୍ତି ଆମ ମାନଙ୍କ ଠାରୁ । ଟାଟା ଗ୍ରୁପକୁ ବିଶ୍ୱରେ ପରିଚିତ କରିବାରେ ସେ ଥିଲେ ପ୍ରମୁଖ ସିଦ୍ଧହସ୍ତ ଓ ବ୍ୟବସାୟରେ ଜଣେ ବିଚକ୍ଷଣ ବ୍ୟକ୍ତିତ୍ୱ। ସାରା ଜୀବନ ଅବିବାହିତ ରହି ସବୁବେଳେ ଲୋକମାନଙ୍କ ମଙ୍ଗଳ ପାଇଁ ହିଁ ସେ ଚିନ୍ତା କରୁଥିଲେ । ଭାରତୀୟ ଶିଳ୍ପକୁ ବିଶ୍ୱ ବନ୍ଦିତା କରିବାରେ ସେ ଅଗ୍ରଣୀ ଭୂମିକା ନେଇଥିଲେ । କେବଳ ସେତିକି ନୁହେଁ ଟାଟା କମ୍ପାନୀକୁ ଅପହଞ୍ଚ ଦୂରତାରେ ପହଞ୍ଚାଇଥିବା ଏହି ବିଶିଷ୍ଟ ଶିଳ୍ପପତି ତାଙ୍କ କମ୍ପାନୀର ତମାମ ଲାଭର ପ୍ରମୁଖ ଭାଗ ଦାତବ୍ୟ କାର୍ଯ୍ୟ ପାଇଁ ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ରତନ ଟାଟାଙ୍କୁ ଭଲ ପାଉଥିବା ଲୋକମାନଙ୍କର ଶ୍ରଦ୍ଧା ଯେ କେଉଁପରି ତାହା ତାଙ୍କ ଅନ୍ତିମ ଯାତ୍ରା ବେଳେ ପ୍ରମାଣିତ ହୋଇଛି । ଜଣେ ଉଦ୍ୟୋଗୀ ନୁହେଁ ବରଂ ପ୍ରକୃତ ଭାରତୀୟକୁ ହରାଇଲା ଆମ ଦେଶ । ସମସ୍ତେ ସେହି ମହାନ ପୁରୁଷ, ପରୋପକାରୀ ଓ ଦାନବୀରଙ୍କ ବିୟୋଗରେ ପ୍ରଶଂସମୁଖର ହୋଇଛନ୍ତି ।

୧୯୩୭ରେ ଟାଟା ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ମାତ୍ର ଦଶ ବର୍ଷ ବୟସ ବେଳେ ପିତା ମାତା ଅଲଗା ହୋଇଯାଇଥିଲେ । ଜେଜେମାଙ୍କ ଦ୍ୱାରା ତାଙ୍କ ବାଲ୍ୟକାଳ ବଢ଼ିଥିଲା। ପରବର୍ତ୍ତୀ ସମୟରେ ସୁନାମଧନ୍ୟ ହାର୍ଭାଡ଼ ଆଡ଼ଭାନ୍ସ ମ୍ୟାନେଜମେଣ୍ଟ କୋର୍ସ କରିଥିଲେ ଏବଂ ଟାଟା ଗ୍ରୁପର ବିଭିନ୍ନ କମ୍ପାନୀରେ ନିମ୍ନ ପଦବୀରେ ରହି ନିଜ କ୍ୟାରିୟର ତିଆରି କରିବା ଆରମ୍ଭ କରିଥିଲେ । କଠିନ ପରିଶ୍ରମ ବଳରେ ୧୯୭୧ରେ ସେ ନାଲକୋର ନିର୍ଦ୍ଦେଶକ ହୋଇଥିଲେ । ତେବେ ଓଡ଼ିଶା ସହ ତାଙ୍କର ବିଶେଷ ସମ୍ପର୍କ ଓ ଓଡ଼ିଶା ବିକାଶରେ ତାଙ୍କର ପ୍ରମୁଖ ଯୋଗଦାନ ରହିଛି । ତାଙ୍କ ଜୀବନକାଳ ଭିତରେ ଅନେକଥର ସେ ଓଡ଼ିଶା ଆସିଛନ୍ତି । ତାଙ୍କର ଓଡ଼ିଶା ପ୍ରତି ଅକୁଣ୍ଠ ଭଲ ପାଇବାର ବଡ଼ ପ୍ରମାଣ ରହିଛି । ଯାଜପୁର କଳିଙ୍ଗନଗରର ଇସ୍ପାତ କାରଖାନାର ପରବର୍ତ୍ତୀ ସମୟରେ ଗୋପାଳପୁରରେ ଏସଇଜେଡ଼ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଅନେକ ଲୋକଙ୍କ ଜୀବନଧାରାକୁ ବଦଳାଇ ପାରିବାରେ ସକ୍ଷମ ହୋଇପାରିଥିଲେ । ୧୯୯୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ସହ ଗୋପାଳପୁର ଇସ୍ପାତ କାରଖାନାର ଭିତ୍ତି ପ୍ରସ୍ତର ଉଦଘାଟନ କରିଥିଲେ । ଏହାପରେ ବସ୍ତି ବାସିନ୍ଦାଙ୍କ ଉନ୍ନତିକଳ୍ପେ ୨୦୦୮ରେ ଟାଟା କମ୍ପାନୀ ଓଡ଼ିଶା ସରକାରଙ୍କ ସହ ମିଶି 'ଜାଗା ମିଶନ' ଲାଗି କାର୍ଯ୍ୟକ୍ରମ ହାତକୁ ନେଇଥିଲା । କେବଳ ସେତିକି ନୁହେଁ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଟାଟା ଟ୍ରଷ୍ଟ ଓଡ଼ିଶାରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ଦକ୍ଷତା ବିକାଶ ଭଳି କ୍ଷେତ୍ର ପାଇଁ କାର୍ଯ୍ୟ ଆରମ୍ଭ କରିଥିଲା । ମହାବାତ୍ୟା ଓ ଫନି ସମୟରେ ଟାଟା ଟ୍ରଷ୍ଟ ଓ ଟାଟା କମ୍ପାନୀ ଓଡ଼ିଶାର ପୁର୍ନଦ୍ଧାରରେ ସହଯୋଗର ହାତ ବଢ଼ାଇଥିଲେ ।

ତାଙ୍କର ସବୁଠାରୁ ବଡ଼ ସହଯୋଗ ହେଉଛି କଳିଙ୍ଗନଗର ଇସ୍ପାତ କାରଖାନା । କାରଣ ଏଠାରେ ଟାଟା ପକ୍ଷରୁ ସୁବୃହତ୍ତ କାରଖାନା ଗଢ଼ିଉଠିବା ପରେ ରାଜ୍ୟ ସହ ସ୍ଥାନୀୟ ଅଞ୍ଚଳର ଯୁବ ବର୍ଗ ବ୍ୟାପକ ଭାବେ କର୍ମସଂସ୍ଥାନ ପାଇବା ସହ ରାଜ୍ୟର ଶିଳ୍ପ ଅଭିବୃଦ୍ଧି ଓ ନିଯୁକ୍ତିରେ ଟାଟା ବିଶେଷ ସହଯୋଗର ହାତ ବଢ଼ାଇଥିଲା। ଡାକ୍ତରଖାନା, ବିଦ୍ୟାଳୟ ଓ ଧନ୍ଦାମୂଳକ ତାଲିମ ପ୍ରତିଷ୍ଠାନ ସ୍ଥାପନ ସହ ରାଜ୍ୟ ସରକାରଙ୍କ ସହ ଟାଟା କମ୍ପାନୀ ୨୦୦୪ରେ ଏମ୍ଓୟୁ କରିଥିଲା । ଅନେକ ହୁଏତ ଜାଣିନଥିବେ ବିଶ୍ୱର ସର୍ବବୃହତ୍ତ ବ୍ଲାଷ୍ଟ ଫର୍ନେଷ୍ଟ ଯାଜପୁରର କଳିଙ୍ଗନଗରରେ ଟାଟା ଷ୍ଟିଲ ସ୍ଥାପନ କରିଛି । ଏହାସହ କଳିଙ୍ଗନଗର ଫାସିଲିଟିରେ ଏଥିପାଇଁ ୨୭ ହଜାର କୋଟି ଟଙ୍କାର ପୁଞ୍ଜି ଲଗାଯାଇଛି । ସଂପ୍ରତି ୮ ନିୟୁତ ଟନକୁ ଏହି ୟୁନିଟର କ୍ଷମତା ବଢ଼ିଛି । ମେରାମୁଣ୍ଡଳୀରେ ୫.୧ ନିୟୁତ ଟନ ଓ ଗମ୍ଭାରିଆରେ ୧ ନିୟୁତ ଟନର କ୍ଷମତା ବିଶିଷ୍ଟ ଟାଟା ଷ୍ଟିଲର ପ୍ରକଳ୍ପ ଆରମ୍ଭ ହୋଇଛି । ଟାଟା ଟ୍ରଷ୍ଟ ଓଡ଼ିଶା ସରକାରଙ୍କ ସହଯୋଗରେ ଗ୍ରାମାଞ୍ଚଳରେ ଶିଶୁ ସ୍ୱାସ୍ଥ୍ୟ, ଶିଶୁ ପୋଷଣ ଓ ଗୁଣାତ୍ମକ ଶିକ୍ଷାର ବିକାଶ ସହ ଯୁବ ବର୍ଗଙ୍କ ଦକ୍ଷତା ବିକାଶ ଉପରେ ଫୋକସ କରି ଅନେକ ପ୍ରକଳ୍ପ ହାତକୁ ନେଇଛି ।

ଜଣେ ଶାନ୍ତ, ଭଦ୍ର, ନମ୍ର ଓ ବିନମ୍ର ବ୍ୟବହାର ତଥା ଆଚରଣର ମୁକ୍ତିମନ୍ତ ପ୍ରତୀକ ଥିଲେ ରତନ ଟାଟା । ତାଙ୍କ ତମାମ ଜୀବନ ଭିତରେ କୌଣସି ସାମାନ୍ୟତମ ବିବାଦତ ଦୂରର କଥା କାହାଙ୍କୁ ତିଳେମାତ୍ର ଖରାପ ବ୍ୟବହାର ଦେବାର କେହି କେବେ ଦେଖି ନାହାଁନ୍ତି । କେବଳ ନିଜ କମ୍ପାନୀର ଛୋଟ କର୍ମଚାରୀ ନୁହଁନ୍ତି ବୟସରେ କମ ହୋଇଥିବା ଲୋକଙ୍କୁ ମଧ୍ୟ ସେ ସମ୍ମାନ କରୁଥିଲେ । ସେମାନଙ୍କର ସୁବିଧା ଅସୁବିଧା ବୁଝି ଯଥାସମ୍ଭବ ସାହାଯ୍ୟ କରୁଥିଲେ । ତାଙ୍କ ବକ୍ତବ୍ୟଗୁଡ଼ିକ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି । ତାଙ୍କ କଥାଗୁଡ଼ିକ ଏକ ଏକ ଜୀବନ ଚେତନାର ବାଣୀ କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କ ବକ୍ତବ୍ୟ ଥିଲା –

'ସଫଳତା କେବଳ ଜଣେ ବ୍ୟକ୍ତି ନୁହେଁ, ଅନେକ ଲୋକଙ୍କ ହେବା ଦରକାର । କୌଣସି କାମ ଏକାକୀ ଆରମ୍ଭ କର କିନ୍ତୁ ତାହା ଯେତେବେଳେ ବହୁତ ବଡ଼ ସଫଳତା ପାଇବ ସେଥିରେ ଶହ ଶହ ଲୋକ ଉପକୃତ ହେବା ଦରକାର । କାମକୁ ସବୁବେଳେ ପୂଜା କର ଆଉ କାମକୁ ସର୍ବଦା ସମ୍ମାନ ପ୍ରଦାନ କର ।' ଟାଟା ଗ୍ରୁପର ବ୍ୟବସାୟକୁ ୩୬୫ ବିଲିୟନ ଡଲାରରେ ପହଞ୍ଚାଇ ଥିଲେ ଏବଂ ତାଙ୍କ ଗ୍ରୁପ ଅଧୀନରେ ୩୦ଟି କମ୍ପାନୀର ୧୦ ଲକ୍ଷରୁ ଅଧିକ ଲୋକ ଚାକିରି କରିଛନ୍ତି । କହିବାକୁ ଗଲେ ତାଙ୍କ ବ୍ୟକ୍ତିଗତ ସମ୍ପତ୍ତି ହେଉଛି ୩୮ଶହ କୋଟି ଟଙ୍କା। କିନ୍ତୁ ନିଜ ଆୟର ୬୬ ପ୍ରତିଶତ ରାଶି ଟାଟା ଟ୍ରଷ୍ଟକୁ ଦାନ କରୁଛନ୍ତି । କେବଳ ବ୍ୟବସାୟରେ ଯେ ଲାଭ ମିଳିଥାଏ ତାହା ନୁହେଁ, ସମାଜକୁ ନିଜ ଜୀବନର ମହାର୍ଘ୍ୟ ଅବଦାନରୁ କିଛି ଫେରାଇବା ଉପରେ ସର୍ବଦା ଗୁରୁତ୍ୱ ଦେଇ ଆସୁଥିବା ତାଙ୍କର ସେ ମୂଲ୍ୟବୋଧକୁ ଟାଟା ଗ୍ରୁପର ସମସ୍ତ କମ୍ପାନୀର ସବୁ କର୍ମଚାରୀଙ୍କ କର୍ତ୍ତବ୍ୟରେ ଦେଖିବାକୁ ମିଳେ । ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଭୂଷଣ ଓ ପଦ୍ମ ବିଭୂଷଣ ମିଳିଥିଲେ ମଧ୍ୟ ଭାରତ ରତ୍ନ ଦେବା ପାଇଁ ନିକଟରେ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ।

ଭାରତର ଅର୍ଥନୀତି ଓ ଏକ ଐତିହାସିକ ଅଗ୍ରଗତିର ଦ୍ୱାରରେ ଛିଡ଼ା ହୋଇଥିବାବେଳେ ରତନ ଟାଟାଙ୍କ ଜୀବନ ଓ କାମ ଏହି ଲକ୍ଷ୍ୟରେ ପହଞ୍ଚାଇବାରେ ବିଶେଷ ସହାୟକ ହୋଇଛି । ତାଙ୍କ ସଚ୍ଚୋଟତା, କରୁଣାଭରା ବ୍ୟକ୍ତିତ୍ୱ ଭବିଷ୍ୟତ ପିଢ଼ିର କର୍ପୋରେଟ, ଉଦ୍ୟୋଗୀ ଓ ଭାରତୀୟମାନଙ୍କୁ ପ୍ରେରଣା ଯୋଗାଇବ ନିଶ୍ଚୟ । ତାଙ୍କ ଭଳି କିମ୍ବଦନ୍ତୀ ବ୍ୟକ୍ତିତ୍ୱ ସର୍ବଦା ଅମର । ତାଙ୍କ ଜୀବନ କୋଟି କୋଟି ଭାରତୀୟଙ୍କ ପାଇଁ ପ୍ରେରଣା ହେବ ଓ ସେ ଆମ ହୃଦୟରେ ବଞ୍ଚି ରହିବେ । ତାଙ୍କର ରାଷ୍ଟ୍ର ଗଠନର ପରମ୍ପରା ନୂଆ ପିଢ଼ିକୁ ପ୍ରେରଣା ଯୋଗାଇବା ସହ ଉଲ୍ଲେଖନୀୟ ଜୀବନଯାତ୍ରା କେବଳ ଭାରତକୁ ନୁହେଁ ବରଂ ସମଗ୍ର ବିଶ୍ୱକୁ ପ୍ରେରଣା ଯୋଗାଇବ ।

**ଶ୍ରୀବିହାର କଲୋନୀ, କଟକ**

# ସେବାମୂର୍ତ୍ତି ସ୍ୱାମୀ ଶିବାନନ୍ଦ

**ହେମନ୍ତ କୁମାର ପରିଡ଼ା**

ସାଧୁସନ୍ଥମାନେ ଆମ ସଂସ୍କୃତିର ପ୍ରତ୍ୟକ୍ଷ ପରିଚାୟକ ଓ ମାନବ ଜାତିର ମାର୍ଗ ଦର୍ଶକ । ଜୀବନର ପରିପୂର୍ଣ୍ଣତା ପଥେ ସେମାନଙ୍କ ଆଚରଣ ଓ ଉଚ୍ଚାରଣ ଜନିତ ଆଦର୍ଶବୋଧ ହେଉଛି ସଫଳତାର ଆଧାରଶୀଳା । ଗଙ୍ଗୋତ୍ରୀର ଗଙ୍ଗାଜଳ ଦୀର୍ଘ ପଥ ଅତିକ୍ରମ ପରେ ମଧ୍ୟ ଗଙ୍ଗାସାଗର ଠାରେ ସେହି ଗଙ୍ଗାଜଳ ଭାବେ ଉପଲବ୍ଧ । ସେହିଭଳି ସତ୍ୟଦ୍ରଷ୍ଟା ମୁନିଋଷି ମାନଙ୍କର ଉପଲବ୍ଧ ଜ୍ଞାନ ପରମ୍ପରାକ୍ରମେ ସାଧୁସନ୍ଥମାନଙ୍କ ମାଧ୍ୟମରେ ଏବେ ବି ଆମ୍ଭମାନଙ୍କୁ ଉପଲବ୍ଧ ସେହିଭଳି ଏ ଯୁଗର ଜଣେ ମହାନ ଅନୁଭବ ସନ୍ଥ ହେଉଛନ୍ତି ଯୁଗପୁରୁଷ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜ ।

ଆଧ୍ୟାତ୍ମ ଆକାଶର ଜଣେ ଉଜ୍ଜ୍ୱଳତମ ନକ୍ଷତ୍ର ହେଉଛନ୍ତି ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ସରସ୍ୱତୀ । ଭାରତୀୟ ସଂସ୍କୃତି ଓ ଦର୍ଶନ ମାଧ୍ୟମରେ ଆଧ୍ୟାତ୍ମିକତାର ପ୍ରଚାର ପ୍ରସାର ପାଇଁ ସେ ତନମନ ଢ଼ାଳି ଦେଇଥିଲେ । ସେ ଯୋଗ ଏବଂ ବେଦାନ୍ତ ଦର୍ଶନର ଜଣେ ପ୍ରମୁଖ ପ୍ରବକ୍ତା । ଋଷିକେଶର ଗଙ୍ଗାକୂଳସ୍ଥ ଆନନ୍ଦ କୁଟୀର ତାଙ୍କର ସାଧନ ପୀଠ । ସେହି ସାଧନ ପୀଠ ଛାଡ଼ି ସେ ଅନ୍ୟତ୍ର କୁଆଡ଼େ ଯାଇନଥିଲେ । ହେଲେ ଆପଣା ସତ ସଂକଳ୍ପ, ନିଷ୍ଠାପର ଉଦ୍ୟମ ଓ କଠୋର ତପସ୍ୟା ଦ୍ୱାରା ସେ ବିଶ୍ୱର କୋଣେ କୋଣେ ପହଞ୍ଚି ପାରିଥିଲେ ।

ଆଧ୍ୟାତ୍ମିକ ସାଧନା, ସେବା ଓ ସତ୍‌ସଙ୍ଗର ତ୍ରିଧାରା ସଙ୍ଗମରେ ସେ ତାଙ୍କ ଜୀବନକୁ ଏକ ତୀର୍ଥକ୍ଷେତ୍ରରେ ପରିଣତ କରିଦେଇଥିଲେ । ବିଶ୍ୱର ସମସ୍ତ ଧର୍ମ ଏବଂ ସକଳ ଧର୍ମ ଶାସ୍ତ୍ରର ଜ୍ଞାନ ସାଗର ମନ୍ଥନ କରି ସେ ଯେଉଁ ଅମୃତ ପ୍ରାପ୍ତି କରିଥିଲେ ତାର ସାରାଂଶକୁ ମାତ୍ର ଛଅ ଗୋଟି ଶବ୍ଦରେ ପ୍ରକାଶ କରିଥିଲେ । ସେଗୁଡ଼ିକ ହେଲା– ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ସାକ୍ଷାତକାର । ଏହି ଅମୃତମୟ ଅନୁଭବକୁ ସେ ଆପଣା ଜୀବନରେ ପ୍ରୟୋଗ କରି ନିଜେ ଅମୃତମୟ ହେବା ସହିତ ସମସ୍ତଙ୍କ ପାଇଁ ଅମୃତମୟ ଦିବ୍ୟଜୀବନର ମାର୍ଗ ପ୍ରଦର୍ଶନ କରିଥିଲେ । ଏହି ସମସ୍ତ ସାଧନାକୁ ଆହୁରି ସଂକ୍ଷିପ୍ତ କରି ସେ ମାତ୍ର ଦୁଇଟି ବାକ୍ୟ ଉପରେ ପ୍ରାଧାନ୍ୟ ଦେଉଥିଲେ, 'ଭଲ ହୁଅ, ଭଲ କର'। ଏହା ହିଁ ସମସ୍ତ ସାଧନା ଓ ସଫଳତାର ମୂଳ ଅଟେ । ମାନବ ନିର୍ମାଣ ଓ ଦିବ୍ୟ ଜୀବନର ପ୍ରତିଷ୍ଠା ପାଇଁ ସେ ୧୯୩୬ ମସିହାରେ ଆରମ୍ଭ କରିଥିଲେ ଦିବ୍ୟ ଜୀବନ ସଂଘ । ଏହା ଏବେ ବିଶ୍ୱବ୍ୟାପୀ ଏକ ବିଶାଳ ଅନୁଷ୍ଠାନ ।

ଶିବାନନ୍ଦଙ୍କର ପୂର୍ବାଶ୍ରମ ନାମ ଥିଲା କୁପୁସ୍ୱାମୀ। ପିତା ଶ୍ରୀ ପିଏସ ଭେଙ୍ଗୁ ଆୟାର ଓ ମାତା ଶ୍ରୀମତୀ ପାର୍ବତୀ ଅମ୍ମାଲାଙ୍କର କୋଳମଣ୍ଡନ କରି ୧୮୮୭ ମସିହା ସେପ୍ଟେମ୍ବର ୮ ତାରିଖ ଦିନ ଧରା ମଣ୍ଡନ କରିଥିଲେ । ଭାରତର ଅନ୍ୟତମ ପ୍ରଖ୍ୟାତ ସଂସ୍କୃତ ବିଦ୍ୱାନ ଅପେୟା ଦିକ୍ଷିତାରଙ୍କ ବଂଶରେ ତାଙ୍କ ଜନ୍ମ । ଲୋକେ ତାଙ୍କୁ ଶିବଙ୍କ ଅବତାର ବୋଲି ବିଶ୍ୱାସ କରୁଥିଲେ । ପିଲାଟି ଦିନରୁ ଏହି ଦେବ ଶିଶୁ ନିଜର ସ୍ୱତନ୍ତ୍ରତାରେ ସ୍ୱତନ୍ତ୍ର ବୋଧ ହେଉଥିଲେ । ଯେପରି ମେଧାବୀ ସେହିପରି ପ୍ରତିଭାବାନ ଛାତ୍ର ଥିଲେ । ଡାକ୍ତରୀ ବିଦ୍ୟା ପ୍ରତି ତାଙ୍କର ଅହେତୁକ ଆକର୍ଷଣ ଥିଲା । ଛାତ୍ର ଜୀବନରେ ଆମ୍ବ୍ରୋସିୟା ନାମକ ଏକ ସ୍ୱାସ୍ଥ୍ୟ ପତ୍ରିକା ପ୍ରକାଶ କରି ସେ ବହୁ ପ୍ରସିଦ୍ଧି ପ୍ରାପ୍ତ ହୋଇଥିଲେ । ଡାକ୍ତରୀ ପାଠ ପଢ଼ିଲାବେଳେ ଅନେକ ପ୍ରଫେସରଙ୍କ ଅପେକ୍ଷା ତାଙ୍କର ଜ୍ଞାନ ପରିସୀମା ପ୍ରଖର ଥିଲା ବୋଲି କୁହାଯାଏ । ଜୀବନରେ ଲାଭ କରିଥିବା ସମସ୍ତ ସଫଳତା ଓ ପାର୍ଥିବ ପ୍ରତିଷ୍ଠା ଅଧିକ ଦିନ ତାଙ୍କୁ ଆକୃଷ୍ଟ କରି ରଖିପାରିଲା ନାହିଁ ।

ଜୀବନର ରହସ୍ୟ ଖୋଜି ଖୋଜି ପରମ ରହସ୍ୟମୟ ପରମାତ୍ମାଙ୍କର ସନ୍ଧାନରେ ଅନ୍ତର୍ମୁଖୀ ହୋଇ ଉଠିଲେ । ମାଳୟ ଛାଡ଼ି ହିମାଳୟ ଚାଲି ଆସିଲେ । ସେହିଠାରେ ପରମହଂସ ବିଶ୍ୱାନନ୍ଦଙ୍କ ଠାରୁ ପବିତ୍ର ସନ୍ନ୍ୟାସ ଦୀକ୍ଷାରେ ଦୀକ୍ଷିତ ହୋଇ ୧୯୨୪ ମସିହା ଜୁନ ମାସ ୨୪ ତାରିଖ ଦିନ ସ୍ୱାମୀ ଶିବାନନ୍ଦ ଭାବେ ପରିଚିତ ହେଲେ । ସେ କହୁଥିଲେ ଆତ୍ମସାକ୍ଷାତକାର ଜୀବନର ପରମ ଲକ୍ଷ୍ୟ ।

ସେବା, ପ୍ରେମ, ଦାନ ଓ ଧ୍ୟାନ ଦ୍ୱାରା ଆତ୍ମସାକ୍ଷାତକାର ପଥ ସୁଗମ ହୋଇଥାଏ । ସେବା ଓ ଦେବାକୁ ସେ ଜୀବନର ବ୍ରତ ଭାବେ ବାଛି ନେଇଥିଲେ । ଏକଦା ଜଙ୍ଗଲ ମଧ୍ୟରେ ଅବସ୍ଥିତ ଶିବାନନ୍ଦ ଆଶ୍ରମ ସେବା କ୍ଷେତ୍ରରେ ସାରା ବିଶ୍ୱପାଇଁ ପ୍ରେରଣାର ଉତ୍ସ ଥିଲା । ବିଶ୍ୱର ବହୁ ବିଶିଷ୍ଟ ସାଧୁସନ୍ଥ, ମହାନ ଜନନାୟକମାନେ ସେଠାକୁ ଆସିଛନ୍ତି । ଅନେକ ବିଶିଷ୍ଟ ବ୍ୟକ୍ତି ସେହି ମାଟିରୁ ମଣିଷ ହୋଇ ବିଶ୍ୱ ପାଇଁ ଆଲୋକ ବର୍ତ୍ତିକା ହୋଇଛନ୍ତି ।

ସ୍ୱାମୀଜୀ ଥିଲେ ମାନବତାର ପ୍ରତୀକ ଜଣେ ମହାନ ମହାତ୍ମା । ଦକ୍ଷିଣ ଭାରତର ଗଙ୍ଗା କୁହାଯାଉଥିବା ତାମ୍ରପର୍ନୀ ନଦୀ କୂଳରେ ଉଦ୍ଭବ ହୋଇଥିବା ଦିବ୍ୟ ଆଲୋକ ଆପଣା ଦିବ୍ୟ ପ୍ରକାଶ ଓ ପ୍ରଖର ପ୍ରଜ୍ଞାରେ ସାରା ସଂସାରକୁ ପ୍ରକାଶିତ କରିଛି । ଦେବଭୂମି ହିମାଳୟର ପରମ ପାବନୀ ମା' ଗଙ୍ଗାଙ୍କ କୂଳରେ ୧୯୬୩ ମସିହା ଜୁନ ମାସ ୧୪ ତାରିଖ ଦିନ ସେହି ଦିବ୍ୟ ପ୍ରକାଶର ଇହଲୀଳା ସମାପ୍ତ ହେଲା । ସ୍ୱାମୀ ଶିବାନନ୍ଦଙ୍କୁ ଆଉ ସ୍ୱଶରୀରରେ ଦର୍ଶନ କରି ହେବନାହିଁ । କିନ୍ତୁ ତାଙ୍କ ପବିତ୍ର ପ୍ରକାଶ ଏବେ ବି ସାରା ବିଶ୍ୱକୁ ପ୍ରକାଶ ପ୍ରଦାନ କରୁଛି । ମାର୍ଗ ପ୍ରଦର୍ଶନ କରୁଛି । 'ଭଲ ହୁଅ– ଭଲ କର'ର ଆମର ଆହ୍ୱାନ ଏବେ ବି ମାନବ ଜାତିକୁ ପ୍ରବୁଦ୍ଧ କରୁଛି, ପ୍ରେରଣା ଦେଉଛି ।

**ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି,**
**ସେକ୍ଟର–୧୦, ସିଡିଏ, କଟକ,**
**ମୋ– ୮୭୬୩୧୦୭୧୨୬**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭଦ୍ରକ-କେନ୍ଦ୍ରାପଡ଼ାରେ...

ଜିଲ୍ଲାଗୁଡ଼ିକରେ ଅତି ଭୀଷଣ ବର୍ଷା ହୋଇପାରେ ।

ପୁରୀ, ଖୋର୍ଦ୍ଧା (ଭୁବନେଶ୍ୱର ସମେତ), ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାଗୁଡ଼ିକ ପାଇଁ ବିଶେଷ ଭାବେ ସୂଚନା ଦିଆଯାଇଛି । ଏହି ଜିଲ୍ଲାଗୁଡ଼ିକରେ ୨୪ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ ଜଗତସିଂହପୁର ଜିଲ୍ଲାର କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏସବୁ ଜିଲ୍ଲାକୁ ରୋଡ ୱାର୍ଣ୍ଣିଂ ଜାରି ହୋଇଛି । କେନ୍ଦ୍ରାପଡ଼ା, କଟକ, ନୟାଗଡ଼, କନ୍ଧମାଳ, ଗଜପତି, ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଯାଜପୁର, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ କେନ୍ଦୁଝର ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ । ସେହିପରି ୨୫ ତାରିଖରେ ମଧ୍ୟ ଏହି ସବୁ ଜିଲ୍ଲାଗୁଡ଼ିକରେ ବର୍ଷା ହୋଇପାରେ । ବିଶେଷତଃ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଆଦି ଜିଲ୍ଲାରେ ଅଧିକ ପବନ ହେବ ।

ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଆଜି ଯେଉଁ ରେଖାଙ୍କିତ ଚିତ୍ର ଦ୍ୱାରା ବାତ୍ୟାର ଗତିପଥ କିପରି ରହିବ ବୋଲି ପୂର୍ବାନୁମାନ କରିଛୁ, ତାହା ୪ ଦିନ ତଳର ପୂର୍ବାନୁମାନ । ତେଣୁ ଏଥିରେ ଟିକେ ଏପଟ ସେପଟ ହୋଇପାରେ । କିନ୍ତୁ ଏହା ହେଉଛି ସବୁଠୁ ଅଧିକ ସମ୍ଭାବ୍ୟ ଗତିପଥ । ଏହା (ଦାନା)କୁ ଆମେ ଏକ ସିଭିୟର ସାଇକ୍ଲୋନିକ ଷ୍ଟର୍ମ କହୁଛୁ । କାରଣ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୨୦ କିମି ରହିବ । ଅର୍ଥାତ ଏହା ହେଉଛି ପ୍ରବଳ ବାତ୍ୟାର ପବନ । ସାଧାରଣତଃ ବାତ୍ୟା ଉପକୂଳ ଅତିକ୍ରମ କଲେ ସମୁଦ୍ରରେ ଜୁଆର ହେବା ଏକ ସ୍ୱାଭାବିକ ପ୍ରକ୍ରିୟା । ହେଲେ ଜୁଆର କେତେ ଉଚ୍ଚ ଉଠିବ, ସେ ନେଇ ପୂର୍ବାନୁମାନ ଜାରି କରାଯାଇନାହିଁ । ତା'ର କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଅବପାତ ସୃଷ୍ଟି ହୋଇନାହିଁ । ଅବପାତ ସୃଷ୍ଟି ହେଲା ପରେ ଜୁଆର କେତେ ଉଚ୍ଚକୁ ଉଠିବ, ସେନେଇ ପୂର୍ବାନୁମାନ କରାଯିବ ବୋଲି କହିଛନ୍ତି ଶ୍ରୀ ମହାପାତ୍ର କହିଛନ୍ତି ।

## ଜିରୋ...

ଯେ, ବାତ୍ୟା ପରେ କ୍ଷୟକ୍ଷତିର ଆଗୁଆ ଆକଳନ କରିବା ଆବଶ୍ୟକ । ଏହା ସହିତ ବିଭାଗର 'କଣ୍ଟିଜେନ୍ସି ପ୍ଲାନ୍' କୁ ତୁରନ୍ତ କାର୍ଯ୍ୟକାରୀ କରାଯିବା ଆବଶ୍ୟକ । ସେହିପରି ଆଗୁଆ ରବି ଚାଷ ପାଇଁ ସମସ୍ତ ପ୍ରକାର ଇନ୍‌ପୁଟ୍ସ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଚାଷୀଙ୍କୁ ପ୍ରଦାନ କରାଯିବା ଉଚିତ ବୋଲି ସେ କହିଥିଲେ ।

ବାତ୍ୟା ସମୟରେ କୌଣସି ପ୍ରକାର ଗୁଜବ ଏବଂ ମିଥ୍ୟା ସୂଚନାକୁ ରୋକିବା ପାଇଁ ସ୍ମାଇଙ୍କ ତରଫରୁ ନିୟମିତ ଭାବେ ଗଣମାଧ୍ୟମରେ ସୂଚନା ଦେବା ଆବଶ୍ୟକ ବୋଲି ସେ କହିଥିଲେ । ଏହା ସହିତ ଏସ୍‌ଆର୍‌ସି, ଓଏସ୍‌ଡିଏମ୍‌ଏ, ଆଇ ଆଣ୍ଡ ପିଆର୍, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, କୃଷି ବିଭାଗ, ଗୃହ ବିଭାଗର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ନିୟମିତଭାବେ ଅଧିକୃତ ସୂଚନା ପୋଷ୍ଟିଂ ହେବା ଆବଶ୍ୟକ ବୋଲି ସେ କହିଥିଲେ । ସବୁଠାରୁ ଅଧିକ ପ୍ରଭାବିତ ସ୍ଥାନକୁ ଚିହ୍ନିଟ କରି ଗୋଖାଦ୍ୟ ଓ କୁକୁଡା ଖାଦ୍ୟ ମହଜୁଦ ରଖିବା ବୋଲି ସେ କହିଥିଲେ ।

ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଗତ ଦିନମାନଙ୍କରେ ଯଦିଓ ପବନ ଯୋଗୁ କେହି ମୃତାହତ ହୋଇନାହାନ୍ତି, ଅନ୍ୟାନ୍ୟ କାରଣରୁ ମଧ୍ୟ ଜୀବନ ହାନି ଘଟିଥାଏ । ଯେପରିକି ମାଟି କାନ୍ଥ ପଡି ମୃତ୍ୟୁ ହେବା । ଏସବୁକୁ ରୋକିବା ପାଇଁ ସମସ୍ତ ଦୁର୍ବଳ ଘରକୁ ଚିହ୍ନଟ କରି ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯିବା ଉଚିତ । ସେହିପରି ସହରାଞ୍ଚଳରେ ବିଲିବୋର୍ଡ କିମ୍ବା ସିଂବୋର୍ଡ ଉପୁଡି ଲୋକେ ମୃତାହତ ହୁଅନ୍ତି । ତେଣୁ ସବୁ ସହରାଞ୍ଚଳ ବିଶେଷ ଭାବେ ଭୁବନେଶ୍ୱର, କଟକ, ପୁରୀ ଏବଂ ବ୍ରହ୍ମପୁର ସହରରୁ ସବୁ ଦୁର୍ବଳ ବିଲ୍‌ବୋର୍ଡକୁ ତୁରନ୍ତ ଚିହ୍ନଟ କରି ସେସବୁକୁ ହଟାଯିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂହ, ଅଗ୍ନିଶମ ମହାନିର୍ଦ୍ଦେଶକ ସୁଧାଂଶୁ ଷଡଙ୍ଗୀ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

## ବିଦେଶରେ...

ଫୋନପେ' ଜରିଆରେ ଜଣେ ଜଣେ ଯୁବକ କିଏ ୩୦ ହଜାର ଟଙ୍କା ତ ଆଉ କିଏ ଏକ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ବୋଲି ପ୍ରକାଶ କରିଛନ୍ତି ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଥାନା ଖରିବନ୍ଧ ଗ୍ରାମର ବାଉରୀବନ୍ଧୁ ସ୍ୱାଇ। ବାଉରୀବନ୍ଧୁଙ୍କ ସହ ତୁର୍କୀ ଯିବା ପାଇଁ ମୋଟ ୭୫ ହଜାର ଟଙ୍କା କଥାରେ ଅଫିସ ବିଅରରମାନଙ୍କ ସହ କଥା ଛିଡ଼ି ଥିଲା।ଆଉ ବାଉରୀବନ୍ଧୁ ଅଗ୍ରୀମ ଆକାରରେ ୩୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହି ଅନୁସାରେ ତାଙ୍କୁ ଭିସା ଓ ଫ୍ଲାଇଟ ଟିକଟ ମିଳିଥିଲା। କିନ୍ତୁ ବାଉରୀବନ୍ଧୁ ପରେ ଜାଣିଲେ ଏହି ଭିସା ଓ ଫ୍ଲାଇଟ ଟିକଟ ସବୁକିଛି ନକଲି। ଏନେଇ ସେ ଗତ ଶୁକ୍ରବାର ଦିନ ଜଲେଶ୍ୱର ଅଫିସକୁ ଆସି ପଚାରିବା ପରେ ସେଠାରେ ଅଫିସ ଆସିଷ୍ଟାଣ୍ଟ ଭାବେ କାମ କରୁଥିବା ଜୈନିକା ଯୁବତୀ ଦୁଇ ଦିନ ପରେ ଆସ ବୋଲି କହିଥିଲେ। କିନ୍ତୁ ତହିଁ ପର ଦିନ ରାତାରାତି ଅଫିସ ବନ୍ଦ ହୋଇ ତାଲା ଝୁଲୁଛି।ଅଫିସ ବିଅରରମାନେ ଫେରାର ହୋଇ ଯାଇଛନ୍ତିଛ ଅଫିସ ବିଅରରମାନଙ୍କୁ ଫୋନ କଲେ ସେମାନେ ଫୋନ ମଧ୍ୟ ଧରୁ ନାହାନ୍ତି ବୋଲି ଝାଡ଼ଖଣ୍ଡର ଧାନବାଦ ଜିଲ୍ଲା ଧନସା ଥାନା ଅଞ୍ଚଳର ୱାସିମ ଅକତର ଓ କଟକ ଜିଲ୍ଲା ନିଆଳି ଥାନା ଲୁଣିଗାଁ ଗ୍ରାମର ଦୀପକ କୁମାର ନାୟକସୂଚନା ଦେଇଛନ୍ତ। ଏହି ଘଟଣାରେ ୮୦ରୁ ଉର୍ଦ୍ଧ୍ୱ ଯୁବକ ଏହି ଠକାମୀର ଶିକାର ହୋଇଥିବାରି କଟକ ଅଞ୍ଚଳର ତ୍ରୈଲୋକ୍ୟ ପରିଡ଼ା ଓ ସିଦ୍ଧାନ୍ତ ପ୍ରଧାନ ପ୍ରକାଶ କରିଛନ୍ତିଛ ଚାକିରି ପାଇବା ଆଶାରେ ବହୁ କଷ୍ଟରେ ପାସପୋର୍ଟ କରିବା ସହ ଓ ଧାର ଉଧାର କରି ଟଙ୍କା ଦେଇଥିଲୁ। ଏବେ ଆମ ପାସପୋର୍ଟ ଓ ଟଙ୍କା ଫେରି ପାଇବୁ କିପରି ବୋଲି ଉକ୍ତ ଯୁବକମାନେ କାନ୍ଦି କାନ୍ଦି ପ୍ରକାଶ କରିଛନ୍ତି।

## ଭାରତ...

ପରିସ୍ଥିତି କଥାକୁ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ ସେତେବେଳେ ଏଚ୍‌ଆର୍ ଖାନ୍ନା କିଭଳି ଆମକୁ ରକ୍ଷା କରିଥିଲେ ମୁଁ ସେ ସମ୍ପର୍କରେ ଅଧିକ କିଛି କହିବାକୁ ଚାହୁଁନାହିଁ । ଆଡ୍‌ଭୋକେଟ୍ ଜେନ୍ କହିଥିଲେ ଯେ ଆମେ ଯେଉଁ ଭାରତରେ ରହୁଛୁ ଏହା ଧର୍ମ ନୀରପେକ୍ଷ ନୁହେଁ । ଆମେ ଏହାର ଏହି ସଂଶୋଧନକୁ ଚ୍ୟାଲେଞ୍ଜ କରୁଛୁ । ଯଦି ଆମେ ସମାନତା ଅଧିକାର ଓ ଫାଟେର୍ନିଟି ଶବ୍ଦକୁ ସମ୍ବିଧାନରେ ଦେଖିବା ଯାହା ସମ୍ବିଧାନର ତୃତୀୟ ଭାଗରେ ଅଧିକାର ନେଇ କଥା ଉଠାଉଛି । ଯେତେବେଳେ ଧର୍ମ ନୀରପେକ୍ଷ ନେଇ ବିତର୍କ ହୋଇଛି, ଏହା କେବଳ ଏକ ଫ୍ରେଞ୍ଚ ମଡେଲ ବୋଲି କୁହାଯାଉଛି । ତେବେ ଜଷ୍ଟିସ୍ ଖାନ୍ନା କହିଥିଲେ ଯେ ଆମେ ପାଶ୍ଚାତ୍ୟ ବ୍ୟବସ୍ଥାକୁ ଅନୁସରଣ କରୁନାହୁଁ । ଆମେ ଆମ ବ୍ୟବସ୍ଥାରେ ଖୁସି ଅଛୁ ।

## ବାତ୍ୟା...

ଦିଆଯାଇଛି । ବାତ୍ୟା ସମୟରେ ପୁରୀ ସମୁଦ୍ରକୂଳ ଅଧିକ ପ୍ରଭାବିତ ହୋଇପାରେ । ତେଣୁ ପୁରୀରେ ଥିବା ବାହାର ଲୋକ ପୁରୀ ଛାଡିଦେଲେ ଭଲ ବୋଲି ସେ କହିବା ସହ ପୁରୀ ଯିବା ପାଇଁ ଯୋଜନା କରୁଥିବା ଲୋକ ବାତ୍ୟା ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖିବାକୁ ସେ କହିଛନ୍ତି । ସେହିଭଳି ସ୍ୱତନ୍ତ୍ର ରିଲିଫ କମିଶନର ଗଣଶିକ୍ଷା ବିଭାଗ ସଚିବଙ୍କୁ ଚିଠି ଲେଖି ସ୍କୁଲ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବାତ୍ୟାର ପ୍ରଭାବ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢ଼େଙ୍କାନାଳ, ଯାଜପୁର, ଅନୁଗୁଳ, ଖୋର୍ଦ୍ଧା, ନୟାଗଡ ଓ କଟକ ଜିଲ୍ଲା ଉପରେ ପଡିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ୨୩ ରୁ ୨୫ ଯାଏ ଏହି ଜିଲ୍ଲାଗୁଡିକରେ ସ୍କୁଲ ବନ୍ଦ ରଖିବାକୁ ଏସ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି ।

## ସାଇମନ୍ଦିରରେ ଅଗ୍ନିକାଣ୍ଡ

ଡ଼େରାବିଶ (ସବ୍ୟୁ) : ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଂଚାୟତ ଅନ୍ତର୍ଗତ ଛଚିଣା ଗ୍ରାମରେ ଥିବା ଶିରିଡି ସାଇ ମନ୍ଦିରରେ ଅଗ୍ନିକାଣ୍ଡ ଘଟି ବହୁ ସାମଗ୍ରୀ ଜଳିଯାଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ ଆଜି ପ୍ରତ୍ୟୁଷରେ ମନ୍ଦିରର ଝରକା ଓ ମୁଖ୍ୟଦ୍ୱାରରୁ ପ୍ରବଳ ବେଗରେ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା । ଅଗ୍ନିସମ ବିଭାଗ ଗାଡି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲେ ।


**AFFIDAVIT**

By virtue of an affidavit before Executive Magistrate, Dhenkanal on dtd. 30.09.2024, solemnly declare that, in my Aadhar card my name has written as Kokil Debi, W/o. Jayakrishna Satapathy. So I have changed my name from Kokil Debi to Kokila Kumari Satpathy. Kolil Debi and Kokila Kumari Satapathy is same and one person. Henceforth I shall be known as Kokila Kumari Satapathy. W/o. Jayakrishna Satapathy, At-Mahindrapur, PO: Siminai, PS-Sadar, Dist-Dhenkanal for all purposes

**AFFIDAVIT**

I, BIJAY SAHOO, S/O-SANATAN SAHOO, PLOT NO-7CM/1398/5, SECTOR-9, CDA, CUTTACK-753014 DECLARE BY THIS AFFIDAVIT NO-17597, DT. 19.10.2024 THAT NOW ONWARDS I SHALL BE KNOWN AS "BIJAYA KUMAR SAHOO" FOR ALL FUTURE PURPOSES.

E-mail:- eerw_kuchinda@yahoo.com

**GOVERNMENT OF ODISHA**
**OFFICE THE SUPERINTENDING ENGINEER**
**RURAL WORKS DIVISION. KUCHINDA**

O-436

**"e" Procurement Notice for Building Works**

**Identification No Online Tender /03 / RWD, Kuchinda / 2024-25.**

| | | |
|---|---|---|
| 1. | Name of the work | : Building Works |
| 2. | Total Number of Work | : 2 Nos. |
| 3. | Class of Contractor | : B Class of Contractor |
| 4. | Period of Completion | : 06 calendar months |
| 5. | Availability of Tender online for bidding | : Dt. 23.10.2024 to Dt.07.11.2024 |
| 6. | Last date & time of seeking tender clarification | : Dt.06.11.2024 at 5.00 A.M |
| 7. | Date & time of opening of tender | : Dt. 08.11.2024 at 11 00 A.M |

Online details can be seen from Detailed notice inviting Tenders, available in website **www.tendersodisha.gov.in**.

Corrigendum If any shall only be published in the above website.

Sd/- Superintending Engineer,
Rural Works Division,
Kuchinda

OIPR : 25151/11/0004/2425

**OFFICE OF THE MUNICIPAL COUNCIL BRAJRAJNAGAR**

C-812

**E-Procurement Notice**

Bid Identification No. :- BRJNRM-03/2024-25.
Total No. of Works:- 01 Nos.
Tender ID **:-2024_ORULB_105836**
Tender Value :- Rs.1,32,25,200.00
Bid security :- Rs.1,32,252.00
Available Period : - Dt.22.10.2024, 11:00 A.M to 06.11.2024, 05:00 P.M.
Tender opening date : - 8th November 2024, 11:00 A.M.
Bidders are requested to participate in advance with their Class-I and Class-II Contractor DSC before the closing date.
Further details please visit: - **www.tendersodisha.gov.in**

Sd/- Executive Officer
Brajrajnagar Municipality

OIPR : 13099/11/0016/2425

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, JAJPUR**

O-409

**e-PROCUREMENT NOTICE**

**NO. Tender Online 02 JJPT of 2024-25**

| | | |
|---|---|---|
| 1. | Name of work | : Road works. |
| 2. | Total No of Work | : 48 Nos. Road Work . |
| 3. | Estimated Cost (Approx.) | : Rs. 5.03 to 40.80 Lakhs |
| 4. | Period of Completion | : 90 Days |
| 5. | Class of contractors | : D,C & B Class |

Other details as follows:

| | | |
|---|---|---|
| a) | Procurement officer | : Executive Engineer, Rural Works Division, Jajpur |
| b) | Availability of tender online & submission of bid | : 25.10.2024 at 10.00 AM to 08.11.2024 upto 5.00 PM |
| c) | Last date & time of seeking of tender clarification | : 07.11.2024 up to 5.00 PM |
| d) | Opening of Technical Bid | : 11.11.2024 at 11.30 A.M. |

Further details can be seen from the Govt. website **www.tendersodisha.gov.in**

Sd/- Superintending Engineer
Rural Works Division Jajpur

OIPR : 25047/11/0003/2425

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
**ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨**

CDA

CAD- 1394

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୧୩ରେ ପ୍ଲଟ ନଂ-13-2E/611ଟିକୁ ଶ୍ରୀ ନିରଞ୍ଜନ ସାହୁ, ପିତା- ସ୍ୱର୍ଗତ ମଧୁସୂଦନ ସାହୁ, ସା/ପୋ-ତୁଳସୀପୁର/ଥା-ବାଲିକୁଦା, ଜିଲ୍ଲା-ଜଗତସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ନିରଞ୍ଜନ ସାହୁ ଉକ୍ତ ପ୍ଲଟ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ମମିତା ଦାଶ, ସ୍ୱାମୀ- ରବି ନାରାୟଣ ମିଶ୍ର, ମାର୍ଫତ-ଜ୍ୟୋର୍ତିମୟୀ ମିଶ୍ର, ପ୍ରଫେସରପଡା U.P. ସ୍କୁଲ ପଛପାଖ, ପୋ-ଅରୁଣୋଦୟ ମାର୍କେଟ, ଥା-ବାଦାମବାଡି, ଜିଲ୍ଲା-କଟକ-୭୫୩୦୧୨ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/- ସଚିବ

OIPR : 13037/11/0094/2425

AA-13

**GOVERNMENT OF ODISHA**
**OFFICE OF ADDITIONAL CHIEF ENGINEER -CUM - ELECTRICAL INSPECTOR, BALASORE**
At- I. G. Marg, Near ITI Square, Balasore- 756001
email: eibalasore-od@gov.in

**Quotation/Tender Call Notice**

Letter No. 711 Date : 18.10.2024

Sealed tenders are invited from interested reputed Travel Agencies/Tour Operators or private individuals for providing one (01) TUV 300/ Ertiga/Bolero/Sumo Gold (BS6) vehicle on monthly hire basis for office of the ACE- cum-EI, Balasore, for a period of two year. The tenderer should have valid and active GST registration. The tenders will be received in sealed cover up to 06.11.2024, 3.00 PM in the office of the undersigned by Regd. Post or hand delivered with due acknowledgement within the above period. The authority will not be responsible for postal delay on what so ever account. The tenders shall be opened on 06.11.2024 at 4.00 PM in the presence of tenderers or their authorized representatives, if any. The tender document can be obtained from the Office of the undersigned, on payment of Rs.100/- (Rupees one hundred) only during office hour on working days up to 06.11.2024 by 1.00 PM or can be downloaded from our website **http://eicelectricityodisha.nic.in/.** If the tender document is downloaded from our website, a Demand Draft of Rs.100/- (Rupees one hundred) only drawn in favour of ACE-cum-EI, Bhadrak drawn on any Nationalized Bank, payable at Bhadrak, needs to be attached with the tender document, for further details visit **http://eicelectricityodisha.nic.in** or contact the office of the undersigned. The undersigned reserves the right to reject the tenders without assigning any reason thereof.

Yours faithfully
ACE-cum-EI, Balasore

OIPR : 04079/11/0001/2425

**GOVERNMENT OF ODISHA : OFFICE OF THE EXECUTIVE ENGINEER**
**RURAL WORKS (MECH.) DIVISION. BHUBANESWAR**

**AUCTION SALE NOTICE**

**AUCTION SALE NO. 02/2024-25 FOR DISPOSAL OF OLD CONDEMNED/ UNSERVICEABLE STORE MATERIAL UNDER RURAL WORKS (MECH.) DIVISION, BHUBANESWAR**

**O-441 :** Sealed tenders in conformity with detailed Auction Sale Notice are invited from the Intending Firms/Bidders for sale of Old/Condemned/Unserviceable store material as detailed below on "as is where basis is". The Tender schedule containing details of the Old/Condemned/Unserviceable store material can be obtained from the Office of the Executive Engineer, Rural Works (Mech.) Division Bhubaneswar (Bhubaneswar section), from **Dt.21/10/2024 to 08/11/2024** during the office hour **i.e. (from 11 A:M to 4 P:M)** on payment of Rs. 400/- which is not refundable. The tender documents will be dropped in the tender box kept in the office of the Executive Engineer, Rural Works (Mech.) Division, Bhubaneswar **up to 08/ 11/2024 till 3 P:M** & will be opened in the office of the Executive Engineer, Rural Works (Mech.) Division, Bhubaneswar by the under signed on the same day **i.e. on Dt.08.11.2024 at 4 P:M** in presence of the tenderer or their authorized representative if any. After purchase of the tender documents the Old/Condemned/Unserviceable store material can be inspected at the office of the Asst. Executive Engineer (Mech.) mentioned below during office hours from 11 A:M to 4 P:M before submission of the tenders. The tender must accompany EMD @ 5% of the upset price in shape of POST OFFICE TIME DEPOSIT PASS BOOK/ POSTAL SAVING PASS BOOK/TDR duly pledged in favour of the Executive Engineer, Rural Works (Mech.) Division, Bhubaneswar payable at Bhubaneswar failing which the tender will be rejected. GSTIN certificate & PAN are required to be attached to the tender failing which the tender will be liable for rejection.

The authority reserves the right to accept or reject any or all the tenders without assigning any reason thereof assigning any reason thereof.

| Sl. No. | Name of old/ condemned/unserviceable materials | Upset price fixed | Place of Sale & receipt of documents | Earnest money Deposit (In Rs.) | Cost of Bid Documents (In Rs.) | Place at which the old/ condemned/unserviceable materials are available for inspection |
|---|---|---|---|---|---|---|
| 1 | LOT-1 to LOT-10 (Comprising Tyres of different specification, MS Scrap & Gun Metal) | 37700.00 | O/o the Executive Engineer Rural Works (Mech.) Division BBSR | 5% of the upset value (Rs.2000.00) | 400.00 | Rural Works (Mechanical) Section, Bhubaneswar At-Bomikhal, Rasulgarh, Backside of ESPLANADE MALL |

Sd/- Executive Engineer
Rural Works (Mech.) Division, Bhubaneswar

OIPR : 25122/11/0002/2425

**LEVEL-I TRANSPORT CONTRATCTOR 2023-25**
**NOTICE INVITING TENDER**
**Office of District Manager**
**Odisha State Civil Supplies Corporation Ltd. (OSCSC)**
**District: Ganjam**

**Cost of Tender Document :- Rs. 11800/- Inclusive of GST.**

**CAD-1402 :** Online tenders are invited vide Tender No.- 4722, Dt. 18.10.2024 from eligible bidders for selection and appointment of Level-I Transport Contractor for transportation of wheat from Food Storage Depot (FSD), FCI to Rice Receiving Centre (RRC) for the period of 6 (six) months **(October '24 to 31st March '25)** for the biennial 2023-25.

| | | |
|---|---|---|
| 1 | Availability of tender documents | From Date 19.10.2024 Downloadable from website : **www.oscsc.in www.fooc www.tendersodisha.gov.in** |
| 2 | Date, time and venue for pre-bid conference. | 21.10.2024 at 4.00 P.M. Place- O/O the CCSO-cum-District Manager, OSCSC Ltd., Ganjam, Chatrapur |
| 3 | Last date and time for online submission of completed Tender Documents with enclosures | Through e-Procurement portal : **www.tendersodisha.gov.in** up to 24.10.2024 at 5.00 P.M. |
| 4 | Date, time and venue for opening of Technical Bid by the Tender Committee | On dt. 25.10.2024 at 11.00 A.M., Place :-Collectorate Conference Hall, Ganjam, Chatrapur |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 25.10.2024 at 11.00 A.M., Place- Collectorate Conference Hall, Ganjam, Chatrapur |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |

N.B:1. If the office happens to be closed on the date of opening of tenders, tenders will be opened on the next working day in the same time

Sd/- District Manager
OSCSC Ltd.,
Ganjam, Chatrapur

OIPR : 07033/11/0002/2425

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE BLOCK DEVELOPMENT OFFICER, ODAGAON**
**P.R & D.W DEPARTMENT**

i-243

**Tender call Notice**

E-mail- ori-odagaon@nic.in
Tender Call Notice No. etcn02/odagaon/2024-25
Letter no: 2687 Dated:- 19.10.2024

**Bid Identification No. B.D.O, Odagaon**
**Tender Call Notice No. etcn02/odagaon/2024-25**

The Block Development Officer, Odagaon on behalf of Governor of Odisha inviting percentage rate bid in single cover system in ONLINE MODE from eligible contractors for construction of Building worK as detailed in the table below:

| | | |
|---|---|---|
| 1. | Nature of Work | : Building Works. |
| 2. | No of Work | : 12 Nos |
| 3. | Tender Cost & EMD | : To be remitted online through a process as mentioned In DTCN. |
| 4. | Class of Contractor | : As mentioned in DTCN |
| 5. | Available of Bid Document in the Website | : From Dt.24.10.2024 11.00 AM to Dt.07.11.2024 Up to 5.00 pm. |
| 6. | Date of opening of Bid | Dt 08.11.2024 at 11.00 AM |
| 7. | The have to participate in ONLINE bidding only. Further details can be seen From the Website: **https://tenderodisha.gov.in.** Any Addendum / Corrigendum /Cancellation of tender can also be seen in the said website. | |

OIPR : 19307/11/0003/2425

Block Development Officer, Odagaon

**OFFICE OF SUPERINTENDING ENGINEER**
**MINOR IRRIGATION DIVISION, CUTTACK**
Letter No. 3854 / Dt. 09.10.2024

**GOVERNMENT OF ODISHA e-Procurement Notice**
**Bid Identification No. on line SECMID-10/2024-25**
eemidcuttack@yahoo.co.in

A-416

| | | |
|---|---|---|
| 1. | Name of work | : Improvement of MIPs in MI Sub-Division Athagrh. Banki & Narasinghpur. |
| 2. | Total Number of work | : 08 (Eight) no. |
| 3. | Estimated cost | : Varies from Rs. 59.57 lakhs to Rs.84.60 |
| 4. | Tender paper Cost(Online) | : Varies from Rs.10,000/- |
| 5. | Bid Security (Online) | : As per DTCN |
| 6. | Period of Completion | : As per DTCN |
| 7. | Availability of Bid Document | : From 24.10.2024, 10.00 AM to 06.11.2024 , 5.00 PM in website **(www.tendersorissa.gov.in)** |
| 8. | Last date & Time of receipt | : 06.11.2024 at 5.00 PM through online Bid |
| 9. | Date of opening of Bid documents | : 07.11.2024 - at 11.00 A.M in the office of the SE, M.I. Division, Cuttack. |
| 10. | Date of opening of Financial Bid Documents | : 14.11.2024.at 11.00 A.M in the office of the SE, M.I. Division, Cuttack. |
| 11 | Date of Lottery, if required | : 26.11.2024 at 12.00 Noon in the office of the SE, M.I. Division, Cuttack |
| 12. | Name and address of the OIT | : Superintending Engineer, M.I. Division, Cuttack. P.O :- Nayabazar, Cuttack. Phone :-0671-2443622 PINCODE :- 753004 |

Further details can be seen from the Government of Odisha Web-**Site www.tendersorissa.gov.in**

Superintending Engineer
M.I. Division, Cuttack

OIPR : 32121/11/0010/2425

**GOVERNMENT OF ODISHA : OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
**e-Procurement for Road works**
**Bid Identification No: EERWJYP - Online -03/2024-25**

O-

**Letter No. 5375 Date: 15.10.2024**

| | | |
|---|---|---|
| 01. | Name of the work | : Road works |
| 02. | Total Number of works | : 12 (Twelve) Nos. |
| 03. | Approximate Estimated cost | : Rs. 6.72 Lakhs to Rs. 42.02 lakhs (approximately) |
| 04. | Class of Contractor | : "D", "C" & "B" Class |
| 05. | Period of Completion | : within 2 Months & 3 Months |
| 06. | Other Details | : |

| Procurement Officer | Bid Identification No. | Sl. No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/03 RWD-JYP/ 2024-25 | Sl No.12 | 25.10.2024 at 11.00 A.M. | 06.11.2024 up to 5.00 P.M. | 05.11.2024 at 02.00 P.M. | 07.11.2024 at 11.00 A.M |

**Further details can be seen from the website www.tendersodisha.gov.in/nicgep/app**

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

Addl. Chief Engineer
Rural Works Division: Jeypore. / Dt. 15.10.2024

OIPR : 25160/11/0003/2425

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**

A-458

**'e' Procurement Notice No. ACECIC - 03/ 2024-25**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs) c | Class of Contractor | Bid documents online fo From | nts available r bidding To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE, CIC, Bhubaneswar | NID-01/ 2024-25 | Improvement to Dhanua Left Embankment from RD.0.00 Km to 5.800 Km under "Pipe Line" Project for the year 2023-24 | 685.85 | 685900/-( On Line) | 10000/-(On Line) | "A" "Special" Class | 23.10.2024 At 10.00 Hours | 06.11.2024 At 17.00 Hours | 07.11.2024 At.11.00 Hours | 12 (Twelve Calendar Month) |

**e-mail ID: -secic_dowr@yahoo.com**

Further details conditions can be seen from Govt. website **www.tenderorissa.gov.in**

Sd/- Additional Chief Engineer
Central Irrigation Circle

OIPR : 32160/11/0003/2425

**GOVERNMENT OF ODISHA : OFFICE OF THE SUPERINTENDING ENGINEER,**
**RURAL WORKS DIVISION-II, MALKANGIRI**
E-mail-ruralworksdivisioniimalkangiri@yahoo,in

**INVITATION FOR BIDS : NATIONAL COMPETITIVE BIDDING**
**Bid Identification No: RWDSE_MKG_II_ONLINE_03/2024-25**

**O-361 :** The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

| | | |
|---|---|---|
| 1 | Name of the Work | : Road works |
| 2 | No. of Works | : **23 Nos** |
| 3 | Estimated Cost | : **Rs. 5.13 lakhs and Rs. 33.19 Lakhs** |
| 4 | Tender Paper Cost | : Rs. 6,000/- & Rs. 4,000/- |
| 5 | Class of Contractor | : |

| Estimated cost up to Rs. 20.00 lakhs | Estimated cost up to Rs. 40.00 lakhs | Estimated cost more than Rs.20.00 lakhs & within Rs.300.00 lakhs |
|---|---|---|
| 'D' | 'C' | 'B' |

| | | |
|---|---|---|
| 6 | Period of Completion | : 02 (Two) Calendar Months. |
| 7. | **Critical dates :** | |

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division-II, Malkangiri | RWDSE_MKG-II-ONLINE_03 of 2024-25 | 24.10.2024 at 11.00 A.M. | 08.11.2024 up to 05.30 P.M. | 07.11.2024 up to 1.00 P.M. | 11.11.2024 up to 11.00 A.M. |

- Further details can be seen in the bidding documents, which is available in the e-procurement portal **https://www.tendersorissa.gov.in.**
- Subsequent corrigendum if required shall be appeared in the web site.
- Authority reserves the right to reject any or all tenders without assigning any reason thereof.

Sd/- Executive Engineer
Rural Works Division-II, Malkangiri

OIPR : 25079/11/0004/2425



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।



ସତ୍ୟବାଦୀର ମିଶନଶକ୍ତି ବ୍ଲକସ୍ତରୀୟ ଫେଡେରେସନର ମା ମାନେ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି

## ୬୫ତମ ପୁଲିସ ଶହୀଦ ସ୍ମୃତି ଦିବସ

ଖୋର୍ଦ୍ଧା, (ସବ୍ୟୁ): ଆଜି ଓଡିଶା ପୁଲିସ ବାହିନୀ ଖୋର୍ଦ୍ଧା ଜିଲ୍ଲା ତରଫରୁ ୬୫ତମ ପୁଲିସ ଶହୀଦ ସ୍ମୃତି ଦିବସ ପାଳନ କରାଯାଇଛି । ତରତୁଆସ୍ଥିତ ରିର୍ଜଭ ପୁଲିସ ପଡିଆରେ ଏହି ଶହୀଦ ସ୍ମୃତି ଦିବସରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ମୁଖ୍ୟ ଅତିଥିଭାବେ ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଯୋଗଦେଇ ଆୟୋଜିତ ପ୍ୟାରେଡ ଉତ୍ସବରେ ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ବାର୍ତା ପାଠ କରିବା ସହ ଦେଶ ପାଇଁ ଲଢି ପ୍ରାଣବଳି ଦେଇଥିବା ଶହୀଦମାନଙ୍କୁ ମନେ ପକାଇ ବହୁ ତଥ୍ୟ ଦେଇ ଏସ.ପି ବର୍ଣ୍ଣନା କରିଥିଲେ ।

# ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ପୁରୀ (ସବ୍ୟୁ): ସାମ୍ଭାବ୍ୟ ବାତ୍ୟା ର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ବାତ୍ୟା ଦ୍ୱାରା ଯେପରି ଧନ ଜୀବନ ହାନୀକୁ ରୋକାଯାଇ ପାରିବ ସେଥି ପ୍ରତି ପ୍ରତ୍ୟେକ ସତର୍କ ରହିବାକୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତ । ସୋମବାର ଅପରାହ୍ନ ରେ ଓସ୍ୱାନ ପ୍ଲାଟଫର୍ମ ରେ ଆଭାସୀ ମାଧମରେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଏହି ବାତ୍ୟା ଓଡିଶା ଉପକୂଳ ରେ ଲ୍ୟାଣ୍ଡ ଫଲ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ଆମକୁ ଅଧିକ ସତର୍କ ଓ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱ କୁ ସୁଚାରୁ ରୁପେ ପରିଚାଳନା କରି ଧନ ଜୀବନ ହାନୀକୁ ରୋକିବାରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ସମସ୍ତ ବିଡ଼ିଓ ଓ ତହସିଲଦାର ସେମାନଙ୍କ ଅଞ୍ଚଳର ଖାଲୁଆ ଓ ତଳିଆ ଅଞ୍ଚଳକୁ ଚିହ୍ନଟ କରି ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ଅଞ୍ଚଳର ଲୋକଙ୍କୁ ନିରାପଦ ସ୍ଥାନ କୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି କଚ୍ଚା ଘର,ଚାଳ ଓ ମାଟି ଘରର ଲୋକ ମାନଙ୍କୁ ମଧ ନିରାପଦ ସ୍ଥାନ କୁ ନେବାକୁ ସେ ପରାମର୍ଶ ଦେଇଥିଲେ । ଅପରପକ୍ଷରେ ଜିଲ୍ଲା




ପ୍ରଶାସନ ସମସ୍ତ କାର୍ଯ୍ୟ କୁ ଅତି ଗୁରୁତ୍ୱ ର ସହ ପରିଚାଳନା କରୁଛନ୍ତି । ଜନ ସାଧାରଣ ସତର୍କ ଓ ସଚେତନ ରହିବା ସହ ଅଯଥା ଭୟଭୀତ ନ ହେବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ବାତ୍ୟା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀ ଙ୍କ ଛୁଟି ବାତିଲ କରାଯାଇଛି । ପଲିଥିନ, ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ,ଔଷଧ, ଗୋ ଖାଦ୍ୟ ଇତ୍ୟାଦି ମହଯୁଦ ରଖିବାକୁ ବିଭାଗୀୟ ଅଧିକାରୀ ମାନ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ରେ ଗଛ ଭାଙ୍ଗି ରାସ୍ତା ଅବରୋଧ କଲେ ତୁରନ୍ତ ତାହାକୁ ଅପସାରଣ କରିବା,ବନ୍ୟା ହେଲେ ଲୋକ ଙ୍କୁ ସହାୟତା କରିବା ପାଇଁ ଅଗ୍ନିଶମ,ଓଡ୍ରାଫ ଓ ଏନଡିଆରଏଫ ଟିମ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ କର୍ମଚାରୀ ପରସ୍ପର ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି । ସମସ୍ତ ୧୧ଗୋଟି ବ୍ଲକ ମଧ୍ୟରୁ ଉପକୂଳ ବର୍ତ୍ତୀ ଅସ୍ତରଙ୍ଗ, କାକଟପୁର, ଗୋପ,ପୁରୀ ସଦର, ବ୍ରହ୍ମଗିରି ଓ କୃଷ୍ଣ ପ୍ରସାଦ ବ୍ଲକକୁ ଅତ୍ୟଧିକ ବାତ୍ୟା ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି । ଜିଲ୍ଲାରେ ୧୭୯ ଟି ବାତ୍ୟା ଆଶ୍ରୟ ସ୍ଥଳ ରହିଛି । ନିକଟରେ ପ୍ରସବ ଥିବା ୮୫୬ ଗର୍ଭବତୀ ମା ମାନଙ୍କୁ ଚିହ୍ନଟ କରାଯାଇଛି ଓ ସେମାନ ଙ୍କୁ ଚିକିତ୍ସାଳୟ କୁ ଅଣାଯିବ । ବୈଠକରେ ଏସ ପି ବିନୀତ ଅଗ୍ରୱାଲ,ଡିଏଫଓ ବିବେକ କୁମାର,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ଗୋପୀନାଥ କୁଅଁର, ପୌର ନିର୍ବାହୀ ଅଭିମନ୍ୟୁ ବେହେରା,ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଜରୁରୀ ବିଭାଗ ଅଧିକାରୀ ମନୀଷା ଷଡ଼ଙ୍ଗୀ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗରେ ମୁଖ୍ୟମନ୍ତ୍ରୀ ଏବେ ବି ନବୀନ

# ନୂଆ ସାଂସ୍କୃତିକ ଦଳଙ୍କୁ ସୁଯୋଗ ନାହିଁ, ୨୦୨୨ରୁ ନୂତନ ପଞ୍ଜୀକରଣ ବନ୍ଦ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରୁଥିବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବେ ବିବାଦକୁ ଆସିଛି । ଏହି ବିଭାଗରେ ମୁଖ୍ୟମନ୍ତ୍ରୀ ଏବେ ବି ନବୀନ ପଟ୍ଟନାୟକ ଅଛନ୍ତି । ସାଂସ୍କୃତିକ ଦଳ ଓ ଅନୁଷ୍ଠାନ ପଞ୍ଜୀକରଣ ପାଇଁ ୱେବ୍‌ସାଇଟରେ ୟୁଜର ମାନୁଆଲ୍ ଜାରି କରାଯାଇଛି । ମୁଖ୍ୟ ୱେବ୍‌ସାଇଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରହିଥିବା ବେଳେ ୟୁଜର ମାନୁଆଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୋଲି ଲେଖା ହୋଇଛି । କେବଳ ଏତିକି ନୁହେଁ, ବରଂ ନୂଆ ସାଂସ୍କୃତିକ ଦଳ ପଞ୍ଜିକୃତ ହେବା ପାଇଁ କେବଳ ଅନଲାଇନରେ ବ୍ୟବସ୍ଥା କରାଯାଇଛି । କିନ୍ତୁ ଏହି ବ୍ୟବସ୍ଥାକୁ ୨୦୨୨ ମସିହାରୁ ବନ୍ଦ କରି ରଖାଯାଇଛି । ନୂଆ ସାଂସ୍କୃତିକ ଦଳ ପଞ୍ଜିକୃତ ହେବାକୁ ଚାହିଁଲେ, ସେହି ଲିଙ୍କରେ 'କମିଂ ସୁନ୍' ଲେଖା ହୋଇଛି । ପ୍ରାୟ ଦୁଇ ବର୍ଷ ହେବ ଏଭଳି ସ୍ଥିତି ରହିଥିଲେ ମଧ ବିଭାଗର ବଡ଼ ବଡ଼


User Manual for Odisha Language Literature & Culture Department

3. Login to the Application: (Landing Page)

- Enter the URL http: "ctms-ollc.in" in the URL bar
- Click enter from keyboard; the home page of the application will occur



ବାବୁମାନେ କର୍ଣ୍ଣପାତ କରୁନାହାନ୍ତି । ଶହ ଶହ ସାଂସ୍କୃତିକ ଦଳ ଏହି ସରକାରୀ ବ୍ୟବସ୍ଥା ଜରିଆରେ କାର୍ଯ୍ୟକ୍ରମ ଉପସ୍ଥାପନ କରିବାକୁ ସୁଯୋଗ ପାଇବାକୁ ଅପେକ୍ଷା କରି ରହିଛନ୍ତି । କିନ୍ତୁ ବହୁ ପୂର୍ବରୁ ଯେଉଁ ସଂଗଠନ ପଞ୍ଜିକୃତ ହୋଇଛନ୍ତି, ସେମାନଙ୍କୁ ବିଭାଗ ସୁଯୋଗ ଦେଇ ଚାଲିଛି ।

ଯେଉଁ ଅନୁଷ୍ଠାନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ଚାହିଁବେ ସରକାର ତାଙ୍କୁ ମାଗଣାରେ ସାଂସ୍କୃତିକ ଦଳ ଯୋଗାଇ ଦେବେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କଲଚରାଲ ଟ୍ରୁପ୍ ମ୍ୟାନେଜମେଣ୍ଟ ସିଷ୍ଟମ୍(ସିଟିଏମ୍‌ଏସ୍) ଜରିଆରେ ଏଭଳି ବ୍ୟବସ୍ଥା ହୋଇଛି । ଆୟୋଜକ ଅନୁଷ୍ଠାନ ପଞ୍ଜୀକରଣ ଦେୟ ବାବଦକୁ ୧୦୦୦ ଟଙ୍କା ଜମା କରିବା ପରେ ସରକାର ମାଗଣାରେ ସାଂସ୍କୃତିକ ଦଳ ଯୋଗାଇ ଦେବେ । ଯେଉଁ ଦଳ ସିଟିଏମ୍‌ଏସ୍ ଅଧୀନରେ ପଞ୍ଜିକୃତ ହୋଇ ନଥିବେ ସେମାନଙ୍କୁ ସୁଯୋଗ ମିଳିବ ନାହିଁ । କିନ୍ତୁ ୨୦୨୨ ମସିହାରୁ ଆଉ ନୂଆ ସାଂସ୍କୃତିକ ଦଳଙ୍କୁ ପଞ୍ଜିକୃତ କରାଯାଉ ନାହିଁ । କାହିଁକି ଏଭଳି ବନ୍ଦ କରି ରଖାଯାଇଛି ସେ ନେଇ ବିଭାଗୀୟ ଅଧିକାରୀ ମୁହଁ ଖୋଲୁ ନାହାନ୍ତି । ସିଟିଏମ୍‌ଏସରେ ପଞ୍ଜିକୃତ ୨୩୭୯ ସାଂସ୍କୃତିକ ଦଳ ମଧ୍ୟରୁ ୧୨୭୪ ଦଳ କାର୍ଯ୍ୟକ୍ଷମ ଅଛନ୍ତି । ୧୯୭୦ ମସିହାରେ ମାତ୍ର ୧୪ଟି ଦଳ ପଞ୍ଜିକୃତ ହୋଇଥିଲେ । ୨୦୨୨ରେ ସର୍ବାଧିକ ୨୩୧୩ ଦଳ ପଞ୍ଜିକୃତ ହୋଇଛନ୍ତି । ବର୍ଷ ଶେଷ ଆଡ଼କୁ ଗ୍ରୁପ୍ ପଞ୍ଜୀକରଣ ବନ୍ଦ କରି ଦେଇଛନ୍ତି । ଯେଉଁମାନେ ବନ୍ଦ ହେବା ପୂର୍ବରୁ ଆବେଦନ କରିଥିଲେ ସେମାନଙ୍କ ମଧ୍ୟରୁ ବାଛି ବାଛି ମଝିରେ ମଝିରେ ପଞ୍ଜିକୃତ କରୁଛନ୍ତି । ଏଭଳି ୨୦୨୩ରେ ୪୪ଟି ଓ ୨୦୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ ୭ଟି ଦଳ ପଞ୍ଜିକୃତ ହୋଇଛନ୍ତି । ମହାବୀର ଭଜନ ସଂଗଠନର ଅଭିଯୋଗ ମୁତାବକ, ଓଡ଼ିଶାର କଳା ସଂସ୍କୃତି ବଞ୍ଚାଇ ରଖିବା ଛୋଟ ଛୋଟ କଳାକାରଙ୍କ ପାଇଁ ସମ୍ଭବ ନୁହେଁ । ସରକାରଙ୍କ ପ୍ରୋତ୍ସାହନ ନିତ୍ୟାନ୍ତ ଆବଶ୍ୟକ । କିନ୍ତୁ ନୂଆ ଦଳ ପଞ୍ଜୀକରଣ ବନ୍ଦ ଥିବାରୁ ନୂଆ ଦଳ ସୁଯୋଗ ପାଉ ନାହାନ୍ତିଛ ପୁରୁଣା ଆବେଦନକୁ ରଖି ଗୋଟିଏ ଗୋଟିଏ ପଞ୍ଜୀକରଣ କରିବା ପଛରେ ଉଦ୍ଦେଶ୍ୟ କଣ ବୋଲି ସଂଗଠନ ପ୍ରଶ୍ନ କରିଛି ।

### ଆଇଡେଷ୍ଟିନି ଓଡ଼ିଶାରେ ଟେକ୍ ଆଗ୍ରହୀଙ୍କ ପାଇଁ ୨ ନୂଆ ଆପଲ ଡେଷ୍ଟିନେସନ ଖୋଲିଲା

ଭୁବନେଶ୍ୱର (ସବ୍ୟୁ): ଆଇଡେଷ୍ଟିନି ଓଡ଼ିଶାରେ କେବଳ ଗୋଟିଏ ନୁହେଁ, ଦୁଇଟି ଆପଲ୍ ଅଥରାଇଜଡ ରିସେଲର ଷ୍ଟୋରର ଭବ୍ୟ ଉଦ୍ଘାଟନ ସମ୍ପର୍କରେ ଉଲ୍ଲାସର ସହିତ ଘୋଷଣା କରୁଛି। କାଭାକା କମ୍ପ୍ଲେକ୍ସ, ଅଇଁଠାପାଲ୍ଲି ମେନ ରୋଡ, ସମ୍ବଲପୁର ଏବଂ ଧର୍ମ ନଗର, ବ୍ରହ୍ମପୁରଠାରେ ଏହି ନୂଆ ସ୍ଥଳ ଓଡ଼ିଶାର ଟେକ୍ ପ୍ରେମୀଙ୍କୁ ଆପଲ୍‌ର ସର୍ବୋନ୍ନମ ଯୋଗାଇଦେବା ନିମନ୍ତେ ଆମ ଲକ୍ଷ୍ୟରେ ଏକ ଉଲ୍ଲେଖନୀୟ ସମ୍ପ୍ରସାରଣ ହୋଇଛି। ପୂର୍ବ ଭାରତର ଏକମାତ୍ର ଆପଲ ପ୍ରିମିୟମ ସହଭାଗୀ ଭାବରେ ଆଇଡେଷ୍ଟିନି ଏବେ ସମସ୍ତ ଆପଲ୍ ସାମଗ୍ରୀ ନିମନ୍ତେ ଲକ୍ଷ୍ୟସ୍ଥଳ ଯିବାକୁ ଅଧିକ ନିକଟତର ହୋଇଯାଇଛି।

# ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତିଙ୍କ ଜନ୍ମଦିବସ ପାଳିତ



କଟକ (ସବ୍ୟୁ): ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଜଷ୍ଟିସ ବୀର କିଶୋର ରାୟଙ୍କ ଜନ୍ମ ଦିବସ ଜଷ୍ଟିସ ବୀର କିଶୋର ରାୟ ସୃତିସଂସଦର ତରଫରୁ ପାଳିତ ହୋଇଯାଇଛି । ଓଡ଼ିଶା ହାଇକୋର୍ଟ ପରିସରେ ଥିବା ଜଷ୍ଟିସ ରାୟଙ୍କ ପ୍ରତିମୂର୍ତ୍ତିରେ ସୃତିସଂସଦ ତରଫରୁ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ସୃତିସଂସଦର ଉପସଭାପତି ସନାତନ ଦାସ, ସମ୍ପାଦକ ବିଜୟ କୁମାର ରଗଡ, ସହ ସମ୍ପାଦକ ଗଙ୍ଗାଧର ସାମଲ, ସଭ୍ୟ ଆଇନଜୀବୀ ବିଭୁପ୍ରସନ୍ନ ମହାପାତ୍ର, ସରୋଜ ଆଚାର୍ଯ୍ୟ, ଜୀବନ ପଟ୍ଟନାୟକ ଓ ସରୋଜ ସ୍ୱାଇଁ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ ଛପ୍ରକାଶ ଥାଉକି ଜଷ୍ଟିସ ବୀର କିଶୋର ରାୟ ୧୯୪୮ ମସିହା ଜୁଲାଇ ୨୬ତାରିଖ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ଦିବସରେ ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତିଭାବେ ଶପଥ ଗ୍ରହଣ କରିଥିଲେ । ଜଷ୍ଟିସ ରାୟ ୧୯୩୭ ମସିହାରେ ଓଡ଼ିଶାର ପ୍ରଥମ ଆଡଭୋକେଟ ଜେନେରାଲ ଭାବେ ଦାୟିତ୍ୱଗ୍ରହଣ କରିଥିଲେ । ଜଷ୍ଟିସ ବୀର କିଶୋର ରାୟ ପ୍ରଥମ ଓଡ଼ିଆ ବିଚାରପତି ଭାବେ ୧୯୪୫ ମସିହାରେ ପାଟନା ହାଇକୋର୍ଟର ବିଚାରପତି ଆସନ ଅଳଙ୍କୃତ କରିଥିଲେ ।

### କ୍ରିଷ୍ଣା ବିକାଶ ଗ୍ରୁପର ପ୍ରଚେଷ୍ଟାରେ ଏଆଇପିଏଚ ବିଶ୍ୱବିଦ୍ୟାଳୟ ପକ୍ଷରୁ

# ରାଜ୍ୟ ହିମାଳୟ ଯୋଗ ଅଲମ୍ପିଆଡ ୨୦୨୪ ଉଦଘାଟିତ

ଭୁବନେଶ୍ୱର , (ସବ୍ୟୁ): କ୍ରିଷ୍ଣା ବିକାଶ ଗ୍ରୁପର ପ୍ରଚେଷ୍ଟାରେ ଏଆଇପିଏଚ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜ୍ୟ ହିମାଳୟ ଯୋଗ ଅଲମ୍ପିଆଡ ୨୦୨୪ ଉଦଘାଟିତ ହୋଇଯାଇଛିଛଭୁବନେଶ୍ୱର ରେ ଥିବା ବିଶ୍ୱବିଦ୍ୟାଳୟର ମୁଖ୍ୟ ବ୍ରାଞ୍ଚ




ରେ ଏହି ପ୍ରତିଯୋଗିତା କୁ ଅୟୋଜନ କରାଯାଇଥିଲା । ଏହି ଅବସରରେ ଆଜିର କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡ଼ ସମରେନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିବା ବେଳେ ଯୋଗବିଭାଗର ଡିନ୍ ପ୍ରଫେସର ଡ଼ ଦିନେଶ ପ୍ରସାଦ ସ୍ୱାଇଁ,ଯୋଗ ଶିକ୍ଷକ ସୁନିଲ କୁମାର ମହାକୁଡ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

ଏଆଇପିଏଚ ବିଶ୍ୱବିଦ୍ୟାଳୟରେ ପ୍ରଥମ ବର୍ଷ ଯୋଗ ଶିକ୍ଷା କୋର୍ସ ଚାଲୁଥିବାରୁ ଏଭଳି ଏକ ଯୋଗ ସମ୍ବଧିତ ପ୍ରତିଯୋଗିତା କୁ ଆୟୋଜନ କରାଯାଇଛି । ଛାତ୍ରଛାତ୍ରୀ ମାନଙ୍କ ଭିତରେ ଯୋଗ ପ୍ରତି ଆଗ୍ରହ ସୃଷ୍ଟି କରାଇବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତିଛ ଭାରତୀୟ ସଂସ୍କୃତିର ପ୍ରଚାର ଓ ପ୍ରସାର ତଥା ରୋଜଗାର କ୍ଷମ କରିବା ଏହି ଯୋଗ କାର୍ଯ୍ୟ କର୍ମରେ ଆଲୋକପାତ କରାଯାଇଥିଲାଛ ଯୋଗ ଶିକ୍ଷା କେବଳ ଆସନ ପ୍ରାଣାୟମ ମଧରେ ସୀମିତ ନୁହେଁ । ଏଥିରେ ଉଚ୍ଚ ଶିକ୍ଷା ଲାଭକରି ଜଣେ ନିଜକୁ ସୁସ୍ଥ ରଖିବା ସହିତ ପରିବାର ଓ ସମାଜର କଲ୍ୟାଣ କରିପାରିବ । ତଦ୍ ବ୍ୟତୀତ, ଏଥିରେ ଉଚ୍ଚଶିକ୍ଷା ଲାଭକଲେ ରାଜ୍ୟରେ ,ରାଜ୍ୟ ବାହାରେ ଏବଂ ବିଦେଶରେ ମଧ ଅନେକ କଲେଜ ଓ ବିଶ୍ୱବିଦ୍ୟାଳୟ ରେ ଉଚ୍ଚପଦବିରେ ଅଧିଷ୍ଠିତ ହେବାର ସୁଯୋଗ ରହିଛି ବୋଲି ପ୍ରକାଶ କରିଥିଲେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ କଲେଜ ଓ ବିଶ୍ୱବିଦ୍ୟାଳୟର ୧୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ ଛ ଯୋଗ ପ୍ରତିଯୋଗିତାରେ ଯୋଗ ସମ୍ବଧିତ ୮ ଟି ଆସନରେ ପ୍ରତିଯୋଗୀ ମାନଙ୍କ ମଧରେ ପ୍ରତିଯୋଗିତା କରାଯାଇଥିଲା । ମୁଖ୍ୟ ଆସନ ଭିତରୁ ଗରୁଡ଼ା ଆସନ, କୋଣା ଆସନ, ହସ୍ତପାଦ ଆସନ, ସଲଭା ଆସାନ ଓ ଚକ୍ରାସନ ରେ ନିଜର ପାରଦର୍ଶିତା ଦେଖାଇଥିଲେ ଭାଗ ନେଇଥିବା ଛାତ୍ରଛାତ୍ରୀ । ଯୋଗ ଶିକ୍ଷକ ସୁଶିଲ କୁମାର ମହାକୁଡ଼ ପରିଚାଳନା କରିଥିଲେ। ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିବା ୧୦୦ ପିଲାଙ୍କ ମଧ୍ୟରୁ ୮ ଟି ଗ୍ରୁପ ର ୨୪ ଜଣ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଚୟନ କରାଯାଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଯେଉଁମାନେ କି ବାଙ୍ଗାଲୋର ରେ ହେବାକୁ ଥିବା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ।

### ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ରାୟଗଡା ପକ୍ଷରୁ

## ହିନ୍ଦୀ ଉତ୍ସବ -୨୦୨୪ର ସମାପନ ସମାରୋହ

ଭୁବନେଶ୍ୱର (ସବ୍ୟୁ): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାୟଗଡା କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଉତ୍ସବ-୨୦୨୪ ର




ସମାପନ ସମାରୋହ ଆୟୋଜିତ ହୋଇଯାଇଛି। କ୍ଷେତ୍ରୀୟ ମୁଖ୍ୟ କୁନ୍ଦନ କୁମାର ସିହ୍ନା ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଉପ କ୍ଷେତ୍ରୀୟ ମୁଖ୍ୟ ସ୍ୱାଗତ ସମ୍ବୋଧନ କରିଥିଲେ। ଶାଖା ତଥା କାର୍ଯ୍ୟାଳୟର କର୍ମଚାରୀଗଣ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟୋମ ଏବଂ କ୍ୟୁଆର୍ କୋଡ୍ ସହ ଯୋଡି ହୋଇଥିବା ନୂତନ ବିଶେଷତ୍ୱ ସମ୍ପର୍କୀତ ସାହିତ୍ୟ ପ୍ରକାଶ ପାଇଥିଲା। ଆଭ୍ୟନ୍ତରୀଣ ଶାଖା, ରାଜଭାଷା ସିଲ୍ଡର ବିଜେତା ଶାଖା ତଥା ହିନ୍ଦୀ ପଖୱାଡା ୨୦୨୪ ଅନ୍ତର୍ଗତ ଆୟୋଜିତ ପ୍ରତିଯୋଗିତାର ବିଜେତାମାନଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା।

# ବ୍ରହ୍ମଗିରି ପ୍ରଶାସନ ଓ ପୋଲିସର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠାଇଲା ବିଜେଡି

ଭୁବନେଶ୍ୱର (ସବ୍ୟୁ): ବ୍ରହ୍ମଗିରି ବ୍ଲକ, ବଡ଼ବେଣାକୁଦି ଗ୍ରାମ ପଞ୍ଚାୟତର ବଡ଼ଦିଆଣ୍ଡି ଗ୍ରାମର ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ୨୦୨୩ ମସିହା ଡିସେମ୍ବର ୧୬ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ୨ କୋଟି ଟଙ୍କା ଅନୁମୋଦନ କରିଥିଲେ । ତତ୍କାଳୀନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଭଳି କଠିନ ପରିସ୍ଥିତିକୁ ମୁକାବିଲା ଓ ସୁରକ୍ଷା ଦେବା ପାଇଁ ବିଭିନ୍ନ ଯୁଗାନ୍ତକାରୀ ଯୋଜନା ଦ୍ୱାରା ଆମ ଓଡିଶା ସମଗ୍ର ଦେଶରେ ପ୍ରଥମ ହୋଇପାରିଛି ।

ଏହି ଯୋଜନାକୁ ଅଧିକ ସଶକ୍ତ ଏବଂ ଲୋକମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ ତତ୍କାଳୀନ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ରହ୍ମଗିରି ବ୍ଲକ ବଡ଼ବେଣାକୁଦୀ ପଞ୍ଚାୟତ ବଡ଼ଦିଆଣ୍ଡି ଗ୍ରାମକୁ ନୂତନ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଅନୁମୋଦନ କରିଥିଲେ । ସେହିପରି ଡ଼ିସେମ୍ବର ୧୬ ତାରିଖ ଦିନ ବ୍ରହ୍ମଗିରି ବ୍ଲକ ବଡ଼ବେଣାକୁଦୀ ପଞ୍ଚାୟତ ବଡ଼ଦିଆଣ୍ଡି ଗ୍ରାମର ଗ୍ରାମବାସୀ ମାନେ ତତ୍କାଳୀନ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ପୂର୍ବତନ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମାଙ୍କୁ ଧନ୍ୟବାଦ ସହିତ କୃତଜ୍ଞତା ଜଣାଇଛନ୍ତି । ଠିକ୍ ଆଜି ରାଜ୍ୟରେ ଭାରତୀୟ ଜନତା ପାର୍ଟିର ସରକାର ଆସିଛିଛ ରାଜ୍ୟରେ ଆଇନଶୃଙ୍ଖଳା ବିଗିଡ଼ି ଯାଇଛି । ସେହିପରି ବର୍ତ୍ତମାନର ବିଧାୟିକାଙ୍କ ଇଙ୍ଗିତରେ ବ୍ରହ୍ମଗିରି ବ୍ଲକ, ବଡ଼ବେଣାକୁଦି ଗ୍ରାମ ପଞ୍ଚାୟତର ବଡ଼ଦିଆଣ୍ଡି ଗ୍ରାମରେ ଆଜି ବାତ୍ୟା ଆଶ୍ରୟସ୍ଥଳୀ ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ପୁଲିସର ଗୁଣ୍ଡାରାଜ ଓ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବଢ଼ିଛି ।

ବିଗତ ସରକାର ସମୟରେ ବଡ଼ଦିଆଣ୍ଡି ଗ୍ରାମର ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ୨ କୋଟି ଟଙ୍କା ମଞ୍ଜୁର କରିଥିଲେ । କିନ୍ତୁ ବଡ଼ ଦୁଃଖର ବିଷୟ ଆଜି ସେହି ବାତ୍ୟା ଆଶ୍ରୟସ୍ଥଳୀର ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ହୋଇଥିବା ଫଳକରେ ପୁରୀ ଜିଲ୍ଲା ପରିଷଦ ଅଧକ୍ଷା (ଯିଏକି ବର୍ତ୍ତମାନ ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକର ୨୯ ନଂ ଜୋନର ଜିଲ୍ଲା ପରିଷଦ) ଏବଂ ସ୍ଥାନୀୟ ବ୍ରହ୍ମଗିରି ପଞ୍ଚାୟତ ସମିତି ଅଧକ୍ଷାଙ୍କ ନାମ ନଥିବାରୁ ଏବଂ ଗ୍ରାମବାସୀଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ଜାଗାରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇନଥିବାରୁ ଏହାକୁ ଗ୍ରାମବାସୀମାନେ ପ୍ରତିବାଦ କରିବାରୁ ସ୍ଥାନୀୟ ବ୍ରହ୍ମଗିରି ପୋଲିସର ଗୁଣ୍ଡାରାଜ ଓ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ସେହି ଗ୍ରାମର ଗ୍ରାମବାସୀମାନଙ୍କୁ ଆଘାତ ଦେବା ସହିତ ବ୍ରହ୍ମଗିରି ଜନସାଧାରଣଙ୍କର ପୋଲିସ ପ୍ରତି ଭରସା ତୁଟି ଯାଇଛି । ଏହାକୁ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ଦୃଢ଼ ଭାବରେ ନିନ୍ଦା କରିବା ସହିତ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ସରକାର ଦୃଢ଼ ପଦକ୍ଷେପ ନେବେ ବୋଲି ଦାବି କରୁଛି ।

# ଜିନ୍ଦଲ ଫାଉଣ୍ଡେସନ ଅଧକ୍ଷା ଶାଲୁ ଜିନ୍ଦଲଙ୍କ ଜନ୍ମ ଦିବସରେ ସେବା ଦିବସ

ଭୁବନେଶ୍ୱର (ସବ୍ୟୁ): ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଏହାର ଅଧକ୍ଷା ତଥା ବିଶିଷ୍ଟ ସମାଜସେବୀ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କୁଚିପୁଡ଼ି ନୃତ୍ୟାଙ୍ଗନା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ଜନ୍ମ ଦିବସକୁ ଅକ୍ଟୋବର ୨୦ ଦିନ ସେବା ଦିବସ ଭାବେ ଦେଶବ୍ୟାପୀ ପାଳନ କରାଯାଇଛି । ସାମୁଦାୟିକ ବିକାଶ ପାଇଁ ଶ୍ରୀମତୀ ଜିନ୍ଦଲଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଆଧାର କରି ସେବା ଦିବସ ପାଳନ ଅବସରରେ ଜିନ୍ଦଲ ଫାଉଣ୍ଡେସନର ଦେଶବ୍ୟାପୀ ଥିବା ସମସ୍ତ ପ୍ରତିଷ୍ଠାନ ମାନଙ୍କ ଦ୍ୱାରା ବହୁ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଉପଲକ୍ଷେ ଶ୍ରୀମତୀ ଜିନ୍ଦଲ କହିଛନ୍ତି, ଆପଣମାନଙ୍କ ଶୁଭେଚ୍ଛା ଓ ମୋ ଜନ୍ମଦିନରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ମୁଁ ବାସ୍ତବରେ କୃତଜ୍ଞ । ଆପଣମାନଙ୍କ ସହଯୋଗ ସମାଜର କଲ୍ୟାଣ ପାଇଁ ଅଧିକ ଉଦ୍ୟମ କରିବାକୁ ମତେ ବହୁତ ଶକ୍ତି ଯୋଗାଉଛି । ଆମେମାନେ ଏକାଠି ସମାଜରେ ଏକ ସକରାତ୍ମକ ପରିବର୍ତ୍ତନ ଆଣିବା ସହ ସାମାଜିକ ଦୁର୍ବଳ ଲୋକମାନଙ୍କ ମୁହଁରେ ହସ ଫୁଟାଇପାରିବା' ।



ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ହରିୟାଣା ଓ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ସ୍ୱାସ୍ଥ୍ୟ ଶିବିର, ପଶୁ ଚିକିତ୍ସା ଶିବିର ଆୟୋଜନ ସମେତ ବୟସ୍କ, ଡାକ୍ତରଖାନାରେ ଥିବା ରୋଗୀ, ଶିଶୁଗୃହ ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲାଛ ସାମାଜିକ ସ୍ୱେଚ୍ଛାସେବୀ, ଓପି ଜିନ୍ଦଲ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପରିବେଶପ୍ରେମୀଙ୍କ ପକ୍ଷରୁ ହଜାର ହଜାର ସଂଖ୍ୟାରେ ବୃକ୍ଷରୋପଣ କରାଯାଇଥିଲା । ଏହା ସହିତ ଫାଉଣ୍ଡେସନ ପକ୍ଷରୁ ଗରିବଲୋକଙ୍କୁ ମଶାରି, କମ୍ବଳ ଓ ଶାଢ଼ୀ ମଧ ପ୍ରଦାନ କରାଯାଇଥିଲା । ଟେନ୍ସା ଓ କାଶିଆର ପାରିପାର୍ଶ୍ୱିକ ଅଞ୍ଚଳର ଲୋକଙ୍କ ସେବା ପାଇଁ ଏକ ଆମ୍ବୁଲାନ୍ସର ଲୋକାର୍ପଣ କରାଯାଇଛି । ଏହା ସହିତ ଆଦିବାସୀ ଯୁବକମାନଙ୍କ ମଧ୍ୟରେ ଫୁଟବଲ ମ୍ୟାଚର ଆୟୋଜନ କରାଯାଇଥିଲା । ଶ୍ରୀମତୀ ଜିନ୍ଦଲଙ୍କୁ ସୃଜନୀ ମାଧମରେ ସମ୍ମାନ ଜଣାଇବା ପାଇଁ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଅନ୍ତେବାସୀଙ୍କ ମଧ୍ୟରେ ଏକ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପଥପ୍ରାନ୍ତ ନାଟକ ମାଧମରେ ଦକ୍ଷତା ବିକାଶର ବାର୍ତ୍ତା ପ୍ରଦାନ କରାଯାଇଥିଲା ।

## ଘରେ ପଶି ଯୁବତୀଙ୍କୁ ଦୁର୍ବ୍ୟବହାର

ଜଟଣୀ,(ସବ୍ୟୁ): ଜଟଣୀ ଥାନା ପୁଲିସ ଅଭିଯୋଗକାରିଣୀଙ୍କ ଅଭିଯୋଗ ଭିତ୍ତିରେ ମାମଲାର ତଦନ୍ତ କରିବା ସହିତ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଅଭିଯୋଗକାରିଣୀ ଜଣକ ନିଜ ପିତାମାତାଙ୍କ ସହ ଜଟଣୀ ଥାନା ଅନ୍ତର୍ଗତ ଗଜପତି ନଗରରେ ଭଡା ଘରେ ରୁହନ୍ତି । କିଛିଦିନ ପୂର୍ବେ ସେ ନିମ୍ନୋକ୍ତ ଅଭିଯୁକ୍ତଙ୍କ ନିକଟରୁ କିଛି ଟଙ୍କା ଧାର ସୂତ୍ରରେ ନେଇଥିବା ବେଳେ ତାହାକୁ ସେ ଫେରସ୍ତ ମଧ କରିଥିଲେ । ଗତ ତା.୧୬.୧୦.୨୦୨୪ ରିଖ ରାତିରେ ଅଭିଯୋଗକାରିଣୀ ଜଣକ ନିଜ ପିତାମାତା ସହ ଘରେ ଥିବା ବେଳେ, ଅଭିଯୁକ୍ତ ଜଣକ ତାଙ୍କ ଘରେ ଜୋରଜବରଦସ୍ତ ପ୍ରବେଶ କରି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କୁ ଘରୁ ଘୋଷଡି ନେଇଥିଲେ ଏବଂ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଯଦି ସେ ଥାନାରେ ଅଭିଯୋଗ କରନ୍ତି ତେବେ ତାଙ୍କ ସହିତ ସେ ପୁନର୍ବାର ଏହିଭଳି ବ୍ୟବହାର ପ୍ରଦର୍ଶନ କରିବା ନେଇ ସେ ଅଭିଯୋଗକାରିଣୀଙ୍କୁ ଧମକ ମଧ ଦେଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ଜଣକ ନିଜ ଅପରାଧ ସ୍ୱୀକାର କରିଥିଲେ । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି ।

### ୩୯ ପୂଜା ମଣ୍ଡପ ବୁଲି ମାଙ୍କ ଆଶୀର୍ବାଦ ନେଲେ ରାଜେନ୍ଦ୍ର ଓ ମନ୍ମଥ

# ଜିଲ୍ଲାର ବିକାଶ ନିମନ୍ତେ ମା ଙ୍କ ପାଖରେ କଲେ ପ୍ରାର୍ଥନା

ଖୋର୍ଦ୍ଧା, (ସବ୍ୟୁ) : ଚାଲିଛି ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା। ମା ଧନଧାତ୍ରୀଙ୍କ ଆରାଧନା ଚଳିତବର୍ଷ ମହା ଆଡମ୍ବରରେ ଖୋର୍ଦ୍ଧା ରେ ପାଳିତ ହେଉଛି। ରଙ୍ଗୀନ ଆଲୋକମାଳା ରେ ସଜେଇ ହୋଇଛି ୩୯ମଣ୍ଡପ ଓ ରାସ୍ତା ଘାଟ। ଭାଷାଣି ଉତ୍ସବ କୁ ଆଉ ମାତ୍ର ଦୁଇଦିନ ଥିବାବେଳେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେଡି ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ସମସ୍ତ ପୂଜା ମଣ୍ଡପ ବୁଲି ମାଙ୍କ ଆଶ୍ରିବାଦ ନେବା ସହ ଅଂଚଳ ବାସୀଙ୍କୁ ଶୁଭ କାମନା କରିଛନ୍ତି। ଗୁରୁଜଙ୍ଗରୁ ପ୍ରାୟ ଶତାଧିକ ବାଇକ ଶୋଭାଯାତ୍ରା ରେ ଆସି ୩୯ ମଣ୍ଡପ ବୁଲିଥିଲେ ରାଜେନ୍ଦ୍ର ଓ ମନ୍ମଥ । ଗୁରୁଜଙ୍ଗରୁ ବାହାରିଥିବା ଶୋଭାଯାତ୍ରା ମକୁନ୍ଦପ୍ରସାଦ ତଳସାହି, ଉପର ସାହି, ବାଶେଳି ସାହି, ସାମନ୍ତରପୁର, ଭାଳିଆବାଡ଼ି ଏବଂ ବଜାର ଭିତରେ ଥିବା ସମସ୍ତ ପୂଜା ମଣ୍ଡପ ବୁଲିବା ପରେ ଶୋଭାଯାତ୍ରା ଶ୍ରୀରାମ ନଗର ଠାରେ ଶେଷ ହୋଇଥିଲା । ଏହିସମୟରେ ପୂଜାକମିଟି ର ସଭ୍ୟ ମାନେ ଉଭୟଙ୍କୁ ପୁଷ୍ପ ଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶାନ୍ତି ଶୃଙ୍ଖଳା ସହ ଭାଷାଣି ଯାତ୍ରା ସମାପନ କରିବାଲାଗି ରାଜେନ୍ଦ୍ର ଓ



ମନ୍ମଥ ପୂଜା କମିଟି ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧରେ କେନ୍ଦ୍ରସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ, ପୌରଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ବିଭିନ୍ନ ୱାର୍ଡ ର କାଉନ୍ସିଲର, ବିଜେଡି ଜିଲ୍ଲା ମିଡିଆ ସେଲ ଆବାହକ ଲଳିତ ମୋହନ ମହାପାତ୍ର, ପୂର୍ବତନ ବିଜେଡି ଜିଲା ସମ୍ପାଦକ ପ୍ରକାଶ କୁମାର ଦାସ (ପମିନା), ସାମ୍ବାଦିକ ତଥା ଓୟୁଡବ୍ଲୁଜେଜିଲା ସଭାପତି ପ୍ରକାଶ କୁମାର ହାତୀ, ସମ୍ପାଦକ ଦିଲୀପ ପଟନାୟକ, ରାଜ୍ୟ ଯୁବ ବେଜେଡି ସମ୍ପାଦକ ଅବ୍ୟକ୍ତ ହରିହର ଖାଡେଙ୍ଗା, ପ୍ରବୀଣ ଭଞ୍ଜ, ସୁନୀଲ କୁମାର ରାଉତରାୟ, ଛାତ୍ର ବିଜେଡି ରାଜ୍ୟ ସମ୍ପାଦକ ସତ୍ୟପ୍ରକାଶ ସାହୁ ଶୁଭକାନ୍ତ ମହାପାତ୍ର, ସାମ୍ବାଦିକ ରଞ୍ଜିତ ସାମନ୍ତରାୟ, ଗୋପାଳ ଦାସ, ସନ୍ତୁ କବାଟି, ବିରଂଚି ଜେନା (ମୁନା) ପ୍ରମୁଖ ସାମିଲ ହୋଇଥିଲେ।

## ଆମେରିକା ରାଷ୍ଟ୍ରପତି ନିର୍ବାଚନ

# ଟ୍ରମ୍ପଙ୍କ ସପକ୍ଷରେ ଏଲନ୍ ମସ୍କ

## ଭୋଟ୍ କିଣିବା ପାଇଁ ଦୈନିକ ୧ ନିୟୁତ ଡଲାର ବଣ୍ଟା ଯାଉଛି

**ୱାଶିଂଟନ:** ଆମେରିକା ନିର୍ବାଚନରେ ଭୋଟ୍ କିଣାଯାଉଛି । ଟ୍ରମ୍ପଙ୍କୁ ଜିତାଇବା ପାଇଁ ଏଲନ୍ ମସ୍କ ପ୍ରତିଦିନ ୧ ମିଲିୟନ୍ ଡଲାର ବାଣ୍ଟୁଥିବା ଅଭିଯୋଗ ହୋଇଛି । ଆମେରିକାର ନିର୍ବାଚନରେ ଭୋଟ୍ କିଣାଯାଉଥିବା ଚର୍ଚ୍ଚା ହେଉଛି । ବିଲିୟନଆର ଆମେରିକୀୟ ବ୍ୟବସାୟୀ ଏଲନ୍ ମସ୍କ ପ୍ରତିଦିନ ୧ ମିଲିୟନ ଡଲାର ବଣ୍ଟନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଆଇନ ଅନୁଯାୟୀ ଏହାର ଅନୁସନ୍ଧାନ କରାଯାଉଛି । ପେନସିଲଭାନିଆ ଗଭର୍ଣ୍ଣର ଜୋଶ ଶାପିରୋ କହିଛନ୍ତି ଯେ ଆମେରିକାର ସ୍ୱିଙ୍ଗ ରାଜ୍ୟଗୁଡ଼ିକରେ ପଞ୍ଜୀକୃତ ଭୋଟରମାନଙ୍କୁ ଟଙ୍କା ଦେବା ପାଇଁ ଏକ ଯୋଜନା କରାଯାଇଛି । ସେ ଏନେଇ ଅନଲାଇନରେ ଏକ ପିଟିସନ ଦାଖଲ କରିଛନ୍ତି । ଏଭଳି ଅଭିଯୋଗ ଅତ୍ୟନ୍ତ ଚିନ୍ତା ଜନକ ଏବଂ ଏହାର ଅନୁସନ୍ଧାନ ଆଇନ ଶୃଙ୍ଖଳା ସଂସ୍ଥା ଦ୍ୱାରା କରାଯିବା ଉପରେ ସେ ଜୋର୍ ଦେଇଛନ୍ତି । ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଭୋଟରଙ୍କୁ ଭୋଟ୍ ଦେବାକୁ ସେ ଉତ୍ସାହିତ କରିବାକୁ ଚାହୁଁଛନ୍ତି ବୋଲି ଏଲନ୍ ମସ୍କ କହିଛନ୍ତି । ସେଥିପାଇଁ ସେ ପ୍ରତିଦିନ ଏକ ମିଲିୟନ୍ ଡଲାର୍ ଭୋଟରଙ୍କ ମଧ୍ୟରେ ବାଣ୍ଟିବାକୁ ଘୋଷଣା କରିଛନ୍ତି, କିନ୍ତୁ ଏଥିପାଇଁ କିଛି ସର୍ତ୍ତ ରଖିଛନ୍ତି । ଭୋଟରଙ୍କୁ ରିପବ୍ଲିକାନ୍ ପାର୍ଟି ସହିତ ଯୋଡିବା ଲକ୍ଷ୍ୟରେ, ଏଲନ୍ ମସ୍କ ସ୍ୱିଙ୍ଗ୍ ରାଜ୍ୟ ପେନ୍ସିଲଭାନିଆରେ ଏହି ଅଭିଯାନ ଆରମ୍ଭ କରିଛନ୍ତି । ସେଥିପାଇଁ ଭୋଟରଙ୍କୁ ପଞ୍ଜୀକୃତ କରିବାକୁ ପଡ଼ିବ ।



ବିଲିୟନେୟାର ଏଲନ୍ ମସ୍କ କହିଛନ୍ତି ଯେ ପେନସିଲଭାନିଆ ରାଜ୍ୟରୁ ଜଣେ ଲେଖାଏଁ ପଞ୍ଜୀକୃତ ରିପବ୍ଲିକାନ୍‌ଙ୍କୁ ନଭେମ୍ବର ୫ରେ ଭୋଟ୍ ହେବା ପର୍ଯ୍ୟନ୍ତ ପ୍ରତିଦିନ ୧ ମିଲିୟନ୍ ଡଲାର୍ ପୁରସ୍କାର ଜିଣିବାର ସୁଯୋଗ ପ୍ରଦାନ କରାଯିବ । ଜଣେ ଭୋଟର୍‌ଙ୍କୁ ଏନେଇ ମନୋନୀତ କରାଯିବ । ଏହାର ସର୍ତ୍ତ ହେଉଛି ଯେ ସେମାନଙ୍କୁ ମୁକ୍ତ ବକ୍ତବ୍ୟ ତଥା ଅସ୍ତ୍ରଶସ୍ତ୍ର ରଖିବାର ଅଧିକାରକୁ ସମର୍ଥନ କରିବାକୁ ଏକ ଆବେଦନପତ୍ରରେ ଦସ୍ତଖତ କରିବାକୁ ପଡିବ । ସେ ପ୍ରତିଷ୍ଠା କରିଥିବା 'ଆମେରିକା' ରାଜନେତିକ କାର୍ଯ୍ୟ କମିଟି (ପିଏସି) ଜରିଆରେ ଏଲୋନ୍ ମସ୍କ ପ୍ରଥମ ପୁରସ୍କାର ଜନ୍ ଡ୍ରେହରଙ୍କୁ ପ୍ରଦାନ କରିଥିବା ଜଣାଯାଇଛି । ନିର୍ବାଚନ ପ୍ରଚାର ପାଇଁ ପିଏସି ଅର୍ଥ ସଂଗ୍ରହ କରିବାରେ ସାହାଯ୍ୟ କରେ ଏବଂ ଏଲନ୍ ମସ୍କଙ୍କ କମିଟି ପ୍ରାର୍ଥୀଙ୍କୁ ସମର୍ଥନ କରେ । ମସ୍କଙ୍କର ଏକ୍ସ ବାୟୋରେ ଖୋଲାଖୋଲି ଭାବେ ଲେଖାଯାଇଛି ଯେ ସେ ନିର୍ବାଚନରେ ରିପବ୍ଲିକାନ୍ ପ୍ରାର୍ଥୀ ତଥା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସମର୍ଥନ କରୁଛନ୍ତି । ବାରାକ ଓବାମା ଏବଂ ହିଲାରୀ କ୍ଲିଣ୍ଟନଙ୍କ ପରି ଗଣତାନ୍ତ୍ରିକ ପ୍ରାର୍ଥୀଙ୍କ ସମର୍ଥକ ଥିବା ଏହି ଉଦ୍ୟୋଗୀ ବର୍ତ୍ତମାନ ଡୋନାଲ୍ଡ ଟ୍ରମ୍ପଙ୍କୁ ଖୋଲାଖୋଲି ସମର୍ଥନ କରିଛନ୍ତି ।

## ଦିଲ୍ଲୀରେ ବଢ଼ୁଛି ପ୍ରଦୂଷଣ

### ନଡ଼ା ଜାଳିବାରୁ ଗିରଫ ହେଲେ ୧୪ କୃଷକ





**ନୂଆଦିଲ୍ଲୀ:** ଦୀପାବଳି ପୂର୍ବରୁ ରାଜଧାନୀ ଦିଲ୍ଲୀରେ ବଢ଼ିଚାଲିଛି ପ୍ରଦୂଷଣ । ବିଷାକ୍ତ ହେବାରେ ଲାଗିଛି ବାୟୁ । ପ୍ରତିବର୍ଷ ପଡୋଶୀ ରାଜ୍ୟ ହରିୟାଣାରେ କୃଷକମାନେ ନଡ଼ା ଜାଳିବା ଯୋଗୁ ପ୍ରଦୂଷଣ ବଢୁଥିବା ଅଭିଯୋଗ ହୋଇ ଆସୁଛି । ଏହାରି ଭିତରେ ଆକ୍ସନ ମୁଡ଼କୁ ଆସିଛନ୍ତି ସରକାର । ନାଡ଼ା ଜାଳିବା ଅଭିଯୋଗରେ ୧୪ କୃଷକ ଗିରଫ ହୋଇଛନ୍ତି । ହରିୟାଣାର କ୍ୟାଥଲ ଜିଲ୍ଲାରେ ପରାଳି ତଥା ନଡ଼ା ଜାଳିବା ମାମଲାରେ ୧୪ କୃଷକ ଗିରଫ ହୋଇଛନ୍ତି । ଜଣେ ପୁଲିସ ଅଧିକାରୀ ଏନେଇ ସୂଚନା ଦେଇଛନ୍ତି । ପୁଲିସ ଅଧିକାରୀଙ୍କ କହିବା ମୁତାବକ, ନଡ଼ା ଜାଳିବା ଉପରେ ରୋକ ଲଗାଯାଇଥିଲେ ସୁଦ୍ଧା କିଛି କୃଷକ ଏହାକୁ ମାନି ନଥିଲେ । ତେଣୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ତେବେ ପରେ ଏମାନଙ୍କୁ ଜାମିନରେ ଛାଡି ଦିଆଯାଇଥିବା ସୂଚନା ମିଳିଛି । କ୍ୟାଥଲରେ ପ୍ରାୟ ୧୨୩ କୃଷକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ।

ପ୍ରତିବର୍ଷ ଅକ୍ଟୋବର ଓ ନଭେମ୍ବର ମାସରେ ଦିଲ୍ଲୀରେ ପ୍ରଦୂଷଣ ମାତ୍ରା ବଢୁଥିବା ନେଇ ଅଭିଯୋଗ ହୁଏ । ଚଳିତ ବର୍ଷ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି । ଏଥିର ମଧ୍ୟ ଏହି ମାମଲା ସୁପ୍ରିମକୋର୍ଟ ଯାଏ ପହଞ୍ଚିଛି । ହରିୟାଣା, ଦିଲ୍ଲୀ ଓ ପଞ୍ଜାବକୁ କୋର୍ଟ ପ୍ରଦୂଷଣ ଉପରେ ରୋକ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## କେଜରିୱାଲଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ




**ନୂଆଦିଲ୍ଲୀ:** ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜରିୱାଲଙ୍କୁ ଲାଗିଲା ସୁପ୍ରିମକୋର୍ଟ ଝଟକା । ଆବେଦନ ଖାରଜ କଲେ ସର୍ବୋଚ୍ଚ ଅଦାଲତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଗ୍ରୀକୁ ନେଇ କରାଯାଇଥିବା ଟିପ୍ପଣୀ ମାମଲା କେଜରିୱାଲଙ୍କୁ ସମନ ଜାରି ହୋଇଥିଲା । ଏହା ଉପରେ ରୋକ ଲଗାଇବାକୁ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ କରିଥିବା ଆବେଦନକୁ କୋର୍ଟ ଖାରଜ କରି ଦେଇଛନ୍ତି । ପ୍ରକୃତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଗ୍ରୀକୁ ନେଇ କରାଯାଇଥିବା ଟିପ୍ପଣୀ ମାମଲାରେ ଗୁଜରାଟ ବିଶ୍ୱବିଦ୍ୟାଳୟ ତରଫରୁ ମାନହାନୀ ମାମଲା ରୁଜୁ ହୋଇଥିଲା । ଏହାକୁ ନେଇ କେଜରିୱାଲଙ୍କ ବିରୋଧରେ ତଳ କୋର୍ଟ ସମନ ଜାରି କରିଥିଲେ । ଏହି ସମନକୁ ରଦ୍ଦ କରିବା ପାଇଁ ପ୍ରଥମେ କେଜରିୱାଲ ହାଇକୋର୍ଟ ଓ ପରେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ତେବେ ଆଜି ଏହି ମାମଲାର ଶୁଣାଣି କରି ଜଷ୍ଟିସ୍ ଋଷିକେଶ ରୟ ଓ ଜଷ୍ଟିସ ଏସଭିଏନ୍ ଭଟ୍ଟିଙ୍କ ଖଣ୍ଡପୀଠ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି । ଏଭଳି ସ୍ଥିତିରେ ଏବେ ତାଙ୍କ ବିରୋଧରେ ଗୁଜରାଟରେ ମାନହାନୀ ମାମଲାର ତଦନ୍ତ ଜାରି ରହିବ । ଏହାପୂର୍ବରୁ ଗୁଜରାଟ ହାଇକୋର୍ଟ ମଧ୍ୟ କେଜରିୱାଲଙ୍କ ଆବେଦନକୁ ଖାରଜ କରିଦେଇଥିଲେ । ପୂର୍ବରୁ ଏପ୍ରିଲ ୨୦୨୪ରେ ସୁପ୍ରିମକୋର୍ଟ ଏହି ମାମଲାରେ ଆପ୍ ନେତା ସଞ୍ଜୟ ସିଂହଙ୍କ ଆବେଦନକୁ ମଧ୍ୟ ଖରାଜ କରିଦେଇଥିଲେ । ତାଙ୍କୁ ମଧ୍ୟ ସମନ ଜାରି ହୋଇଥିଲା । କହିରଖୁ ଗୁଜରାଟ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପିୟୁଷ ପଟୋଲ ଅରିବିନ୍ଦ କେଜରିୱାଲ ଓ ଆମ୍ ଆଦମି ପାର୍ଟି ନେତା ସଞ୍ଜୟ ସିଂହ ପ୍ରଧାନମନ୍ତ୍ରୀ ମୋଦିଙ୍କ ଡିଗ୍ରୀକୁ ନେଇ ଦେଇଥିବା ମନ୍ତବ୍ୟ ବିରୋଧରେ ମାନହାନୀ ମାମଲା ରୁଜୁ କରିଥିଲେ ।

### ଫୋନରେ ମିଛ ଧମକ ହେବ ଧର୍ତ୍ତବ୍ୟ ଅପରାଧ'

**ନୂଆଦିଲ୍ଲୀ:** ଗାତାର ଭାବେ ଭାରତୀୟ ବିମାନଗୁଡିକୁ ବୋମା ଧମକ ମିଳିବାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ । ଏପରି ଅପରାଧକୁ ରୋକିବା ପାଇଁ ଆଇନରେ ସଂଶୋଧନ ଆଣିବାକୁ ଆଲୋଚନା ଚାଲିଥିବା ସେ କହିଛନ୍ତି । ବର୍ତ୍ତମାନ ସମୟରେ ଯେଉଁପରି ଭାବେ ବିମାନଗୁଡ଼ିକୁ ବୋମା ଥିବା ନେଇ ମିଛ କଲ୍ ମିଳୁଛି ଏକ ସମ୍ବେଦନଶୀଳ ପରିସ୍ଥିତି ସୃଷ୍ଟି କରିଛି । ଏପରି କାର୍ଯ୍ୟକଳାପକୁ ଆମେ 'ଧର୍ତ୍ତବ୍ୟ ଅପରାଧ' ତାଲିକାରେ ରଖିବାକୁ ଆଲୋଚନା କରୁଛୁ । ଯେଉଁମାନେ ଧରାପଡ଼ିବେ, ସେମାନଙ୍କୁ ତୁରନ୍ତ ନୋ-ଫ୍ଲାଏ ଲିଷ୍ଟରେ ରଖାଯିବ ବୋଲି ରାମ ମୋହର ନାଇଡୁ କହିଛନ୍ତି ।

ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ନାଇଡୁ କହିଛନ୍ତି, ଆମେ ଏହି ପ୍ରସଙ୍ଗରେ ଏକାଧିକ ବୈଠକ କରିଛୁ ।

## ପଡୋଶୀ ଦେଶର ସୈନ୍ୟଙ୍କୁ ତାଲିମ ଦେଉଛି ପାକିସ୍ତାନ



**ଇସ୍ଲାବାଦ:** ପାକିସ୍ତାନ ଭାରତକୁ ସମସ୍ୟାରେ ପକାଇବା ଏକ ନୂଆ କୌଶଳ ଆପଣେଇଛି । ଏହା ଅନ୍ତର୍ଗତ ପାକିସ୍ତାନ ସେନା ଭାରତ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କଥିବା ପଡୋଶୀ ଦେଶଗୁଡ଼ିକୁ ନିଜ ପଟକୁ ଆଣିବାକୁ ଚେଷ୍ଟା କରୁଛି । ପାକିସ୍ତାନୀ ସେନା ପ୍ରକାଶ କରିଛି ଯେ, ଭାରତର ପଡୋଶୀ ଦେଶ ନେପାଳ, ମାଳଦ୍ୱୀପ ଏବଂ ଶ୍ରୀଲଙ୍କା ସମେତ ଅନ୍ୟ ଦେଶର ସେନିକମାନଙ୍କୁ ନିଜର ତାଲିମ ପ୍ରତିଷ୍ଠାନ ମାଧ୍ୟମରେ ସାମରିକ ତାଲିମ ଦେଉଛି । ଏହା ଦ୍ୱାରା ସେସବୁ ଦେଶରେ ପାକିସ୍ତାନ ନିଜର ସାମରିକ ପ୍ରଭାବକୁ ବିସ୍ତାର କରିବାକୁ ଚାହୁଁଛି ବୋଲି ଚର୍ଚ୍ଚା ହେଉଛି । ସେସବୁ ଦେଶର ସର୍ବାଧିକ ସଂଖ୍ୟକ ସାମରିକ ଅଧିକାରୀ ସାଧାରଣତଃ ଭାରତରେ ସାମରିକ ତାଲିମ ନେଇଥାନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ସେମାନେ ଭାରତର ଅସନ୍ତୋଷକୁ ଏଡାଇବା ପାଇଁ ପାକିସ୍ତାନଠାରୁ ଦୂରତା ବଜାୟ ରଖିଥିଲେ । ଏଭଳି ପରିସ୍ଥିତିରେ ଯଦି ନେପାଳ, ଶ୍ରୀଲଙ୍କା ଏବଂ ମାଳଦ୍ୱୀପ ସାମରିକ ଭାବରେ ପାକିସ୍ତାନର ନିକଟତର ହୁଅନ୍ତି ତେବେ ଭାରତର ଚିନ୍ତା ବୃଦ୍ଧି ହୋଇପାରେ ବୋଲି ଚର୍ଚ୍ଚା ହେଉଛି । ଏହା ଭାରତ ପାଇଁ ଏକ ସତର୍କ ଘଣ୍ଟି ବୋଲି ବିଚେନା କରାଯାଉଛି । ପାକିସ୍ତାନୀ ସେନା କହିଛି ଯେ ଆବୋଟାବାଦର ପାକିସ୍ତାନୀ ମିଲିଟାରୀ ଏକାଡେମୀରେ ବିଭିନ୍ନ ପ୍ରଶିକ୍ଷଣ ପାଠ୍ୟକ୍ରମର କ୍ୟାଡେଟଙ୍କ ଏକ ପରେଡ୍ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ପାଲେଷ୍ଟାଇନ, ଜୋର୍ଡାନ ଏବଂ ଭାରତ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବା ଅନ୍ୟାନ୍ୟ ରାଷ୍ଟ୍ରର ପ୍ରଶିକ୍ଷକମାନେ ସ୍ନାତକ ହାସଲ କରିଥିଲେ । ପାକିସ୍ତାନ ସେନାର ମିଡିଆ ୱିଙ୍ଗ୍ ଇଣ୍ଟର-ସର୍ଭିସେସ୍ ପବ୍ଲିକ୍ ରିଲେସନ୍ସ (ଆଇଏସପିଆର) ଅନୁଯାୟୀ, ପରେଡରେ ୧୫୦ ତମ ପିଏମଏ ଲଙ୍ଗ କୋର୍ସ, ୬୯ ତମ ଇଣ୍ଟିଗ୍ରେଟେଡ୍ କୋର୍ସ, ୨୪ ତମ ଲେଡି କ୍ୟାଡେଟ୍ ପାଠ୍ୟକ୍ରମ ଏବଂ ୩୬ ତମ ବେଷୟିକ ସ୍ନାତକ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫସ ଅଧକ୍ଷ ଜେନେରାଲ ସାହିର ଶ୍ୟାମଶଦ ମିର୍ଜା ଉପସ୍ଥିତ ଥିଲେ । ଆଇଏସଆରପି ଏକ ବିବୃତିରେ କହିଛି ଯେ ଇରାକ, ଜୋର୍ଡାନ, ମାଳଦ୍ୱୀପ, ଶ୍ରୀଲଙ୍କା, ନେପାଳ, ପାଲେଷ୍ଟାଇନ, ସୁଦାନ ଏବଂ ୟେମେନ ସମେତ ଭାରତ ସହିତ ବନ୍ଧୁତ୍ୱପୂର୍ଣ୍ଣ ଥିବା ଅନେକ ଦେଶର କ୍ୟାଡେଟ ମଧ୍ୟ ପାକିସ୍ତାନ ମିଲିଟାରୀ ଏକାଡେମୀରୁ ସ୍ନାତକ ହାସଲ କରିଛନ୍ତି । ବର୍ତ୍ତମାନ ଭାରତ ସହିତ ପଡୋଶୀ ଦେଶର ସମ୍ପର୍କ ରାଜନେତିକ ଅସ୍ଥିରତା ଦେଇ ଗତି କରୁଛି । ନିକଟରେ ନେପାଳ, ଶ୍ରୀଲଙ୍କା, ମାଳଦ୍ୱୀପ ଏବଂ ବାଂଲାଦେଶରେ କ୍ଷମତା ପରିବର୍ତ୍ତନ ହୋଇଛି । ଏହି ଦେଶଗୁଡିକ ମଧ୍ୟରୁ ଅଧିକାଂଶରେ ସରକାର ଗଠନ କରାଯାଇଛି ଯାହା ଭାରତର ସ୍ୱାର୍ଥ ପାଇଁ ଉପଯୁକ୍ତ ନୁହେଁ । ବାମପନ୍ଥୀ ଅନୁରା କୁମାରା ଦିସାନାଇକେ ଶ୍ରୀଲଙ୍କାର ରାଷ୍ଟ୍ରପତି ହୋଇଛନ୍ତି । ଚୀନରେ ନିକଟତର ଥିବା ମହମ୍ମଦ ମୁଇଜ୍ଜୁ ମାଳଦ୍ୱୀପର ରାଷ୍ଟ୍ରପତି ହୋଇଛନ୍ତି । ଚୀନ୍ ସମର୍ଥକ କମ୍ୟୁନିଷ୍ଟ ଦଳଗୁଡ଼ିକ ନେପାଳରେ ନିରନ୍ତର କ୍ଷମତାରେ ଅଛନ୍ତି ।

## ବଙ୍କର ଭିତରେ ଅୟସ କରୁଥିଲେ ହମାସ ସୁପ୍ରିମୋ



**ଜେରୁଜାଲମ୍:** ଗତ ବର୍ଷ ଅକ୍ଟୋବର ୭ ତାରିଖରେ ଇସ୍ରାଏଲ୍ ଉପରେ ଭୟଙ୍କର ଆକ୍ରମଣ କରିଥିବା ହମାସ । ଏହି ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା ୟାହୟା ସିନୱାର । ତେବେ ଏହି ଆକ୍ରମଣ ପୂର୍ବରୁ ବଙ୍କର ଭିତରେ ଲୁଚି ଯାଇଥିଲା ହମାସ ଚିଫ୍ ୟାହୟା ସିନୱାର । ଖାନ୍ ୟୁନିସ ସହର ତଳେ ତିଆରି ହୋଇଥିଲା ଏହି ବଙ୍କର । ନିଜ ପିଲା ଛୁଆ ସ୍ତ୍ରୀଙ୍କୁ ନେଇ ୟାହୟା ସିନୱାର ବଙ୍କର ଭିତରକୁ ଚାଲିଯାଇଥିଲା । ନିଜ ସାଙ୍ଗରେ ସେ ପୁଳା ପୁଳା ଟଙ୍କା ମଧ୍ୟ ନେଇ ଯାଇଥିଲା । ତେବେ ହମାସ ଚିଫ୍ ଯେଉଁ ବଙ୍କର ଭିତରେ ଲୁଚିଥିଲା ତାହା ଥିଲା ବେଶ୍ ଲକ୍ସୁରୀ । ଏଠାରେ ବ୍ୟକ୍ତିଗତ ବାଥରୁମ ସାଙ୍ଗକୁ ରୁମ୍ ମଧ୍ୟ ତିଆରି ହୋଇଥିଲା । କେବଳ ସେତିକି ନୁହେଁ ମଡ୍ୟୁଲାର କିଚେନ ମଧ୍ୟ ଥିଲା । ନିଜ ସାଙ୍ଗରେ ଜାତିସଂଘ ପଠାଇଥିବା ପର୍ଯ୍ୟାପ୍ତ ରାସନ ଓ ପୁଳା ପୁଳା ଟଙ୍କା ଓ ବ୍ୟକ୍ତିଗତ ସୁଖ-ସୁବିଧାର ଭଣ୍ଡାର ନେଇ ଲୁଚି ରହିଥିଲା ହମାସ ଚିଫ୍ । ଏଥିସହ ବିପୁଳ ଅସ୍ତ୍ରଶସ୍ତ୍ର ମଧ୍ୟ ଗଦା କରିଥିଲା । ବଙ୍କର ଭିତରେ ସେ ବେଶ୍ ରାଜକୀୟ ଠାଣିରେ ରହୁଥିଲା । ଇସ୍ରାଏଲ ଡିଫେନ୍ସ ଫୋର୍ସ ପକ୍ଷରୁ ଜାରି କରାଯାଇଥିବା ଭିଡିଓରେ ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି । ଗାଜାରେ ଯୁଦ୍ଧ ପରିସ୍ଥିତି ଆରମ୍ଭ ହେବା ପରଠାରୁ ୬୧ ବର୍ଷିୟ ସିନୱାର ତା'ର ସୁରକ୍ଷାକର୍ମୀ ଏବଂ ଘନିଷ୍ଠ ବ୍ୟକ୍ତିଙ୍କ ସହ ଏହି ବଙ୍କରରେ ଆଶ୍ରୟ ନେଇଥିଲେ ।

## ଆତଙ୍କବାଦୀ ପନ୍ନୁର ଚେତାବନୀ

**ନୂଆଦିଲ୍ଲୀ:** ଲଗାତାର କିଛି ଦିନ ହେବ ଭାରତୀୟ ବିମାନକୁ ବୋମା ଧମକ ମିଳୁ ଥିବାବେଳେ ଖଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂହ ପନ୍ନୁ ଆଉ ଏକ ଚେତାବନୀ ଦେଇଛି । ନଭେମ୍ବର ୧-୧୯ ଯାଏ ଏୟାର ଇଣ୍ଡିଆ ବିମାନରେ ଯାତ୍ରା ନ କରିବାକୁ ଧମକ ଦେଇଛି ପନ୍ନୁଛଶିଖ୍ ହତ୍ୟାକାଣ୍ଡକୁ ୪୦ତମ ବାର୍ଷିକୀ ଅବସରରେ ଏୟାର ଇଣ୍ଡିଆ ବିମାନ ଉରେ ଆକ୍ରମଣ ହୋଇପାରେ ବୋଲି କହିଛି ଆତଙ୍କବାଦୀ ପନ୍ନୁନ । ଗତ ବର୍ଷ ମଧ୍ୟ ଏହି ସମୟରେ ଏୟାର ଇଣ୍ଡିଆ ବିମାନରେ ଯାତ୍ରା ନ କରିବାକୁ ଚେତାବନୀ ଦେଇଥିଲା ପନ୍ନୁ । ପନ୍ନୁନ ପାଖରେ କାନାଡା ଏବଂ ଆମେରିକାର ନାଗରିକତ୍ୱ ରହିଛିଛ ସେ ଶିଖ୍ ଫର୍ ଜଷ୍ଟିସ୍ (ଗଏର)ର ପ୍ରତିଷ୍ଠାତା । ୨୦୨୦ରେ ଗୃହ ମନ୍ତ୍ରଣାଳୟ ଦ୍ୱାରା ତାକୁ ଆତଙ୍କବାଦୀ ଭାବେ ଘୋଷିତ କରାଯାଇଥିଲା । କିଛି ଦିନ ହେବ ଭାରତର ଅନେକ ଏୟାରଲାଇନ୍ସକୁ ବୋମା ବିସ୍ଫୋରଣ ନେଇ ଧମକ ମିଳୁଛି । ଫଳରେ ଏକାଧିକ ବିମାନର ଜରୁରୀ ଅବତରଣ କରାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି । ସପ୍ତାହ ମଧ୍ୟରେ ପାଖାପାଖି ୧୦୦ଟି ଭାରତୀୟ ବିମାନକୁ ବୋମା ଧମକ ମିଳି ସାରିଲାଣି । ଉଡାଣ ଆରମ୍ଭର କିଛି ସମୟ ପରେ ଧମକ ମିଳୁଥିବାରୁ ଜରୁରୀ ଅବତରଣ କରାଯାଇ ଯାଞ୍ଚ କରାଯାଉଛି ।

### ଜମ୍ମୁ-କଶ୍ମୀରରେ ଆତଙ୍କୀ ହମଲା

## ନିଜକୁ ଦାୟୀ କଲା ଲସ୍କର-ଇ-ତୋଏବା

**ଶ୍ରୀନଗର:** ଜମ୍ମୁ-କଶ୍ମୀର ଗନ୍ଦେରବାଲ ଜିଲ୍ଲାରେ ହୋଇଥିବା ଆତଙ୍କୀ ହମଲା ପାଇଁ ନିଜକୁ ଦାୟୀ କରିଛି ଲସ୍କର-ଏ-ତୋଏବା । ଜଣେ ଡାକ୍ତରଙ୍କ ସମେତ ଛଅ ଜଣ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ପାଇଁ ପାକିସ୍ତାନର ଲସ୍କର-ଏ-ତୋଏବାର ହାତ ରହିଛି ।

ସୂତ୍ରରୁ ପ୍ରକାଶ ରିପୋର୍ଟ ଅନୁସାରେ, ପାକିସ୍ତାନ ଲସ୍କର-ଏ-ତୋଏବାର ଏକ ଶାଖା ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (TRF) ମୁଖ୍ୟ ଶେଖ୍ ସାଜଜାଦ ଗୁଲ୍ ଏହି ଆକ୍ରମଣର ମାଷ୍ଟରମାଇଣ୍ଡ । ଗୁଲ୍ ତତ୍ତ୍ୱାବଧାନରେ କଶ୍ମୀରେର ଥିବା ଆତଙ୍କବାଦୀ ପ୍ରଥମ ଥର ପାଇଁ କଶ୍ମୀର ବାସିନ୍ଦା ଏବଂ ଅଣକଶ୍ମୀର ବାସିନ୍ଦାଙ୍କ ଉପରେ ଆକ୍ରମଣ କରିଛନ୍ତି ।

ସୂତ୍ରରୁ ଆହୁରି ସୂଚନା ମିଳିଛି ଯେ, ପୂର୍ବରୁ କଶ୍ମୀର ପଣ୍ଡିତଙ୍କୁ ଟାର୍ଗେଟ କରି ଆସିଛି । ଏଥିରେ ଅନେକ କଶ୍ମୀର ପଣ୍ଡିତଙ୍କର ମଧ୍ୟ ମୃତ୍ୟୁ ହୋଇଛି । କିନ୍ତୁ ଏହି ଆତଙ୍କୀ ସଂଗଠନ ପ୍ରଥମ କରି କଶ୍ମୀର ଏବଂ ଅଣକଶ୍ମୀର ବାସିନ୍ଦାଙ୍କୁ ଟାର୍ଗେଟ କରିଛି । ପ୍ରକାଶ ଥାଉକି, ଗତକାଲି ସନ୍ଧ୍ୟାରେ ଗନ୍ଦେରବାଲ ସ୍ଥିତ ସୋନାମାର୍ଗ ଅଞ୍ଚଳରେ ଏକ ଟନେଲ କାର୍ଯ୍ୟ ଚାଲିଥିବା ସମୟରେ ଆକ୍ରମଣ କରିଥିଲେ ଆତଙ୍କବାଦୀ । ଆଖିବୁଜା ଗୁଳିମାଡ଼ କରିବା ଫଳରେ ସାତ ଜଣଙ୍କର ମୃତ୍ୟୁ ହୋଇଛି । ଏଥିରେ ଜଣେ ଡାକ୍ତରଙ୍କ ସମେତ ଛଅ ଜଣ ପ୍ରବାସୀ ଶ୍ରମିକ ପ୍ରାଣ ହରାଇଛନ୍ତି । ଆତଙ୍କୀ ହମଲା ପରେ ସୁରକ୍ଷାକର୍ମୀ ସ୍ଥାନୀୟ ଅଞ୍ଚଳକୁ ଘେରାବନ୍ଦୀ କରିବା ସହ ସର୍ଚ୍ଚ ଅପରେସନକୁ କଡ଼ାକଡ଼ି କରିଛନ୍ତି । ଏହି ଆକ୍ରମଣରେ ଦୁଇ ଜଣ ଆତଙ୍କବାଦୀଙ୍କ ହାତ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

## ନବଦମ୍ପତିଙ୍କୁ ଷ୍ଟାଲିନଙ୍କ ଆହ୍ୱାନ: ଅଧିକ ସନ୍ତାନ ଜନ୍ମ ଦିଅ



**ଚେନ୍ନାଇ:** ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ପରେ ବର୍ତ୍ତମାନ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମକେ ଷ୍ଟଲିନ ମଧ୍ୟ ଅଧିକ ସନ୍ତାନ ପ୍ରସବ କରିବାକୁ ଲୋକଙ୍କୁ ନିବେଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଷ୍ଟାଲିନ କହିଛନ୍ତି ଯେ ବର୍ତ୍ତମାନ ନବ ବିବାହିତ ଦମ୍ପତିମାନେ ୧୬ ସନ୍ତାନ ଜନ୍ମ କରିବାର ସମୟ ଆସିଛି । ଚେନ୍ନାଇରେ ଏକ ଗଣବିବାହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି ବିବୃତି ଦେଇଛନ୍ତି । ଗଣବିବାହରେ ୩୧ଜଣ ଦମ୍ପତି ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟଲିନଙ୍କ ଉପସ୍ଥିତିରେ ବିବାହ କରିଥିଲେଛ ବିବାହ ପରେ ସେ କହିଥିଲେ । ବୋଧହୁଏ ସମୟ ଆସିଛି ଦମ୍ପତିମାନେ ଏବେ ୧୬ପ୍ରକାରର ସମ୍ପତ୍ତି ବଦଳରେ ୧୬ସନ୍ତାନ ଜନ୍ମ କରନ୍ତୁ । ତାଙ୍କ କହିବା ମୁତାବକ, ପୂର୍ବରୁ ଗୁରୁଜନମାନେ ନବ ବିବାହିତ ଦମ୍ପତିଙ୍କୁ ୧୬ପ୍ରକାରର ସମ୍ପତ୍ତି ପାଇବା ପାଇଁ ଆଶୀର୍ବାଦ କରୁଥିଲେ ହେଲେ ବର୍ତ୍ତମାନ ସମୟ ହେଉଛି ୧୬ପ୍ରକାରର ସମ୍ପତ୍ତି ପରିବର୍ତ୍ତେ ୧୬ସନ୍ତାନ ପ୍ରାପ୍ତି କରିବ ।

ଏହା ପୂର୍ବରୁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ରବିବାର କହିଥିଲେ, କେବଳ ଦୁଇ କିମ୍ବା ଅଧିକ ପିଲା ଥିବା ବ୍ୟକ୍ତିଙ୍କୁ ସ୍ୱାୟତ୍ତ ଶାସନ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଅନୁମତି ଦିଆଯିବା ନେଇ ଆମେ ଏକ ଆଇନ ଆଣିବାକୁ ଯୋଜନା କରୁଛୁ । ରାଜ୍ୟରେ ଲୋକମାନେ ଅଧିକ ସନ୍ତାନ ଜନ୍ମ କରିବା ଉପରେ ଧ୍ୟାନ ଦେବା ଜରୁରୀ ।

# ଧୋନିଙ୍କ ଘୋଷଣାକୁ ଅପେକ୍ଷା



ନୂଆଦିଲ୍ଲୀ,୨୧।୧୦ (ଏଜେନ୍ସି): ମହେନ୍ଦ୍ର ସିଂହ ଧୋନି ଆନ୍ତର୍ଜାତିକ କ୍ରିକେଟରୁ ଅବସର ନେଇସାରିଛନ୍ତି । କିନ୍ତୁ ଆଇପିଏଲର ଭବିଷ୍ୟତ ବିଷୟରେ କିଛି ସୂଚନା ଆସୁନଥିବାରୁ ପ୍ରଶଂସକମାନେ ମଧ୍ୟ ଅପେକ୍ଷାରେ ଅଛନ୍ତି । କିନ୍ତୁ ୨୦୨୫ ସଂସ୍କରଣ ପାଇଁ ନିଲାମ ଓ ଖେଳାଳି ରଖିବା ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଥିବାରୁ ଧୋନି ନୂଆ ନିୟମାବଳୀ ଉପରେ ନଜର ରଖିଥିବା କହିଥିଲେ । ଅବସର ନିଷ୍ପତ୍ତି ନେବା ପୂର୍ବରୁ ନିୟମରେ କ'ଣ ପରିବର୍ତ୍ତନ ହେଉଛି, ତାହା ଉପରେ ତାଙ୍କ ଭବିଷ୍ୟତ ନିର୍ଭର କରିବ ବୋଲି ଏକ ସାକ୍ଷାତକାରରେ କହିଥିଲେ ଧୋନି । ଏବେ ନୂଆ ନିୟମ ଆସିସାରିଥିବା ବେଳେ ଧୋନି ଆଇପିଏଲ-୨୦୨୫ ଖେଳିବେ କି ନାହିଁ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଏନେଇ ଅକ୍ଟୋବର ୩୧ରେ ଧୋନି ନିଷ୍ପତ୍ତି ଶୁଣାଇବେ ବୋଲି କହିଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସର ସିଇଓ କାସି ବିଶ୍ୱନାଥନ । ସେ କହିଛନ୍ତି, ଧୋନି ସିଏସକେ ପାଇଁ ଖେଳନ୍ତୁ ବୋଲି ଆମେ ମଧ୍ୟ ଚାହୁଁଛୁ । କିନ୍ତୁ ଧୋନି ଖେଳିବେ କି ନାହିଁ ଏପର୍ଯ୍ୟନ୍ତ ଆମକୁ ନିଶ୍ଚିତ କରିନାହାଁନ୍ତି । ଧୋନି କହିଛନ୍ତି, 'ମୁଁ ଆପଣଙ୍କୁ ଅକ୍ଟୋବର ୩୧ପୂର୍ବରୁ କହିବି । ଆମେ ଆଶା କରୁଛୁ ସେ ଖେଳିବେ । ତେବେ ଅଗଷ୍ଟରେ ହାଇଦ୍ରାବାଦରେ ଏକ ଇଭେଣ୍ଟରେ ଯୋଗ ଦେବା ଅବସରରେ ଧୋନି କହିଥିଲେ, ନିଷ୍ପତ୍ତି ନେବା ପାଇଁ ଏବେ ତାଙ୍କ ପାଖରେ ବହୁତ ସମୟ ରହିଛି । କ'ଣ ନୂଆ ନିୟମ ହେଉଛି ତାହା ଦେଖିବାକୁ ପଡ଼ିବ । ଏବେ ବଲ୍ ଆମ କୋର୍ଟରେ ନାହିଁ । ତେଣୁ ଯେତେବେଳେ ନିୟମଗୁଡ଼ିକ ଧାର୍ଯ୍ୟ କରାଯିବ, ସେତେବେଳେ ମୁଁ କିଛି ନିଷ୍ପତ୍ତି ନେବି ଓ ଦଳ ପାଇଁ ଯାହା ଭଲ ହେବ ତାହା କରିବି ।

## ୟୋନେକ୍ସ-ସନ୍‌ରାଇଜ୍ ମିନି ସବ୍‌ଜୁନିୟର ବ୍ୟାଡ଼ମିଣ୍ଟନ ଚାମ୍ପିଅନ୍‌ସିପ୍

# ଜି.ଗୌତମ, ଆରାଧନା, ହର୍ଷିତ ଓ ଅଂଭିତା ଚାମ୍ପିଅନ୍

ଭୁବନେଶ୍ୱର,(ସବ୍ୟୁ): ସୋମବାର ଭୁବନେଶ୍ୱର ପୋଖରୀପୁଟ ସ୍ଥିତ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଚାଲିଥିବା ୟୋନେକ୍ସ-ସନରାଇଜ ରାଜ୍ୟ ମିନି, ସବଜୁନିଅର ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପ ଉଦଯାପିତ ହୋଇଯାଇଅଛି ଝଗତ ୧୯ ତାରିଖ ରୁ ଆରମ୍ଭ ହୋଇ ୩ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତା ର ୧୧ ବର୍ଷ ରୁ କମ ବାଳକ ବିଭାଗ ରେ ବଲାଙ୍ଗୀର ର ଜି.ଗୌତମ ଭୁବନେଶ୍ୱର ର ପଂସୁଲ ସେଠି ଙ୍କୁ ୨୧-୧୦,୨୧-୧୬ ସିଧାସଳଖ ଦୁଇଟି ସେଟ ରେ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଲାଭ କରିଛନ୍ତି । ଠିକ ସେଜି ପରିବାର ୧୧ ବର୍ଷରୁ କମ ବାଳିକା ବିଭାଗରେ କୋରଝପୁଟର ଆରାଧନା ବେର୍ତ୍ତା ଭୁବନେଶ୍ୱରର ବରଣ୍ୟ ପଟେଲଙ୍କୁ ୨୧-୧୬, ୨୬-୨୪ ଦୁଇଟି ଗେମରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି । ୧୧ ବର୍ଷରୁ କମ ବାଳକ ଯୁଗଳରେ ଭୁବନେଶ୍ୱରର ମାଷ୍ଟର ଇଭାନ ଓ ରାଜବୀର ସ୍ୱାଇଁ ଅନୁଗୁଳ ଯୋଡି ଗଡୁଗୁ କାର୍ତ୍ତିକେୟ ଓ ଗଡୁଗୁ ସୂର୍ଯ୍ୟାଙ୍କ ଯୋଡିକୁ ସଂଘର୍ଷ ପୂର୍ଣ ତିନୋଟି ଗେମ ୧୮-୨୧,୨୧-୧୨ ଓ ୨୧-୧୬ ରେ ହରାଇ ଚାମ୍ପିଅନ ହୋଇଛନ୍ତି ।




୧୩ ବର୍ଷରୁ କମ ବାଳକ ସିଙ୍ଗଲରେ କଟକର ହର୍ଷିତ ପ୍ରିୟଦର୍ଶୀ ବେହେରା ଭୁବନେଶ୍ୱରର ଦୀପ୍ୟାନସୁ ଶର୍ମାଙ୍କୁ ସିଧାସଳଖ ୨୧-୧୦,୨୧-୧୪ ଦୁଇଟି ଗେମରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି । ୧୩ ବର୍ଷରୁ କମ ବାଳିକା ରେ ଅଂଭିତା ପ୍ରହରାଜ ଭୁବନେଶ୍ୱରର ସମୃଦ୍ଧି ରାଜ ବିଶ୍ୱାଳଙ୍କୁ ସିଧାସଳଖ ୨୧-୧୯,୨୧-୧୮ ପଏଣ୍ଟର ଦୁଇଟି ଗେମରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି । ୧୩ ବର୍ଷରୁ କମ ବାଳକ ଯୁଗଳରେ ସମ୍ବଲପୁର-କଟକ ଯୋଡି ଅୟଙ୍କ ସାହୁ ଓ ହର୍ଷିତ ପ୍ରିୟଦର୍ଶ ବେହେରା ଭୁବନେଶ୍ୱର ଯୋଡି ଦୀପ୍ୟାନସୁ ଶର୍ମା ଓ ସୋହନ ମହାପାତ୍ର ଯୋଡିଙ୍କୁ ୨୧-୧୨ ଓ ୨୧-୧୯ ପଏଣ୍ଟର ଫୁଇଟି ଗେମରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡ଼ । ବିଭାଗ ଉତ୍କର୍ଷ କେନ୍ଦ୍ର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର,ଆଇ.ଏ.ଏସ, ସମ୍ମାନିତ ଅତିଥି ଭାବେ କ୍ରୀଡ଼ାବିଭାଗ ଅଧିକାରୀ ସ୍ୱରୂପ ନନ୍ଦନ ବେହେରା, ରାମ ଗୋବିନ୍ଦ ପରିଡା, ଧୀରଜ ପଟ୍ଟନାୟକ, ଓସବା ସମ୍ପାଦକ ନିଲିନ କୁମାର, ସାଙ୍ଗଠନିକ ସମ୍ପାଦକ କମାଲ ଦାସ, ଟୁର୍ଣ୍ଣାମେଣ୍ଟ କୋଅର୍ଡିନେଟର ଜୟପ୍ରକାଶ ଜେନା, ନିରଞ୍ଜନ ବିଶ୍ୱାଳ, ଅଜିତ ମହାନ୍ତି, ମେଚ ସହ ସଂଯୋଜକ ସୌଭାଗ୍ୟ ଜଗଦେବ ଓ ଅବଦୁଲ ହାକିମ ଯୋଗଦେଇ କୃତି ଖେଳାଳୀମାନଙ୍କୁ ମେଡାଲ ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ତିନି ଦିନ ଧରି ଚାଲିଥିବା ଏହି ରାଜ୍ୟ ଚାମ୍ପିଅନସିପକୁ ସଫଳ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କମିଟି ସଭ୍ୟ ତାରାକାନ୍ତ ଦାସ ଖେଳାଳି, ଅବିଭାବକ, ଅତିଥି, ଟେକ୍ନିକାଲ ଅଫିସିଆଲ ଓ ଦର୍ଶକମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ମହିଳା ଟି-୨୦ ବିଶ୍ୱକପ୍

# କେଉଁ ଦଳକୁ ମିଳିଲା କେତେ

ଦୁବାଇ,୨୧।୧୦ (ଏଜେନ୍ସି): ମହିଳା ଟି-୨୦ ବିଶ୍ୱକପରେ ଐତିହାସିକ ବିଜୟ ହାସଲ କରିଛି ନ୍ୟୁଜିଲାଣ୍ଡ । ଦୁବାଇରେ ଖେଳାଯାଇଥିବା ଫାଇନାଲ ଫାଇଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ବିଶ୍ୱକପ ହାତେଇଛି କିୱି ବାହିନୀ । ୨୦୦୯ ଏବଂ ୨୦୧୦ରେ ରନର୍ ଅପ୍ ରହିଥିବା ନ୍ୟୁଜିଲାଣ୍ଡ ଶେଷରେ ଟ୍ରଫି ଭାଗିଦାରୀ ହୋଇଛି । ବିଶ୍ୱକପ ଜିତିବା ପାଇଁ ନ୍ୟୁଜିଲାଣ୍ଡକୁ ମୋଟ ୨୧.୪୦ କୋଟି ଟଙ୍କା ମିଳିଛି, ସେଥିମଧ୍ୟରୁ ୧୯.୬୭ କୋଟି ଟଙ୍କା ଟାଇଟଲ ଜିତିବା ପାଇଁ ଦିଆଯାଇଛି । ସେହିପରି ରନର୍ ଅପ୍ ଦକ୍ଷିଣ ଆଫ୍ରିକାକୁ ୧୧.୫୬ କୋଟି ଟଙ୍କା ଦିଆଯାଇଛି । ସେମିଫାଇନାଲ ଦୌଡ଼ରୁ



ବାଦ୍ ପଡିଥିବା ଟିମ୍ ଇଣ୍ଡିଆକୁ ୩.୭୪ କୋଟି ଟଙ୍କା ମିଳିଛି । ସେପଟେ ସେମିଫାଇନାଲରେ ହାରିଥିବା ୬ ଥରର ଚାମ୍ପିଅନ ଅଷ୍ଟ୍ରେଲିଆକୁ ୭.୬୬ କୋଟି ଟଙ୍କା ଦିଆଯାଇ ଥିବାବେଳେ ପୂର୍ବର ଚାରିଟି ମ୍ୟାଚ୍ ସହ ସେମିଫାଇନାଲ ହାରିଥିବା ୱେଷ୍ଟଇଣ୍ଡିଜ ଦଳ ୭.୪୦ କୋଟି ଟଙ୍କା ପାଇଛି । ପଞ୍ଚମ ସ୍ଥାନରେ ଥିବା ଇଂଲଣ୍ଡକୁ ୪ କୋଟି ଟଙ୍କା ମିଳିଛି । ପାକିସ୍ତାନକୁ ୩.୪୭ କୋଟି ଟଙ୍କା, ବାଂଲାଦେଶକୁ ୩.୪୭ ଏବଂ ଶ୍ରୀଲଙ୍କା ୨.୦୮ କୋଟି ଟଙ୍କା ଦିଆଯାଇଛି । ଦୁବାଇର ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା । ନ୍ୟୁଜିଲାଣ୍ଡ ଏହି ମ୍ୟାଚକୁ ଦକ୍ଷିଣ ଆଫ୍ରିକାକୁ ୩୨ ରନରେ ପରାସ୍ତ କରିଛି ।

## ଟାଟା ଷ୍ଟିଲ୍ ମିଡିଆ ମୈତ୍ରୀ କପ୍ ଫୁଟବଲ

# ଟାଟା ଷ୍ଟିଲ ଚାମ୍ପିଅନ

କେନ୍ଦୁଝର/ଯୋଡ଼ା,୨୧।୧୦(ସ୍ୱ.ପ୍ର/ସବ୍ୟୁ): ଟାଟା ଷ୍ଟିଲ୍ ଲିମିଟେଡ ଆନୁକୂଲ୍ୟରେ ଆୟୋଜିତ ଏକ-ଦିବସୀୟ ମିଡିଆ ମୈତ୍ରୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କେନ୍ଦ୍ରୀୟ ଖେଳ ପଡ଼ିଆଠାରେ ରବିବାର ଦିନ ଆୟୋଜିତ ହୋଇଯାଇଛି । ଏଥିରେ ବଡ଼ବିଲ ଏକାଦଶ, କେନ୍ଦୁଝର ଏକାଦଶ, କୋଇଡା ଏକାଦଶ, ଯୋଡା ଏକାଦଶ, ଚମ୍ପୁଆ ଏକାଦଶ, ଟାଟା ଷ୍ଟିଲ ଏକାଦଶ ଏହି ୬ଟି ଦଳକୁ ନେଇ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ କୋଇଡା ଏକାଦଶକୁ ହରାଇ ଟାଟା ଷ୍ଟିଲ ଏକାଦଶ ଚାମ୍ପିଅନ୍ ହୋଇଛି ।ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଟାଟା ଷ୍ଟିଲ (ଓଏମକ୍ୟୁ) ର ମହାପ୍ରବନ୍ଧକ ଅତୁଲ କୁମାର ଭଟ୍ଟନାଗର ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍ ଯୋଡାର ମୁଖ୍ୟ ରାଜେଶ କୁମାର, କଳମଙ୍ଗ ଓ ଗନ୍ଧଲପଦା ପ୍ରକଳ୍ପ ମୁଖ୍ୟ ଦୀପକ ବେହେରା, ନୀଳାଚଳ ଇସ୍ପାତ ଖଣିର ମୁଖ୍ୟ ରାହୁଲ କିଶୋର, ସ୍ଲରି ପାଇପଲାଇନ ମୁଖ୍ୟ ପ୍ରବୀଣ ଶ୍ରୀବାସ୍ତବ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।




ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅମୀମାଂସିତ ଭାବେ ଶେଷ ହୋଇଥିବା ବେଳ ପେନାଲ୍ଟି ସୁଟ ଆଉଟ ଯୋଗେ ଟାଟା ଷ୍ଟିଲ ଏକାଦଶ କୋଇଡା ଏକାଦଶକୁ ୨-୦ ଗୋଲରେ ପରାସ୍ତ କରିଥିଲା ।ଫାଇନାଲ ମ୍ୟାଚରେ ଚମତ୍କାର ଖେଳ ପ୍ରଦର୍ଶନ କରିଥିବା ଯୋଗୁଁ ଟାଟା ଷ୍ଟିଲ ଏକାଦଶର ସାର୍ଥକ ଦାସଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରଯାଇଥିବାବେଳେ ଟାଟା ଷ୍ଟିଲ ଏକାଦଶର ସଂଜୀବ ଡୋଗରାଙ୍କୁ ମ୍ୟାନ୍ ଅଫ ଦି ସିରିଜ ଭାବେ ପୁରସ୍କୃତ କରଯାଇଥିଲା ।ଏହା ପୂର୍ବରୁ ଟାଟା ଷ୍ଟିଲ ଏକାଦଶ ଏବଂ ଚମ୍ପୁଆ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରଥମ ନକଆଉଟ ମ୍ୟାଚରେ ଟାଟା ଷ୍ଟିଲ ଏକାଦଶ ୫-୦ଗୋଲ ରେ ବିଜୟ ଲାଭ କରିଥିଲା। ସେହିପରି, ଯୋଡା ଏକାଦଶ ଏବଂ ବଡ଼ବିଲ ଏକାଦଶ ମଧ୍ୟରେ ହୋଇଥିବା ଦ୍ୱିତୀୟ ନକ ଆଉଟ ମ୍ୟାଚରେ ଯୋଡା ଏକାଦଶ ୩-୦ ଗୋଲରେ ବିଜୟ ଲାଭ କରିଥିଲା। କେଉଁଝର ଏକାଦଶ ଓ କୋଇଡା ଏକାଦଶ ମଧ୍ୟରେ ହୋଇଥିବା ତୃତୀୟ ନକ ଆଉଟ ମ୍ୟାଚରେ କୋଇଡା ଏକାଦଶ ୧-୦ ଗୋଲରେ ବିଜୟ ଲାଭ କରିଥିଲା। ଯୋଡା ଏକାଦଶ ଓ କୋଇଡା ଏକାଦଶ ମଧ୍ୟରେ ଆୟୋଜିତ ଚିତ୍ତାକର୍ଷକ ସେମି ଫାଇନାଲ ମ୍ୟାଚରେ କୋଇଡା ଏକାଦଶ ୪-୦ ଗୋଲରେ ବିଜୟ ଲାଭ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା।ମିଡିଆ ମୈତ୍ରୀ ଫୁଟବଲ କପ୍ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଟାଟା ଷ୍ଟିଲ୍ ଗୋଷ୍ଠୀ ନିୟୋଜନ କୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡ଼ାମନୋଭାବକୁ ପ୍ରୋତ୍ସାହିତ କରିବାକୁ ପ୍ରତିଶ୍ରୁତିବଦ୍ଧ। କମ୍ପାନୀ ସମସ୍ତ ଅଂଶଗ୍ରହଣକାରୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେମାନଙ୍କ ଉତ୍ସାହ ଏବଂ କ୍ରୀଡ଼ାମନୋଭାବ ପାଇଁ କୃତଜ୍ଞତା ଜ୍ଞାପନ କରିଛି ।

# କୀର୍ତ୍ତନ କରିବାକୁ ପହଞ୍ଚିଲେ ବିରୁଷ୍କା



ମୁମ୍ବାଇ,୨୧।୧୦ (ଏଜେନ୍ସି): କରୱା ଚୌଥ' ୨୦୨୪ ଅବସରରେ ମୁମ୍ବାଇରେ ଏକାଠି ନଜର ଆସିଲେ ଷ୍ଟାର ଦମ୍ପତି ବିରାଟ କୋହଲି ଓ ଅନୁଷ୍କା ଶର୍ମା । ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତୀୟ ଦଳ ହାରିବାର କିଛି ଘଣ୍ଟା ପରେ ପତ୍ନୀ ଅନୁଷ୍କା ଶର୍ମାଙ୍କ ସହ ମୁମ୍ବାଇରେ କୃଷ୍ଣ ଦାସ କୀର୍ତ୍ତନରେ ଯୋଗ ଦେଇଥିଲେ ବିରାଟ କୋହଲି । ଏହି ସମୟର ଭିଡିଓ ମଧ୍ୟ ଖୁବ ଭାଇରାଲ ହେଉଛି । ସାମାଜିକ ଗଣମାଧ୍ୟମରେ ଭାଇରାଲ ଏହି ଭିଡିଓରେ ଏହି ଷ୍ଟାର ଦମ୍ପତି କୀର୍ତ୍ତନରେ ହଜି ଯାଇଥିବା ଦେଖିବାକୁ ମିଳୁଛି । ଏହି ଭିଡିଓ ଫ୍ୟାନ୍ସଙ୍କୁ ବେଶ ପସନ୍ଦ ମଧ୍ୟ ଆସିଛି ।

## ଆଗରୁ ମଧ୍ୟ କୀର୍ତ୍ତନରେ ଦେଖିବାକୁ ମିଳିଛି

ଆପଣ ହୁଏତ ଜାଣିଥିବେ, ଏହି ତାରକା ଦମ୍ପତି ପ୍ରଥମ ଥର ପାଇଁ ସଂକୀର୍ତ୍ତନରେ ଭାଗ ନେଉନାହାନ୍ତି । ପୂର୍ବରୁ ମଧ୍ୟ ଏକାଧିକ ଥର 'ବିରୁଷ୍କା' କୀର୍ତ୍ତନରେ ଭାଗ ନେଉଥିବା ଦେଖିବାକୁ ମିଳିଛି । ଅଧିକାଂଶ ସମୟ ଲଣ୍ଡନରେ ବିତାଇବାକୁ ପସନ୍ଦ କରୁଥିବା ଏହି ଯୋଡ଼ି ସେଠାରେ ମଧ୍ୟ ଅନେକ ଥର କୀର୍ତ୍ତନରେ ଭାଗ ନେଉଥିବା ଦେଖିବାକୁ ମିଳିଛି ।

# ପୁଣେ ଗସ୍ତରେ ରୋହିତ



ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତୀୟ ଦଳକୁ ଘରୋଇ ମାଟିରେ ୩୬ ବର୍ଷ ପରେ ପରାଜୟର ସାମ୍ନା କରିବାକୁ ପଡ଼ିଛି । ସିରିଜ ଜିତିବାକୁ ହେଲେ ହାତରେ ଥିବା ଆଉ ଦୁଇଟିଯାକ ଟେଷ୍ଟ ମ୍ୟାଚ ଜିତିବାକୁ ହେବ । ଏହି ସିରିଜର ଦ୍ୱିତୀୟ ଟେଷ୍ଟ ପୁଣେରେ ୨୪ ଅକ୍ଟୋବର ଗୁରୁବାର ଆରମ୍ଭ ହେବାକୁ ଥିବାବେଳେ ମୁମ୍ବାଇରେ ଖେଳାଯିବ ତୃତୀୟ ତଥା ଅନ୍ତିମ ଟେଷ୍ଟ । ଏଥିପାଇଁ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ସମେତ ଅଧିକାଂଶ ଖେଳାଳି ଏବେ ବେଙ୍ଗାଲୁରୁରୁ ସିଧାସଳଖ ପୁଣେ ଗସ୍ତ କରିଛନ୍ତି ।

# ପୂଜାରାଙ୍କ ରେକର୍ଡ ଶତକ

ରାଜକୋଟ୍,୨୧।୧୦ (ଏଜେନ୍ସି): ରାଜକୋଟ୍‌ର ଏସ୍‌ସିଏ କ୍ରିକେଟ୍ ଷ୍ଟାଡିୟମ୍‌ରେ ଚାଲିଥିବା ରଣଜୀ ଟ୍ରଫିର ଏକ ମ୍ୟାଚରେ ସୌରାଷ୍ଟ୍ର ପାଇଁ ଦ୍ୱିଶତକ ହାସଲ କରି ଇତିହାସ ରଚିଛନ୍ତି ଚେତେଶ୍ୱର ପୂଜାରା । ପ୍ରଥମ ଶ୍ରେଣୀ ଶତକ ହାସଲ କରି ୱେଷ୍ଟଇଣ୍ଡିଜ୍‌ର କ୍ରିକେଟ୍ କିମ୍ବଦନ୍ତୀ ବ୍ରାଏନ୍ ଲାରାଙ୍କୁ ସେ ପଛରେ ପକାଇ ଦେଇଥିଲେ । ରଣଜୀ ଟ୍ରଫି କ୍ୟାରିୟରରେ ଏହା ତାଙ୍କର ୨୫ ଶହ ଶତକ । ରଣଜୀ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ସୌରାଷ୍ଟ୍ର ପକ୍ଷରୁ ପୂଜାରା ୧୯୭ ବଲ୍‌ରେ ନିଜର ୬୬ତମ ପ୍ରଥମ ଶ୍ରେଣୀ ଶତକ ହାସଲ କରିଛନ୍ତି । ରଣଜୀ ଟ୍ରଫିରେ ଏଭଳି ଚମତ୍କାର ଇନିଂସ ଖେଳି ଲାରାଙ୍କୁ ପଛରେ ପକାଇଛନ୍ତି ପୂଜାରା । ପୂଜାରା ନିଜର ୬୬ତମ ଶତକ ସହ ସେ ଭାରତର ପୂର୍ବତନ କ୍ରିକେଟ୍‌ର ରାହୁଲ ଦ୍ରାବିଡଙ୍କ ରେକର୍ଡର ଆଉ ଏକ ପାଦ ନିକଟତର ହୋଇଛନ୍ତି । ଦ୍ରାବିଡ ନିଜ କ୍ୟାରିୟରରେ ୬୮ଟି ପ୍ରଥମ ଶ୍ରେଣୀ ଶତକ ହାସଲ କରିଛନ୍ତି । ସୁନୀଲ ଗାଭାସ୍କର, ସଚିନ ତେନ୍ଦୁଲକର ଓ ରାହୁଏ ଦ୍ରାବିଡଙ୍କ ପରେ ଚତୁର୍ଥ ଭାରତୀୟ ଭାବେ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଏହି ସଫଳତା ହାସଲ କରିଛନ୍ତି ପୂଜାରା ।



# ପାଲଲହଡା କପ ଫୁଟବଲ: ସେମିରେ ବିହାର, ଭୁବନେଶ୍ୱର

ପାଲଲହଡା,୨୧।୧୦ (ସବ୍ୟୁ): ଶୁକ୍ରବାରଠାରୁ ପାଲଲହଡା ଷ୍ଟାଡିୟମ ପରିସରରେ ଆରମ୍ଭ ହୋଇଥିବା ୩୬ତମ ରାଜ୍ୟସ୍ତରୀୟ ପାଲଲହଡା କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ଚତୁର୍ଥଦିନରେ ଗ୍ରୁପ ବି ର ପ୍ରଥମ ମ୍ୟାଚ ବହୁତ ଚିତାକର୍ଷକ ଓ ରୋମାଞ୍ଚକର ଥିଲା । ଆଜିର ଉଭୟ ଦଳ ପରସ୍ପରକୁ ଆକ୍ରମାଣତ୍ମକ ଢଙ୍ଗରେ ଖେଳ ଖେଳି କୌଣସି ଦଳ କେହି କାହାରିକୁ ଗୋଲ ସ୍କୋର କରିବାରେ ସଫଳ ନହେବାରୁ ଶେଷରେ ଟାଇବ୍ରେକର ସାହାଯ୍ୟରେ ଝାରସୁଗୁଡା ସେକେଣ୍ଡ ବାଟାଲିୟନ ଦଳ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଦଳକୁ ୪-୩ଗୋଲରେ ପରାସ୍ତ କରି ଗ୍ରୁପ ବି ର ପ୍ରଥମ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଉନ୍ନୀତ ହୋଇଛ । ଝାରସୁଗୁଡା ସେକେଣ୍ଡ ବାଟାଲିୟନ ଦଳର ଅଜିତ କୁଜୁମ ବିଜୟ ସୂଚକ ଗୋଲ ସ୍କୋର କରି ଓଡଏଇ ପ୍ରାୟୋଜିତ ମେନ ଅଫ ଦି ମ୍ୟାଚ ପୁରସ୍କାର ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ । ଆୟୋଜକ ପାଲଲହଡା କପ ୨୦୨୪ର ସଭାପତି ରଘୁନନ୍ଦନ ଆଚାର୍ଯ୍ୟଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଆଜିର ମ୍ୟାଚରେ ଦେବଗଡ଼ ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲା ବେଳେ ସ୍ୱତନ୍ତ୍ର ଅତିଥି ରୂପେ କର୍ତ୍ତବ୍ୟରତ ସାମ୍ବାଦିକ ସଙ୍ଘର ସଭାପତି ଖଗେଶ୍ୱର ଦାଶ, ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ହରିଶ କୁମାର ଦାସ, ତ୍ରିଲୋକ ରଞ୍ଜନ ପାଳ, ସାମ୍ବାଦିକ ରଞ୍ଜନ କୁମାର ମହାରଣା, କେନ୍ଦ୍ରୀୟ ପୂଜା କମିଟି ସମ୍ପାଦକ ସୁଶିଲ କୁମାର ସାମଲ ଏବଂ କ୍ରୀଡା ସଂସଦ ସମ୍ପାଦକ ନରେନ୍ଦ୍ର କୁମାର ଭୁକ୍ତା ପ୍ରମୁଖ ଯୋଗଦେଇ ଥିଲେ । ଆଜିର ଖେଳକୁ ରେଫରୀ ସଲିଳ କୁମାର ବେହେରା ପରିଚାଳନା କରୁଥିଲାବେଳେ ତାଙ୍କୁ ସହାୟତା ପ୍ରଦାନ କରିଥିଲେ । ଅନ୍ୟତମ ରେଫରୀ ଶିବଶଙ୍କର ସାମନ୍ତରାୟ, ଚନ୍ଦନ କୁମାର ସାହୁ ଏବଂ ଭୋଳେଶ୍ୱର ଗାଗରାଇ । ଆଜିର ଖେଳ ଦେଖିବାକୁ ପ୍ରବଳ ଜନସାମଗମ ହୋଇଥିଲା । ଆସନ୍ତାକାଲି ଗ୍ରୁପ ବି ର ଦ୍ୱିତୀୟ ମ୍ୟାଚ ରବିହାର ପାଟଣା ଏକାଦଶ ଓ ଭୁବନେଶ୍ୱର କିଶୋର କ୍ଲବ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର କୋଷାଧକ୍ଷ ଅଭୟ କୁମାର ନାଏକ ଓ ସଂଯୋଜକ ହରିହର ବେହେରାଙ୍କ ସୂତ୍ରରୁ ପ୍ରକାଶ ।



# ବର୍ଡର-ଗାଭାସ୍କର ଟ୍ରଫି ପାଇଁ ମହମ୍ମଦ ସାମି ପ୍ରସ୍ତୁତ

ମୁମ୍ବାଇ,୨୧।୧୦ (ଏଜେନ୍ସି): ଦିନିକିଆ ବିଶ୍ୱକପ ପରେ ଆହତ ହୋଇଥିବା ସାମି ଏବେ ସଂପୂର୍ଣ୍ଣ ଭାବେ ଯନ୍ତ୍ରଣା ମୁକ୍ତ ହୋଇଥିବା ଦାବି କରିଛନ୍ତି । ଏଥିସହ ସେ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ପ୍ରସ୍ତୁତ ଥିବା ସଙ୍କେତ ଦେଇଛନ୍ତି । ଭାରତୀୟ ଟିମର ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ଫିଟନେସକୁ ନେଇ ସସପେନ୍ସ ବଢ଼ିବାରେ ଲାଗିଛି । ନଭେମ୍ବର ୨୨ରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବାକୁ ଥିବା ବର୍ଡର-ଗାଭାସ୍କର ଟ୍ରଫିରେ ସେ ଖେଳିବେ କି ନାହିଁ, ତା'କୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି । ଏସବୁ ଭିତରେ ନିଜର ଫିଟନେସକୁ ନେଇ ବଡ଼ ତଥ୍ୟ ଦେଇଛନ୍ତି ନିଜେ ସାମି । ଦିନିକିଆ ବିଶ୍ୱକପ ପରେ ଆହତ ହୋଇଥିବା ସାମି ଏବେ ସଂପୂର୍ଣ୍ଣ ଭାବେ ଯନ୍ତ୍ରଣା ମୁକ୍ତ ହୋଇଥିବା ଦାବି କରିଛନ୍ତି । ଏଥିସହ ସେ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ପ୍ରସ୍ତୁତ ଥିବା ସଙ୍କେତ ଦେଇଛନ୍ତି । ବେଙ୍ଗାଲୁରୁରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ ପରେ ସାମି ନେଟ୍ସରେ ଫୁଲ ଦମରେ ବୋଲିଂ କରିଛନ୍ତି । ସେ ନିଜ ଫିଟନେସର ପ୍ରମାଣ ସମସ୍ତଙ୍କୁ ଦେଖାଇବାକୁ ଚେଷ୍ଟା କରିଛନ୍ତି । ଏହାପରେ ସାମି ଜୋରଦାର ଅଭ୍ୟାସ କରି ସେ ଫିଟ ଥିବା ସମସ୍ତଙ୍କୁ ଜଣାଇବାକୁ ଚେଷ୍ଟା କରିଛନ୍ତି । ସୋମବାର ସେ ଗୋଟିଏ କାର୍ଯ୍ୟକ୍ରମରେ ସାମିଲ ହୋଇ କହିଛନ୍ତି ଯେ ରବିବାର ମୁଁ ଯେଉଁ ଭଳି ବୋଲିଂ କରିଛି, ସେଥିରେ ମୁଁ ବହୁତ ଖୁସି । ଏହାପୂର୍ବରୁ ମୁଁ ଅଧା ରନ ଅପରୁ ବୋଲିଂ କରୁଥିଲି । ହେଲେ ଗତକାଲି ମୁଁ ଫୁଲ ରନଅପ ନେଇଥିଲି ଓ ୧୦୦% ଦେଇ ବୋଲିଂ କରିଥିଲି । ଏହାର ଫଳ ବେଶ ଭଲ ଆସିଛି । ମୁଁ ବର୍ତ୍ତମାନ ପୂରା ଯନ୍ତ୍ରଣା ମୁକ୍ତ ରହିଛି । ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଖେଳିବାକୁ ମୁଁ ଯାଇ ପାରିବି କି ନାହିଁ, ତା'କୁ ନେଇ ବେଶ ଚର୍ଚ୍ଚା ହେଉଛି । କିନ୍ତୁ ଏଥିପାଇଁ ବେଶ ସମୟ ରହିଛି । ଅଷ୍ଟ୍ରେଲିଆ ଭଳି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସିରିଜ ପାଇଁ ଶାମିଙ୍କ ଭଳି ଜଣେ ଅଧା ଠିକ ହୋଇଥିବା ବୋଲରଙ୍କୁ ନେବା ଠିକ ହେବ ନାହିଁ ବୋଲି ମଧ୍ୟ ରୋହିତ କହିଥିଲେ । ହେଲେ ସାମି ଏବେ ଫିଟ ଥିବା କହିଛନ୍ତି । ଫର୍ମ ପାଇବା ପାଇଁ ସାମି ବେଙ୍ଗଲ ପାଇଁ କିଛି ରଣଜୀ ଟ୍ରଫି ମ୍ୟାଚ୍ ଖେଳିବାକୁ ଆଗ୍ରହ ଦେଖାଇଥିଲେ ।

## ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Rakesh Chandra Mohanty: ମୁଖ୍ୟ ସମ୍ପାଦକ: ରାକେଶ ଚନ୍ଦ୍ର ମହାନ୍ତି। Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି